ଆମର ପ୍ରତିବଦ୍ଧତା

ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

Approved by DAVP Govt. of India

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

QR Code Scan for Play NTv(24X7) Channel on Your Mobile Phone

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Ntv Nishkarsha @Ntv_Nishkarsha
www.nishkarsha.com
www.nishkarsha.site
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 07 ♦ ISSUE-12 ♦ CUTTACK ♦ WEEKLY ♦ 23 TO 29 - MARCH 2026 ♦ 8 PAGE ♦ RATE- 5/- ■ ବର୍ଷ - ୦୭ ♦ ସଂଖ୍ୟା - ୧୨ ♦ କଟକ ♦ ସାପ୍ତାହିକ ♦ ୨୩ ରୁ ୨୯ - ମାର୍ଚ୍ଚ ୨୦୨୬ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ବିଧାନସଭାରେ ଥମୁନି ଏସ୍‌ସିବି ତାତି



■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ବିରୋଧୀ

■ ବିରୋଧୀ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି : ବିଜେପି

**ଭୁବନେଶ୍ୱର(ଏନ୍.ଏମ୍.) :** ବିଧାନସଭାରେ ଥମିନି ଏସସିବି ନିଆଁ। ୨୪ ବର୍ଷ ଧରି କ୍ଷମତାରେ ରହିଥିବା ବିଜେଡି ତା'ର ଅପାରଗ ପଣିଆକୁ ଲୁଚାଇବାକୁ ଶାସକ ବିଜେପି ଉପରେ ଦୋଷ ଲଦୁଛି ତ ଶାସକ ଦଳ ଏସସିବିର କିଛି ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ଦୋଷଛଡ଼ା ହେବାକୁ ଚେଷ୍ଟା କରୁଛି । ଏସବୁ ଭିତରେ ବିଜେଡି କିନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ି ବସିଛି । ଏହି କ୍ରମରେ ବିଧାନସଭାରେ ବିରୋଧୀଦଳର ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କଟୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି କି, ଯଦି ସ୍ୱାସ୍ଥ୍ୟମନ୍ତ୍ରୀଙ୍କର ନୈତିକତା ଥାନ୍ତା ତେବେ ୧୩ ଜଣ ରୋଗୀ ପୋଡ଼ି ମରିଯିବା ପରେ ବି ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେଇ ବିରୋଧୀଙ୍କୁ ସମାଲୋଚନା କରିବାର ସୁଯୋଗ ଦେଇଛନ୍ତି । ଏହାସହ ପ୍ରମିଳାଙ୍କ ଯୁକ୍ତି ରହିଛି କି, ବିଜେଡି ସରକାରରେ ଏକ ଘରୋଇ ହସ୍ପିଟାଲରେ ନିଆଁ ଲାଗିବା ଘଟଣାରେ ଆମ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ । ହସ୍ପିଟାଲର ମାଲିକଙ୍କୁ ବି ଗିରଫ କରାଯାଇଥିଲା । ଏହି କ୍ରମରେ ଏ ସରକାରର ଯଦି ନୈତିକତା ରହିଛି ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେବା ସହ ଏସସିବି ନିର୍ଦ୍ଦେଶକଙ୍କୁ ଗିରଫ କରାଯାଉ । ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେବା ଯାଏଁ ବିଜେଡି ପ୍ରତିବାଦ ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି ପ୍ରମିଳା ମଲ୍ଲିକ । କେବଳ ବିଜେପି ନୁହେଁ ଗଣମାଧ୍ୟମ ଉପରେ ବି ବର୍ଷିଛନ୍ତି ପ୍ରମିଳା ମଲ୍ଲିକ । ସେ କହିଛନ୍ତି ଯେ ବିଜୁ-ନବୀନ ଟ୍ରଷ୍ଟ ନେଇ କିଛି ଗଣମାଧ୍ୟମ ସରକାରଙ୍କ ପକ୍ଷରେ ସମ୍ବାଦ ପରିବେଷଣ କରୁଛନ୍ତି । ପ୍ରମିଳାଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ । ସେ କହିଛନ୍ତି କି, ଟ୍ରଷ୍ଟ ପ୍ରସଙ୍ଗକୁ ଲୋକଙ୍କ ଦୃଷ୍ଟି ଆଢୁଆଳ କରିବାକୁ ବିଜେଡି ଏସସିବି ପ୍ରସଙ୍ଗ ଉପରେ ଅଡ଼ି ବସିଛି । ବିଧାନସଭା ଚଳାଇ ଦେବାର ମାନସିକତା ବିରୋଧୀଙ୍କର ନାହିଁ । ଜନହିତକର କାର୍ଯ୍ୟ ପାଇଁ ପ୍ରଶ୍ନକାଳ ଓ ଶୂନ୍ୟକାଳରେ ଆଲୋଚନା ହେବାର ଆବଶ୍ୟକତା ରହିଛି । ମୁଲତବୀ ପ୍ରସ୍ତାବ ବେଳେ ଯଦି ବିରୋଧୀ ଏସସିବି ପ୍ରସଙ୍ଗ ଉଠାଇଥାନ୍ତେ, ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ତାର ଉତ୍ତର ଦେଇଥାନ୍ତେ । ଘଟଣାରେ ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଓ ମୃତକଙ୍କ ପରିବାରକୁ ସହାୟତା ଦେଇଛନ୍ତି । ଠିକ୍ ସେହିପରି ଏସସିବି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଭାରତରେ ପହଞ୍ଚିଲା ଅଶୋଧିତ ତୈଳ ଜାହାଜ




**ନୂଆଦିଲ୍ଲୀ (ଏଜେନ୍ସି) :** ସମୁଦ୍ର ପଥରେ ଯୁଦ୍ଧର ବିଭୀଷିକା ମଧ୍ୟରେ ଭାରତୀୟ ନୌସେନାର ଅଦମ୍ୟ ସାହସ । ଇରାନ-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ମିସାଇଲ ମାଡ଼ ଓ ଉତ୍ତେଜନା ଭିତରୁ ୮୦, ୮୦୦ ଟନ୍ ଅଶୋଧିତ ତୈଳ ଧରି ସୁରକ୍ଷିତ ଭାବେ ଭାରତରେ ପହଞ୍ଚିଛି ତୈଳବାହୀ ଜାହାଜ 'ଜଗ ଲାଡକୀ' । ବୁଧବାର ସକାଳେ ଏହି ଭାରତୀୟ ଜାହାଜଟି ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ସୂଚନା ଅନୁଯାୟୀ, ଯେତେବେଳେ ସଂଯୁକ୍ତ ଆରବ ଏମିରେଟ୍ସର ଫୁଜୈରା ବନ୍ଦରରେ 'ଜଗ ଲାଡକୀ'ରେ ଅଶୋଧିତ ତୈଳ ଲୋଡ୍ କରାଯାଉଥିଲା, ଠିକ୍ ସେହି ସମୟରେ ଇରାନ ପକ୍ଷରୁ ସେଠାରେ ଭୟଙ୍କର ଆକ୍ରମଣ ହୋଇଥିଲା । ଶନିବାର ହୋଇଥିବା ଏହି ଆକ୍ରମଣ ଯୋଗୁଁ କିଛି ସମୟ ପାଇଁ ତୈଳ କାରବାର ବନ୍ଦ କରିବାକୁ ପଡ଼ିଥିଲା । ମାତ୍ର, ଭାରତୀୟ ନୌସେନାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜାହାଜ ସହିତ ସମସ୍ତ ଭାରତୀୟ ନାବିକ ସୁରକ୍ଷିତ ରହିଥିଲେ । ଇରାନ ଯୁଦ୍ଧ ପରିସ୍ଥିତି ପରେ ଭାରତକୁ ସଫଳତାର ସହ ଫେରିବାରେ ଏହା ତୃତୀୟ ବଡ଼ ଜାହାଜ । ଶିବାଲିକ ପ୍ରଥମ ଏଲପିଜି ଟ୍ୟାଙ୍କର, ଯିଏ ସୋମବାର ମୁନ୍ଦ୍ରା ପହଞ୍ଚିଥିଲା । ନନ୍ଦା ଦେବୀ ଦ୍ୱିତୀୟ ଏଲପିଜି ଟ୍ୟାଙ୍କର, ଯିଏ ମଙ୍ଗଳବାର କାଣ୍ଡଲା ବନ୍ଦରରେ ପହଞ୍ଚିଥିଲା । ଜଗ ଲାଡକୀ ତୃତୀୟ ଅଶୋଧିତ ତୈଳ ଟ୍ୟାଙ୍କର, ଯିଏ ଆଜି ମୁନ୍ଦ୍ରାରେ ପହଞ୍ଚିଛି । 'ଜଗ ଲାଡକୀ'ର ଅର୍ଥ ହେଉଛି 'ଦୁନିଆର ଗେହ୍ଲା ଝିଅ' । ଏହି ବିଶାଳକାୟ ଟ୍ୟାଙ୍କରଟି ୨୦୧୦ ମସିହାରେ ନିର୍ମିତ ହୋଇଥିଲା । ଏହା ଭାରତର ଅଗ୍ରଣୀ ସିପିଂ କମ୍ପାନୀ 'ଗ୍ରେଟ୍ ଇଷ୍ଟର୍ଣ୍ଣ ସିପିଂ କମ୍ପାନୀ ଲିମିଟେଡ୍' ର ଏକ ଅଂଶ । ଏହି ଜାହାଜ ମୁଖ୍ୟତଃ ଭାରତ ଏବଂ ୟୁଏଇ, ଇରାକ ଓ ସାଉଦି ଆରବ ମଧ୍ୟରେ ବାଣିଜ୍ୟିକ କାରବାର କରେ । ସୁରକ୍ଷିତ ଭାବେ ତିନୋଟି ଜାହାଜ ଫେରିଥିଲେ ମଧ୍ୟ ସଙ୍କଟ ଏଯାଏଁ ଟଳିନାହିଁ ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଓଡ଼ିଶା ମାଟିତଳେ ହୀରା ଭଣ୍ଡାର : ମନ୍ତ୍ରୀ

**ନୂଆପଡ଼ାରେ ହୀରା, କଳାହାଣ୍ଡିରେ ମାଣିକ**




ରାଜ୍ୟରେ ହୀରା ଖଣିର ସନ୍ଧାନ ମିଳିଛି । ନୂଆପଡ଼ା

**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶା ହେଉଛି ରତ୍ନଗର୍ଭା । ଏହାର ମାଟି ତଳେ ଅନେକ ମୂଲ୍ୟବାନ ରତ୍ନ ରହିଛି । କେବଳ ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ ନୁହେଁ, ସୁନା ଓ ହୀରା ମଧ୍ୟ ରହିଛି । ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଦେଇଥିବା ସୂଚନା ଅନୁସାରେ ବ୍ଲକ୍‌ର କଲମିଦାଦର ଅଞ୍ଚଳରେ ହୀରା ଥିବା ପଥରର ସନ୍ଧାନ କରାଯାଇଛି । ବିଶେଷଜ୍ଞମାନେ ବର୍ତ୍ତମାନ ତାହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗର ଅନୁଶୀଳନ କରୁଛନ୍ତି । ମନ୍ତ୍ରୀଙ୍କ ଉତ୍ତର ଅନୁସାରେ କଳାହାଣ୍ଡି ଜିଲ୍ଲାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଟ୍ରଷ୍ଟ ଗଠନ ନେଇ ସ୍ୱଷ୍ଟୀକରଣ ରଖିଲେ ନବୀନ

**ହାଇକୋର୍ଟରେ ପହଞ୍ଚିଲା ବିବାଦ**

**ଭୁବନେଶ୍ୱର(ଏନ୍.ଏମ୍.) :** ଶେଷରେ ସତ ମାନିଲେ ନବୀନ । ଟ୍ରଷ୍ଟ ଗଠନ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱଷ୍ଟୀକରଣ ରଖିଛନ୍ତି । ସେ କହିଛନ୍ତି ବେକ ଅପରେସନ ପାଇଁ ମୁମ୍ବାଇ ପୂର୍ବରୁ ପ୍ରଥମେ ଦିଲ୍ଲୀ ଯାଇଥିଲି । ସେଠି ଅନେକ ବଡ଼ ବଡ଼ ଓକିଲ ଏବଂ ସିଏଙ୍କୁ ଭେଟି ମୁଁ ବିଜୁ ବାବୁଙ୍କ ନାଁରେ ଏକ ଟ୍ରଷ୍ଟ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲି । ମୋ ନିଜ ପାଣ୍ଠିରୁ ୧ ଲକ୍ଷ ଟଙ୍କାର ଛୋଟ ଅର୍ଥ ରାଶିରୁ ଟ୍ରଷ୍ଟ ଆରମ୍ଭ କରିଥିଲି । ବିଜେଡି କିମ୍ବା ଅନ୍ୟ ଦଳୀୟ ପାଣ୍ଠି ସହ ଏହାର କିଛି ସମ୍ପର୍କ ନାହିଁ । ମୁଁ ପୁଣି କହୁଛି, ମୁଁ କଟକ ଏସସିବି ହସ୍ପିଟାଲ ଯାଇଥିଲି । ଅଧିକ ଲୋକ ମଲେ । ମୋ ସରକାର ସମୟରେ ଘରୋଇ ହସ୍ପିଟାଲରେ ନିଆଁ ଲାଗିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ ଇସ୍ତଫା ଦେଲେ । ହେଲେ ସରକାରୀ ହସ୍ପିଟାଲରେ ନିଆଁ ଲାଗିଲା । ବିଜେପି ସରକାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା କରାଇ ଦେଲେନି । ଏହା ଚିନ୍ତାଜନକ । ରାଜ୍ୟର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ପାଇଁ ସରକାର ପଦକ୍ଷେପ ନେବା କଥା । ଠିକ୍ ସେହିପରି ହାଇକୋର୍ଟରେ ପହଞ୍ଚିଲା ବିଜୁ-ନବୀନ ଇନସପିରେସନାଲ୍

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

**ରାଜ୍ୟ ବିଜେପିରେ ବଢୁଛି କର୍ମୀଙ୍କ ଅସନ୍ତୋଷ**

# ନିଗମ ଓ ବୋର୍ଡ଼ରେ ପଦପଦବୀ ଘୋଷଣା ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି




**ଭୁବନେଶ୍ୱର(ଏନ୍.ଏମ୍.) :** ନୂଆପଡ଼ା ଉପ ନିର୍ବାଚନ, ରାଜ୍ୟସଭା ନିର୍ବାଚନ ସରିଲା, ରାଜ୍ୟ ଓ ଜିଲା ସଙ୍ଗଠନ ବି ସଜଡ଼ା ହୋଇଗଲା । କିନ୍ତୁ ଶାସକ ବିଜେପି ନେତାଙ୍କ ନିଗମ, ବୋର୍ଡରେ ଥଇଥାନ ହେବା ଆଶା ଅଧୁରା ରହିଗଲା । ତାଲିକା ଚୂଡ଼ାନ୍ତ ହୋଇଛି, ଦିଲ୍ଲୀର ମୋହର ବି ବାଜିଛି ବୋଲି କୁହାଯାଉଛି । କିନ୍ତୁ ସତେ ଯେପରି କୌଣସି ଅଦୃଶ୍ୟ କାରଣ ପାଇଁ ନିଗମ, ବୋର୍ଡ ପାଇଁ ପଦାଧିକାରୀଙ୍କ ନାମ ଘୋଷଣା ହୋଇପାରୁ ନାହିଁ । ୨୦ ମାସ ଧରି ଲଡୁ ଆଶାରେ ଥିବା ନେତାଙ୍କ ଧୈର୍ଯ୍ୟଚ୍ୟୁତ ହେଲାଣି ।

ବହୁ ପରିଶ୍ରମ କରି ବିଜେଡିର ୨୪ ବର୍ଷ ଶାସନର ଅନ୍ତ ଘଟାଇବା ସହିତ ବିଜେପିକୁ କ୍ଷମତାସୀନ କରାଇଥିବା ନେତା ଓ କର୍ମୀ ବିଭିନ୍ନ ପଦପଦବୀ ପାଇବା ପାଇଁ ଆଶା ରଖିଥିଲେ । ପୁରସ୍କାର ସ୍ୱରୂପ ସେମାନଙ୍କୁ ୪୦ରୁ ଅଧିକ ନିଗମ, ବୋର୍ଡରେ ମନଲୋଭା ପଦ ମିଳିବ ବୋଲି କୁହାଗଲା । ରାଜ୍ୟ ବିଜେପି ସଭାପତିଙ୍କଠାରୁ ଆରମ୍ଭ କରି ରାଜ୍ୟ ପ୍ରଭାରୀ ସମସ୍ତେ ଶୀଘ୍ର ଘୋଷଣା ହୋଇଯିବ ବୋଲି ବାରମ୍ବାର କହିଥିଲେ । ଦିଲ୍ଲୀରେ ବି ଏକାଧିକ ଥର ଏ ବିଷୟରେ ଆଲୋଚନା ହେଲା, ରାଜ୍ୟରୁ ଯାଇଥିବା ନେତାଙ୍କ ତାଲିକାକୁ ସବୁଜ ସଙ୍କେତ ମିଳିଲା । ନୂଆ ବର୍ଷରେ ବହୁତ କିଛି ନୂଆ ଘଟିବାକୁ ଯାଉଛି ବୋଲି ନିକଟରେ ରାଜ୍ୟ ସଭାପତି ଗଣମାଧ୍ୟମରେ କହି ଶିଥିଳ ହୋଇ ପଡ଼ିଥିବା ଆଶାୟୀଙ୍କ ଉତ୍ସାହ ବଢ଼ାଇ ଥିଲେ । ନେତାମାନଙ୍କ ମନରେ ବିଶ୍ୱାସ ଜନ୍ମିଲା, ବିଳମ୍ବରେ ହେଲେ ମଧ୍ୟ ପଦଟିଏ ମିଳିବ, କିନ୍ତୁ ରାଜ୍ୟ ସଭାପତି ରାଜ୍ୟସଭାକୁ ନିର୍ବାଚିତ ହୋଇ ଚାଲିଗଲେ, ଅନୁଗତଙ୍କ ହାତ ଖାଲି ରହିଗଲା । ନେତାଙ୍କୁ ପଦ ମିଳିବ କ'ଣ ଗତ ଫେବୃଆରୀରେ କିଛି ପ୍ରଶାସନିକ ଅଧିକାରୀଙ୍କୁ ଏକାଧିକ ନିଗମ, ବୋର୍ଡରେ ନିଯୁକ୍ତି ଦେଇଦେଲେ । ଏବେ ରାଜ୍ୟସଭା ନିର୍ବାଚନ ସରିବା ପରେ ପରେ ଛାମୁଆ ସଙ୍ଗଠନରେ ପାର୍ଟିର ରାଜ୍ୟ ଓ ଜିଲାସ୍ତରୀୟ ନେତାଙ୍କୁ ନିଯୁକ୍ତି ଦିଆଯାଇଛି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନର ସହିତ ବଞ୍ଚିବା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ : ପୈତୃକ କୋଠାର ତଳ ମହଲା ବାପାଙ୍କୁ ଦିଅ

**କଟକ(ଏନ୍.ଏମ୍.) :** ବରିଷ୍ଠ ନାଗରିକ ତଥା ଅଭିଭାବକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ମାତା-ପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଏବଂ ଏ ସଂପର୍କିତ ୨୦୦୯ର ନିୟମାବଳୀର ପ୍ରାଥମିକ ଉଦ୍ଦେଶ୍ୟ । ବରିଷ୍ଠ ନାଗରିକ ସୁରକ୍ଷିତ ଭାବେ ତଥା ସମ୍ମାନର ସହିତ ବଞ୍ଚି ରହିବାକୁ ଯେପରି ସକ୍ଷମ ହେବେ ସେଥିପାଇଁ ଏହି ଅଧିନିୟମ ଅଧୀନରେ ନିର୍ଦ୍ଦେଶନାମା ଜାରି ପାଇଁ ବ୍ୟବସ୍ଥା ରହିଛି ବୋଲି ହାଇକୋର୍ଟ କହିଛନ୍ତି । ଏଥିସହ ଭୁବନେଶ୍ୱର ବରମୁଣ୍ଡା ଗ୍ରାମର ଜଣେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଭାବେ ରହିବା ପାଇଁ ପୈତୃକ ଜାଗାରେ ନିର୍ମିତ ଦୁଇ ମହଲା କୋଠାର ତଳ ମହଲା ହସ୍ତାନ୍ତର ପାଇଁ ତାଙ୍କ ପୁଅଙ୍କୁ ଭୁବନେଶ୍ୱର ଉପଜିଲ୍ଲାପାଳ ତଥା ସବ୍ଡିଭିଜନାଲ୍ ଟ୍ରିବ୍ୟୁନାଲ୍ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି । ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପଜିଲ୍ଲାପାଳଙ୍କ ୨୦୨୫ ଅଗଷ୍ଟ ୭ର ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାକୁ ଖାରଜ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୦୭ ଅଧିନିୟମ ଅଧୀନରେ ଆବେଦନକାରୀ ବରିଷ୍ଠ ନାଗରିକ ତାଙ୍କ ସାନ ପୁଅ ବିରୋଧରେ ଦାୟର କରିଥିବା ଆବେଦନର ଭୁବନେଶ୍ୱର ଉପଜିଲ୍ଲାପାଳ ଶୁଣାଣି କରି ୨୦୨୫ ଅଗଷ୍ଟ ୭ରେ ରାୟ ପ୍ରକାଶ କରିଥିଲେ । ଉଭୟ ଆବେଦନକାରୀ ଓ ତାଙ୍କ ପୁଅ ବରମୁଣ୍ଡା ଘରେ ଶାନ୍ତିପୂର୍ଣ୍ଣ ଭାବେ ରହିବେ । ପୁଅ ବାପାଙ୍କୁ ଗାଳିଗୁଲଜ ତଥା ଧମକ ଦେବା ବନ୍ଦ କରିବା ସହିତ ସମ୍ମାନ ପ୍ରଦର୍ଶନ କରିବେ । ବାପା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►




# କ୍ରସ ଭୋଟିଂ : ୬ଜଣ ବିଧାୟକଙ୍କୁ ନିଲମ୍ବନ କଲା ବିଜେଡି

**ଭୁବନେଶ୍ୱର/କଟକ(ଏନ୍.ଏମ୍.) :** ରାଜ୍ୟସଭା ନିର୍ବାଚନରେ ଏଥର ରୋଚକ ଘଟଣା ଦେଖିବାକୁ ମିଳିଛି । ଦୀର୍ଘ ବର୍ଷର ବ୍ୟବଧାନ ପରେ ଏକାଥରକେ ୪ଟି ଆସନ ପାଇଁ ମତଦାନ ହୋଇଥିବାରୁ ଓଡ଼ିଶାର ରାଜନେ ?ତିକ ଦଳଗୁଡ଼ିକ ବେଶ୍ ସକ୍ରିୟ ଥିଲେ । ରାଜ୍ୟସଭାରେ ନିଜର ସଦସ୍ୟ ସଂଖ୍ୟା ବଢ଼ାଇବା ପାଇଁ ଉଦ୍ୟମ କରିଥିଲେ । ସେଥି ପାଇଁ ସ୍ୱତନ୍ତ୍ର ରଣନୀତି ମଧ୍ୟ କରିଥିଲେ । କିନ୍ତୁ କିଛି ରାଜନୈତିକ ଦଳର ବିଧାୟକମାନେ କ୍ରସ ଭୋଟିଂ କରିବାକୁ ପଡ଼ିଥିଲା । ବିଶେଷ ଭାବରେ କିଛି ବିଧାୟକମାନେ ତାଙ୍କର ବାପାଙ୍କୁ ଅତୀତରେ ଦିଆଯାଇଥିବା ଅପମାନକୁ ଭୁଲି ପାରି ନାହାନ୍ତି । ଏହି ତାଲିକାରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଂଜନ ତ୍ରିପାଠୀ, ପ୍ରଭାତ ବିଶ୍ୱାଳଙ୍କ ପୁଅ ସେ ?ଭିକ ବିଶ୍ୱାଳ, ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଓ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ ଅଛନ୍ତି ।

ବିଧାନସଭା ନିର୍ବାଚନ-୨୦୨୪ ତୁଳନାରେ ରାଜ୍ୟସଭା ନିର୍ବାଚନରେ ବିଜେଡିକୁ ଅଧିକ କ୍ଷତି ହୋଇଛି । ବିଜେଡି ବିଧାୟକ ଦଳୀୟ ହ୍ୱିପକୁ ଅବମାନନା କରି କ୍ରସ୍ ଭୋଟିଂ କରିଛନ୍ତି । ପାଖାପାଖି ୮ ଜଣ ବିଜେଡି ବିଧାୟକ କ୍ରସ୍ ଭୋଟିଂ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

**ସୁନ୍ଦରଗଡ଼ରେ ନିଃସହାୟ ବୃଦ୍ଧବୃଦ୍ଧାଙ୍କୁ ଅଣଦେଖା**

# ଅତ୍ୟାଧୁନିକ ବୃଦ୍ଧାଶ୍ରମରେ ତାଲା, ଖର୍ଚ୍ଚ ହୋଇଛି ୨୩ କୋଟିରୁ ଅଧିକ



**ରାଉରକେଲା(ଏନ୍.ଏମ୍.) :** ସୁନ୍ଦରଗଡ଼ର ଅବହେଳିତ ବୃଦ୍ଧବୃଦ୍ଧାଙ୍କ ପାଇଁ ପୂର୍ବ ସରକାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସରେ ନିର୍ମାଣ କରିଥିଲେ ଅତ୍ୟାଧୁନିକ ବୃଦ୍ଧାଶ୍ରମ । ଯାହାର ନାମ ରହିଛି ବେଦବ୍ୟାସ ହାଉସ୍ । ଲକ୍ଷ୍ୟ ଥିଲା ଜିଲ୍ଲାର ନିଃସହାୟ ବୃଦ୍ଧାବୃଦ୍ଧାଙ୍କୁ ସାଧାରଣ ଜୀବନଯାପନ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ସେମାନଙ୍କୁ ରହିବା ସହ ମାଗଣାରେ ଖାଇବା ବ୍ୟବସ୍ଥା କରାଯିବ । ଫିଟ୍ ରହିବାକୁ ଯୋଗକେନ୍ଦ୍ର, କ୍ରୀଡ଼ା ସହ ସମୟ ଅତିବାହିତ କରିବାକୁ ପାଠାଗାର ନିର୍ମାଣ ହୋଇଛି । ୪ ଏକର ଜମିରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିରୁ ପାଖାପାଖି ୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ନିର୍ମାଣକୁ ଇତିମଧ୍ୟରେ ତିନି ବର୍ଷ ବିତିଯାଇଥିଲେ ହେଁ କାର୍ଯ୍ୟକ୍ଷମ ହେଉନି ; ତାଲା ଝୁଲିଛି । ୨୦୦ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମକୁ କେବଳ ସୁରକ୍ଷାକର୍ମୀ ଜଗି ରହୁଛନ୍ତି । ଆଶ୍ଚର୍ଯ୍ୟ କଥା, ଯେତେବେଳେ ରାଉରକେଲାରେ କୌଣସି ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେଉଛି । ସେଠାରେ ଖେଳାଳିମାନଙ୍କୁ ରଖାଯାଉଛି । ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ଗରିବ ଓ ଅବହେଳିତ ବୃଦ୍ଧବୃଦ୍ଧା ଆଶ୍ରମକୁ ରହିବାକୁ ଆସୁଛନ୍ତି । ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରିଯାଉଛନ୍ତି । ଜିଲ୍ଲାର ପ୍ରଥମ ଅତ୍ୟାଧୁନିକ ବୃଦ୍ଧାଶ୍ରମ ଥାଇ ଅନେକ ବୃଦ୍ଧବୃଦ୍ଧା ରାସ୍ତାପାର୍ଶ୍ୱ, ବାରଣ୍ଡାରେ ରାତି କାଟୁଛନ୍ତି । ଯିଏ ଯାହା ଦେଲା ଖାଉଛନ୍ତି, ନ ପାଇଲେ ଉପବାସରେ ରହୁଛନ୍ତି । ପୂର୍ବ ସରକାର ସମୟରେ ତତ୍କାଳୀନ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଉଦ୍ୟମରେ ୨୦୨୦ ମେ ମାସରେ ୨୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ବୃଦ୍ଧାଶ୍ରମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥି ପାଇଁ ୨୩କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ହୋଇଥିବାବେଳେ ଏଥିରେ ଯୋଗ କେନ୍ଦ୍ର, କ୍ରୀଡ଼ା ଓ ପାଠାଗାର ବ୍ୟବସ୍ଥା ରହିଛି ।

୨୦୨୧ ମେ ଶେଷ ସୁଦ୍ଧା ସରିବାକୁ ଥିଲେ ହେଁ ତିନି ବର୍ଷ ପରେ ଅର୍ଥାତ୍ ୨୦୨୪ ସୁଦ୍ଧା ଶେଷ ହୋଇଥିଲା । ସେବେଠୁ ଆଜି ପର୍ଯ୍ୟନ୍ତ ବୃଦ୍ଧାଶ୍ରମକୁ କାର୍ଯ୍ୟକ୍ଷମ ନ କରିବା ପଛରେ କ'ଣ କାରଣ ରହିଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ କହିଛନ୍ତି, ନିକଟରେ ଏ ସଂକ୍ରାନ୍ତରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ଆଲୋଚନା କରି ଶୀଘ୍ର ଉଦ୍ଘାଟନ କରିବାକୁ କହିଥିଲେ । କାହିଁକି ଏ ପର୍ଯ୍ୟନ୍ତ ଖୋଲାଯାଇ ନାହିଁ, ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଖୋଲିବାକୁ ପଦକ୍ଷେପ ନେବ । ବିଜେଡିର ବରିଷ୍ଠ ନେତା ଜୟନ୍ତ ମିଶ୍ର କହିଛନ୍ତି, ଅତ୍ୟାଧୁନିକ ବୃଦ୍ଧାଶ୍ରମ କେବଳ ସୁନ୍ଦରଗଡ଼ର ପ୍ରଥମ ନୁହେଁ ରାଜ୍ୟର ଅନ୍ୟତମ । ଜିଲ୍ଲାର ଅବହେଳିତ ବୃଦ୍ଧବୃଦ୍ଧାଙ୍କୁ ଶେଷ ସମୟରେ ସାଧାରଣ ଜୀବନଯାପନ ପାଇଁ ବୃଦ୍ଧାଶ୍ରମକୁ ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି ।

# ମେ' ୩୧ରେ ବି.ଏଡ଼, ଜୁନ ୩ରେ ଏମ. ଏଡ଼ ଏବଂ ବି. ଏଚ. ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା



**ଭୁବନେଶ୍ୱର(ଏନ୍.ଏମ୍.) :** ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଦୁଇ ବର୍ଷିଆ ବି. ଏଡ଼, ଏମ. ଏଡ଼, ବି.ଏଚ.ଏଡ଼ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଯିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦୁଇ ବର୍ଷିଆ ବି. ଏଡ଼, ଏମ. ଏଡ଼, ବି.ଏଚ.ଏଡ଼ ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ଚୟନ ପ୍ରବେଶିକା ପରୀକ୍ଷା ମାଧ୍ୟମରେ କରାଯିବ । ଉକ୍ତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ୨୩ ମାର୍ଚ୍ଚ, ୨୦୨୬ ଠାରୁ ୬ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ Common Application Form (CAF) ପୂରଣ କରିପାରିବେ ।

ଆବେଦନକାରୀଙ୍କ ସମସ୍ତ ତଥ୍ୟ ଓକାକ ପକ୍ଷରୁ ଏପ୍ରିଲ ୧୩ ତାରିଖ ଦିନ ପରୀକ୍ଷାପରିଚାଳନା କରିଥିବା ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଝଝଇ)କୁ ପ୍ରଦାନ କରାଯିବ । ମେ' ୨୭ ତାରିଖରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ୍ କାର୍ଡ଼ ଉପଲବ୍ଧ ହେବ । ମେ' ୩୧ ତାରିଖରେ ବି.ଏଡ଼ ପାଠ୍ୟକ୍ରମ ପାଇଁ ଏବଂ ଜୁନ ୩ ତାରିଖରେ ଏମ. ଏଡ଼ ଏବଂ ବି. ଏଚ. ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ପ୍ରଥମ ଚଳଚ୍ଚିତ୍ର ବିଫଳ ହେଲେ ବି ସନ୍ତୁଷ୍ଟ



**ମୁମ୍ବାଇ(ଏଜେନ୍ସି) :** ଚଳଚ୍ଚିତ୍ର ନିର୍ମାତା ସବୁବେଳେ ଦର୍ଶକମାନଙ୍କୁ ଭଲ ଚଳଚ୍ଚିତ୍ର ଦେବାକୁ ଚାହିଁଥାନ୍ତି । ଯାହା ସେମାନଙ୍କୁ ବ୍ୟବସାୟିକ କ୍ଷେତ୍ରରେ ସଫଳତା ଆଣିଦେଇଥାଏ । ଏହାରି ଭିତରେ ବହୁ ଚଳଚ୍ଚିତ୍ରକୁ ନିର୍ମାତା ଯେତେ ଯତ୍ନ ସହକାରରେ କରିଥିଲେ ମଧ ଦର୍ଶକମାନେ ବେଳେବେଳେ ପ୍ରତ୍ୟାଖାନ କରିଥାନ୍ତି । ଯାହା ଦ୍ୱାରା ଚଳଚ୍ଚିତ୍ର ବିଫଳ ହୋଇଥାଏ । ତଥାପି ଏହି ଚଳଚ୍ଚିତ୍ର ବ୍ୟବସାୟିକ ବିଫଳତା ସିନା ହେଲା କିନ୍ତୁ ଏହାର ପ୍ରତ୍ୟେକ ଚରିତ୍ର ଆଉ କାହାଣୀର ମୌଳିକତା କିନ୍ତୁ ସଫଳତା ହାସଲ କରିଛି । ଆମେ କହୁଛୁ ଅନୁଭବ ସିହ୍ନା ନିର୍ଦ୍ଦେଶିତ ‘ଅଶୀ’ ଚଳଚ୍ଚିତ୍ର ଜରିଆରେ ପହଲ ସାମୟାନୀ ବଲିଉଡ଼ରେ ପାଦ ଥାପିଛନ୍ତି । ଏଥିରେ ସେ ଶ୍ୱେତା ନାମ୍ନୀ ଏୟାର୍ ହୋଷ୍ଟେସ୍ ଭୂମିକାରେ ଅଭିନୟ କରିଛନ୍ତି । ଏହି ପାର୍ଶ୍ୱ ଚରିତ୍ରରେ ତାଙ୍କ ପଦାର୍ପଣ ଅଭିନୟକୁ ସମୀକ୍ଷକଙ୍କ ଠାରୁ ଆରମ୍ଭ କରି ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି । ଯୌନ ହିଂସା ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉତ୍ଥାପନ କରିଥିଲେ ହେଁ ଏହି ଚଳଚ୍ଚିତ୍ର ବ୍ୟାବସାୟିକ ଦୃଷ୍ଟିରୁ ବିଫଳ ହୋଇଛି । ଅଧିକ ଲୋକ ଏହି ଚଳଚ୍ଚିତ୍ର ଦେଖିଲେନି ବୋଲି ପହଲ କ୍ଷୋଭ ପ୍ରକାଶ କରିବା ସ୍ୱାଭାବିକ । ତେବେ ଅନୁଭବଙ୍କ ପରି ନିର୍ଦ୍ଦେଶକ ଓ ତାପସୀ ପନ୍ନୁଙ୍କ ପରି ଦକ୍ଷ ଅଭିନେତ୍ରୀଙ୍କ ସହିତ କାମ କରି ସେ ଖୁବ୍ ସନ୍ତୁଷ୍ଟ ।

ପ୍ରଥମ ଚଳଚ୍ଚିତ୍ର ବକ୍ସ ଅଫିସ ବିଫଳତା ଚାଖିଥିବାରୁ ତାଙ୍କ କ୍ୟାରିଅର୍କୁ ନେଇ ସେ ଚିନ୍ତିତ କି ବୋଲି ପଚାରାଯିବାରୁ ସେ କହିଛନ୍ତି ଯେ ସଂଖ୍ୟା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମହିଳାଙ୍କ ସୁରକ୍ଷା ଓ ସାମାଜିକ ପରିବର୍ତ୍ତର ଆହ୍ୱାନ କରୁଥିବା ଏହି କାହାଣୀରେ କାମ କରିଥିବାରୁ ସେ ଗର୍ବିତ । ଏହି ଚଳଚ୍ଚିତ୍ର ଅଧିକ ଲୋକଙ୍କ ପାଖରେ ପହଞ୍ଚିଲେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ବ୍ୟାପକ ଆଲୋଚନା ହୁଅନ୍ତା ବୋଲି ସେ ଆଶା କରୁଥିଲେ । ୨୦ ବର୍ଷୀୟ ପହଲଙ୍କ ଜନ୍ମ ଦୁବାଇରେ । ସେ ଆଠ-ନଅ ବର୍ଷ ବୟସରୁ ମଞ୍ଚ ଅଭିନୟ କରିଆସୁଥିଲେ । ତାଙ୍କ ସ୍ୱପ୍ନ ଥିଲା ମୁମ୍ବାଇ ଆସି ଅଭିନୟରେ କ୍ୟାରିଅର୍ ଗଢ଼ିବେ । କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରା ତାଙ୍କୁ ‘ଅଶୀ’ରେ ଅଭିନୟ କରିବାକୁ ବାଛିଥିଲେ । ‘ଅଶୀ’ ପରେ ତାଙ୍କ ହାତ ଖାଲି । ଆଗକୁ କେଉଁଠି ସୁଯୋଗ ମିଳିବ ସେ ଅପେକ୍ଷାରେ ଅଛନ୍ତି ।

# ରୂପେଲି ପରଦାରେ ଜଲୱା ଦେଖାଇବ ସର୍ଟ ଫିଲ୍ମ



**ଭୁବନେଶ୍ୱର (ଏନ୍.ଏମ୍.) :** ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ସିନେମା ଚାରିକାନ୍ଧ । ୪୬ ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ୨୨ରୁ ଅଧିକ ସ୍ଥାନରେ ପୁରସ୍କୃତ ଓଡ଼ିଆ ଚଳଚ୍ଚିତ୍ର ଚାରିକାନ୍ଧ, ଯାହା ମାତ୍ର ୩୬ ମିନିଟରେ ନିର୍ମିତ ହୋଇଛି ।

ରିତୁପ୍ରିୟା ପ୍ରଡ଼କ୍ସନ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା ଚାରିକାନ୍ଧ ଆସନ୍ତା ୨୭ ଫେବୃଆରୀରେ ବଡ଼ ପରଦାରେ ପ୍ରଦର୍ଶିତ ହେବ । ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ଅତିଶ କୁମାର ରାଉତ ଏନେଇ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ବିଶ୍ୱନାଥ ରଥ, କ୍ରିଏଟିଭ ପବ୍ଲିସିଟି ଡିଜାଇନର ଶ୍ୟାମା ପ୍ରସାଦ ମିଶ୍ର ପ୍ରମୁଖ ଏବଂ ସଂଗୀତ ନିର୍ଦ୍ଦେଶକ ଅମିତ ଯୁବରାଜ ଗଣମାଧ୍ୟମ ସଂଯୋଜକ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

୩୬ ମିନିଟର ଏହି ଫିଲ୍ମଟି ୪୬ ରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଫେଷ୍ଟିଭାଲରେ ଯୋଗଦେଇ ୨୨ ରୁ ଅଧିକ ପୁରସ୍କାର ଲାଭ କରିଛି । ଜାପାନର ହୋକ୍କାଇଡୋ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଏହା ପ୍ରଦର୍ଶିତ ହୋଇଥିଲା । ଏଥିପାଇଁ ମଧ୍ୟମ ଅବଧିର ମାତ୍ର ଆଠଟି ଚଳଚ୍ଚିତ୍ର ମନୋନୀତ ହୋଇଥିବା ବେଳେ, ଭାରତ ପକ୍ଷରୁ ‘ଚାରିକାନ୍ଧ’ ଏକମାତ୍ର ସିନେମା ଭାବରେ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଛି ।

# ବିବାହ କନଫର୍ମ କଲେ ରଶ୍ମିକା-ବିଜୟ, ଉଦୟପୁରରେ ହେବ ବିବାହ



**ନୂଆଦିଲ୍ଲୀ(ଏଜେନ୍ସି) :** ଏବେ ଚର୍ଚ୍ଚାରେ ଅଛନ୍ତି ସାଉଥ ଫିଲ୍ମ ଜଗତର ହିଟ କପଲ । ତାଙ୍କ ଜୀବନ ଚର୍ଯ୍ୟା ତଥା ଜୀବନ ଶୈଳୀକୁ ନେଇ ଫ୍ୟାନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି । ଏମିତିବି ସେଲିବ୍ରିଟିମାନଙ୍କ ଉପରେ ସମସ୍ତଙ୍କ ନଜର ରହିଥାଏ । କିଏ କାହାକୁ କେଉଁଠି ବିବାହ କରିବ, କିଏ କେତେବେଳେ ମା’ ହେବାକୁ ଯାଉଛନ୍ତି ; ଏପରିକି କିଏ କାହା ଉତ୍ସବରେ ଯୋଗଦେବେ ସେସବୁକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥାଏ । ଏମିତି ଅନେକ ଚର୍ଚ୍ଚା ଭିତରେ ଏବେ ସାଉଥ ଇଣ୍ଡଷ୍ଟ୍ରିର ଫେମସ୍ କପଲ ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ରହିଛନ୍ତି । ସେ ଉଦୟପୁରରେ ବିବାହ କରିଛନ୍ତି । ଏନେଇ ଏହି ଦମ୍ପତି କୌଣସି ଆନୁଷ୍ଠାନିକ ଘୋଷଣା କରିନଥିଲେ । କିନ୍ତୁ,ଏବେ ସେମାନେ ନିଜ ନିଜ ଇନଷ୍ଟାଗ୍ରାମ ଷ୍ଟୋରୀରେ ପୋଷ୍ଟ ସେୟାର କରି ସେମାନଙ୍କ ବିବାହକୁ ନିଶ୍ଚିତ କରିଛନ୍ତି । ନୋଟରେ ଲେଖିଛନ୍ତି, “ଆମର ପ୍ରିୟ ବନ୍ଧୁମାନେ । ଆମେ କୌଣସି ଯୋଜନା କରିବା ପୂର୍ବରୁ, ନିଜ ପାଇଁ କିଛି ବାଛିବା ପୂର୍ବରୁ – ଆପଣମାନେ ଆମ ସହିତ ଥିଲେ । ଆମକୁ ଏତେ ସୁନ୍ଦର ନାମ ଦେଇଥିଲେ । ଆମକୁ ‘ବିରୋଶ’ ବୋଲି ଡାକିଥିଲେ । ତେଣୁ ଆମ ସମସ୍ତ ହୃଦୟ ସହିତ, ଆମେ ଆମର ଏହି ମିଳନକୁ ଆପଣଙ୍କ ସମ୍ମାନ ପାଇଁ ଉତ୍ସର୍ଗ କରୁଛୁ । ଆମେ ଏହାକୁ ବିରୋଶ କି ଶାଦୀ ବୋଲି କହିବାକୁ ଚାହୁଁଛୁ । ଆମକୁ ଏତେ ଭଲ ପାଇବା ଦେବା ପାଇଁ ଧନ୍ୟବାଦ । ଆପଣ ସବୁବେଳେ ଆମ ସହିତ ରହିବେ । ବହୁତ ଭଲ ପାଇବା ।” ତେବେ ରଶ୍ମିକା ଏବଂ ବିଜୟ ଗତ ବର୍ଷ ଅକ୍ଟୋବରରେ ହାଇଦ୍ରାବାଦରେ ଗୋପନରେ ନିର୍ବନ୍ଧ କରିଥିଲେ ଏବଂ ଏବେ ଫେବୃଆରୀ ୨୬ରେ ଉଦୟପୁରରେ ବିବାହ କରିଛନ୍ତି ।

# ‘ବ୍ୟାଟେଲ ଅଫ୍ ଗଲୱାନ’ର ନାମ ପରିବର୍ତ୍ତନ

**ମୁମ୍ବାଇ(ଏଜେନ୍ସି) :** ବଲିଉଡର ଭାଇଜାନ ସଲମାନ ଖାନଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ ‘ବ୍ୟାଟେଲ ଅଫ୍ ଗଲୱାନ’ର ନାମ ପରିବର୍ତ୍ତନ ହୋଇଛି । ସଲମାନଙ୍କ ଫିଲ୍ମ ଏବେ ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍’ ନାମ ରଖାଯାଇଛି । ମେକର୍ସ ଅଫିସିଆଲ ଫିଲ୍ମର ନୂଆ ନାମ ଘୋଷଣା କରିଛନ୍ତି । ଫିଲ୍ମରେ ସଲମାନ ଖାନଙ୍କର ବହୁତ ଦମଦାର ନୂଆ ପୋଷ୍ଟର ରିଲିଜ କରି ଫିଲ୍ମର ନାଁ ଘୋଷଣା କରାଯାଇଛି । ଏହି ନୂଆ ଟାଇଟଲରେ ସବୁଠାରୁ ଖାସ୍ କଥା ଏହାର ଟାଗ୍ ଲାଇନ ରହିଛି । ମାତୃଭୂମି : ମେ ୱାର ରେଷ୍ଟ ଇନ୍ ପିସ୍’(ଯୁଦ୍ଧକୁ ଶାନ୍ତି ମିଳୁ) ।
G ûj Ž i f cû aWK[ ûKj Qò~ûû
ùKak SMWK[ û^ Keòi cMâ êûe
gûe @ûKC{ aûZ KeÕûZûa ` ôe
^û Pû^e_ZKâûe @^K\ ôûe Pûeâû
aàûKêû^A_eà©ô KeûAQòi f cûu
G ö ôaM I ßûNûe HZj ûK NUYû
C_e @ûeZöûi ûö@ cWûe G ê
ùNûYû_ûe PyûûRêp] eÕô ` ôe
_eà©ô ^ûKê yûe_gô ûKeQ«ö



# ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# ରାତ୍ରିଭୋଜନରେ ଭାତ ନା ରୁଟି

ଭାତ ଓ ରୁଟି ବିନା ଆମ ଭାରତୀୟଙ୍କ ଖାଦ୍ୟ ଅସମ୍ପୂର୍ଣ୍ଣ । ମଧ୍ୟାହ୍ନ ଭୋଜନ ହେଉ ବା ରାତ୍ରିଭୋଜନ, ପ୍ରତ୍ୟେକ ଘରେ ଭାତ କିମ୍ବା ରୁଟି ଖାଉଥିବା ଲୋକ ମିଳିବେ । ତେବେ ଏଥିପାଇଁ ଉପଯୁକ୍ତ ସମୟ ରହିଛି । ଆଜିର ଜୀବନଶୈଳୀ ଆମକୁ ସେଭଳି କରାଇନଦେଲେ ମଧ ଆମକୁ ତାହା ପାଳନ କରିବାକୁ ପଡ଼ିବ । ଆସନ୍ତୁ ଜାଣିବା, ଶରୀର ପାଇଁ ଭାତ ଓ ରୁଟିର କେତେ ଆବଶ୍ୟକତା ରହିଛି । ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ରୁଟି ଖାଇବା ଅଧିକ ଲାଭଦାୟକ ହୋଇଥାଏ । ତେବେ ଖାଦ୍ୟ ତାଲିକାରେ ଭାତ ଓ ରୁଟିକୁ ସମାନ ପରିମାଣରେ ନେଇପାରିବେ । ଅଧିକ ଧଳା ଦିଶୁଥିବା ଭାତଠାରୁ ଦୂରେଇବା ଭଲ । ଯଦି ଆପଣଙ୍କର ଭାତ ପସନ୍ଦ, ତେବେ ସେଥିରେ ସନ୍ତୁଳା ବା ତରକାରୀ ମିଶାଇ ଖାଇବା ଆବଶ୍ୟକ । ରାତିରେ କେବଳ ରୁଟି ହିଁ ଖାଇବା ଦରକାର । କାରଣ ଏହା ଅଧିକ ପୁଷ୍ଟିକର ହୋଇଥାଏ । ଏହାଛଡ଼ା ରୁଟିରେ ଫାଇବର୍ ମାତ୍ରା ଅଧିକ ଥାଏ, ତେଣୁ ଏହା ଶୀଘ୍ର ହଜମ ହୋଇଥାଏ । ସେହିପରି ରାତିରେ ରୁଟି ଖାଇଲେ ନିଦ ମଧ ଭଲ ହୋଇଥାଏ । ପୋଷଣ ଅନୁଯାୟୀ ଦେଖିଲେ, ୧/୩ କପ୍ ଭାତରେ ୮୦କ୍ୟାଲୋରି, ୧ଗ୍ରାମ୍ ଫ୍ୟାଟ୍ ଓ ୧୮ଗ୍ରାମ କାର୍ବୋହାଇଡ୍ରେଟ୍ ରହିଥାଏ । ସେହିଭଳି ଗୋଟିଏ ରୁଟିରେ ୭୧କ୍ୟାଲୋରି, ୩ଗ୍ରାମ୍ ପ୍ରୋଟିନ୍, ୦.୪ ଗ୍ରାମ୍ ଫ୍ୟାଟ୍ ଓ ୧୫ଗ୍ରାମ୍ କାର୍ବୋହାଇଡ୍ରେଟ୍ ଥାଏ । ଏହାଛଡ଼ା ରୁଟିରେ କ୍ୟାଲସିୟମ୍ ଓ ଆଇରନ୍ ମଧ ରହିଥାଏ । ରୁଟିରେ ଭାତଠାରୁ ଅଧିକ ଫାଇବର୍ ଥାଏ, ଏହାଦ୍ୱାରା ପାଚନ ପ୍ରକ୍ରିୟା ସଂପାଦନ କରୁଥିବା ନଳୀଗୁଡ଼ିକ ସଫା ହୋଇଥାଏ । ଏହାଦ୍ୱାରା ଅପଚ ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ବି ମୁକ୍ତି ମିଳିଥାଏ । ରୁଟି ଖାଇବା ଦ୍ୱାରା ଆଳସ୍ୟ ଓ ନିଦ ଭଳି ସମସ୍ୟା ହୋଇ ନ ଥାଏ, ତେବେ ଭାତ ଖାଇବା ପରେ ଏହି ଦୁଇଟି ସମସ୍ୟା ଦେଖାଦେଇଥାଏ । ଯଦି ଆପଣ ଓଜନ ହ୍ରାସ କରିବା ପାଇଁ ଚାହୁଛନ୍ତି, ତେବେ ରୁଟି ଖାଇବା ଆପଣଙ୍କ ପାଇଁ ବହୁତ ଲାଭଦାୟକ । ରୁଟିରେ ଥିବା କାର୍ବୋହାଇଡ୍ରେଟସ ଜୀର୍ଣ୍ଣ କରିବା ପାଇଁ ଶରୀର ଅଧିକ ଶକ୍ତି ନେଇଥାଏ, ଯାହା ଫଳରେ ଓଜନ କମିଥାଏ । ଭାତକୁ କୁକର୍ ବଦଳରେ ଅଧିକ ପାଣିଦେଇ ହାଣ୍ଡିରେ ରୋଷେଇ କରନ୍ତୁ । ଏଭଳି ରୋଷେଇ କରି ପାଣି ବାହାର କରିଦିଅନ୍ତୁ । ଏହାଦ୍ୱାରା ଏହାର ନ୍ୟୁଟ୍ରିସନ୍ ବଢ଼ି ଯାଇଥାଏ । ଭାତକୁ ଡାଲି ସହିତ ଖାଆନ୍ତୁ । ଏହାଦ୍ୱାରା ଶରୀରକୁ ଜରୁରି ଆମିନୋ ଏସିଡ୍ ମିଳିଥାଏ ।

## ମା’ରାଣ ଦେହକୁ ନେବେନି...

ଧନ୍ୟପ୍ରଭୁ ତୁମେ କାଳିଆ ସାଆନ୍ତ
ଚାହିଁଅଛ ଏଡ଼େ ଆଖିରେ...
ମୋ ଦୁଆରେ ଡେଲି ଭିଡ଼ ଜମୁଅଛି
ସଂସାର ଚାଲିଛି ବାକିରେ..
ପଡ଼ିବକି ଟିକେ ସାକ୍ଷୀରେ.. ?
ଡବଲ ଇଂଟ୍ରେଷ୍ଟ ଫ୍ରି କରିଦ୍ୟନ୍ତ
ଲାଗନ୍ତା କଳଙ୍କ ଖାକିରେ...



- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

# କର୍ଡ ରାଇସ



ଅବଶ୍ୟକୀୟ ସାମଗ୍ରୀ :

୧ କପ୍ ଭାତ, ୧ କପ୍ ଦହି, ୫ଟି କଟା କଞ୍ଚାଲଙ୍କା, କଟା ହୋଇଥିବା ଅଦା, ୧ ଚାମଚ କଟା ଧନିଆ ପତ୍ର, ୩ ଚାମଚ ତେଲ, ୧ ଚାମଚ ଶୋରିଷ, ୩ ଚାମଚ ଚଣା ଡାଲି, ୨ଟି ଶୁଖିଲା ଲଙ୍କା, ୧ ଚୁଟକି ହେଙ୍ଗୁ, ୫-୬ଟି ଭୁରଶୁଙ୍ଗା ପତ୍ର, ସ୍ୱାଦ ଅନୁସାରେ ଲୁଣ ।

ପ୍ରସ୍ତୁତି ପ୍ରଣାଳୀ

୧- ପ୍ରଥମେ ଏକ ପାତ୍ରରେ ଚାଉଳ, ଦହି, କଞ୍ଚାଲଙ୍କା, ଧନିଆ ପତ୍ର ଏବଂ ଲୁଣ ଭଲ ଭାବରେ ଗୋଳାଇ ରଖନ୍ତୁ ।
୨-ଏକ ପ୍ୟାନରେ ତେଲ ଗରମ କରି ଏଥିରେ ଫୁଟଣ, ଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୁରଶୁଙ୍ଗା ପତ୍ର ପକାନ୍ତୁ ।
୩-ତଡକା ପ୍ରସ୍ତୁତ ହୋଇଗଲେ ଏହାକୁ ଦହି ଭାତ ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ ।
୪-ଏବେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ କର୍ଡ ରାଇସ୍ ବା ଦହି ଭାତ ।
୫- ପେଟ ଖରାପ ଥିଲେ କିମ୍ବା ଜ୍ୱର ହୋଇଥିଲେ ଏହି ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଏବଂ ପେଟକୁ ଲାଭଦାୟକ ହେବ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।



# ଇରାନକୁ ଭାରତର ସହାୟତା, ପଠାଇଲା ଔଷଧ

**ନୂଆଦିଲ୍ଲୀ (ଏନ୍.ଏମ୍.) :** ପଶ୍ଚିମ ଏସିଆରେ ବଢୁଥିବା ବିବାଦ ଓ ଯୁଦ୍ଧର ଗମ୍ଭୀର ସ୍ଥିତି ଭିତରେ ଭାରତ ପୁଣିଥରେ ନିଜର ମାନବୀୟ ସମ୍ବେଦନତାର ପରିଚୟ ଦେଇଛନ୍ତି । ଭାରତ ସରକାର ଯୁଦ୍ଧରେ ଘେରି ରହିଥିବା ଇରାନର ସାହାଯ୍ୟ ପାଇଁ ଆଗକୁ ହାତ ବଢାଇ ଚିକିତ୍ସା ସହାୟତା ତେହରାନ ପଠାଇଛି । ଭାରତ ପକ୍ଷରୁ ପଠାଯାଇଥିବା ଏହି ଜୀବନ ରକ୍ଷକ ଔଷଧ ଓ ଚିକିତ୍ସା ଉପକରଣକୁ ଔପଚାରିକ ଭାବରେ 'ଇରାନ ରେଡ୍ କ୍ରିସେଣ୍ଟ ସୋସାଇଟି'କୁ ଦିଆଯାଇଛି ।



ଭାରତରେ ଅବସ୍ଥାପିତ ଇରାନ ରାଷ୍ଟ୍ରଦୂତ ଫତହଲି ଏହି ସଙ୍କଟ ସମୟରେ ମିଳିଥିବା ସହାୟତା ପାଇଁ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଦିଲ୍ଲୀ ଓ ତେହରାନ ସମ୍ପର୍କକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ସେ କହିଛନ୍ତି, ଇରାନ ଭାରତକୁ ଏକ 'ବନ୍ଧୁ ଦେଶ' ଭାବରେ ମାନିଥାଏ । ଫତହଲି ଅନୁସାରେ, ଦୁଇ ଦେଶର ହିତ ସମାନ ରହିଛି ଓ ଏଭଳି କଠିନ ସମୟରେ ପରସ୍ପରକୁ ସହଯୋଗ କରିବା ପାରସ୍ପରିକ ବିଶ୍ୱାସକୁ ଆହୁରି ମଜବୁତ କରିଥାଏ । ରାଷ୍ଟ୍ରଦୂତ ଏହି ସୂଚନା ସେୟାର କରି କହିଛନ୍ତି, ନା କେବଳ ଭାରତ ସରକାର,ବଂର ଏଠାର ସାଧାରଣ ନାଗରିକ ମଧ୍ୟ ଇରାନରେ ପ୍ରଭାବିତ ଲୋକଙ୍କ ସାହାଯ୍ୟ କରିବାକୁ ଆଗକୁ ଆସିଛନ୍ତି । ଦୂତାବାସ ଅନୁସାରେ, ବହୁ ଭାରତୀୟ ମାନବୀୟ ସହାୟତା ପଠାଇବା ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି । ଏହାର ଜବାବରେ ଦୂତାବାସ ଏକ ବ୍ୟାଙ୍କ ଆକାଉଣ୍ଟ ଜାରି କରିଥିଲା,କିନ୍ତୁ ଯାନ୍ତ୍ରିକ ତ୍ରୁଟି କାରଣରୁ ବର୍ତ୍ତମାନ ଅନଲାଇନ୍ ଟ୍ରାନ୍ସଫର ଓ ଗୁଗୁଲ ପେ ମାଧ୍ୟମରେ ମଧ୍ୟ ସମସ୍ୟା ହେଉଛି । ଅନଲାଇନ୍ ପେମେଣ୍ଟରେ ଆସୁଥିବା ବାଧାକୁ ଦେଖି ଇରାନ ଦୂତାବାସ ଲୋକଙ୍କୁ ବର୍ତ୍ତମାନ ଡିଜିଟାଲ ପେମେଣ୍ଟ ନକରିବାର ଅପିଲ କରିଛନ୍ତି । ଦୂତାବାସ କହିଛି ଯେଉଁ ଲୋକ ଏହି ସଙ୍କଟ ସମୟରେ ଇରାନର ସହାୟତା କରିବାକୁ ଚାହୁଁଛନ୍ତି । ସେମାନେ ନୂଆଦିଲ୍ଲୀ ସ୍ଥିତ ଦୂତାବାସ ଆସି ନଗଦ ଟଙ୍କାରେ ନିଜର ସହଯୋଗ ଜମା କରିପାରନ୍ତି । ଏହି ସାହାଯ୍ୟ ଏଭଳି ସମୟରେ ପଠାଯାଇଛି ଯେତେବେଳେ ଇରାନ-ଇସ୍ରାଏଲ ଭିତରେ ବିବାଦ ଚରମ ସୀମାରେ ଥାଏ । ନିକଟରେ ଇସ୍ରାଏଲ ଆକ୍ରମଣରେ ଅଲ୍ଲି ଲାରିଜାନି ଓ ତାଙ୍କ ପୁଅର ମୃତ୍ୟୁ ପରେ ଏହି କ୍ଷେତ୍ରରେ ସ୍ଥିତି ଆହୁରି ବିସ୍ଫୋରକ ହୋଇଯାଇଛି । ଏଭଳି ଚ୍ୟାଲେଞ୍ଜିଂ ସମୟରେ ଏହି ମେଡିକାଲ ସହଯୋଗ ନା କେବଳ କୁଟନୈତିକ ବଂର ମାନବୀୟ ଦୃଷ୍ଟିକୋଣରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଉଛି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ

## ଇରାନକୁ କଡା ଚେତାବନୀ ଦେଲା ସାଉଦି ଆରବ

**ରିୟାଦ୍(ଏଜେନ୍ସି) :** ଇରାନ ପକ୍ଷରୁ ସାଉଦି ଆରବ, କାତାର, ବାହାରିନ, କୁଏତ୍ ଭଳି ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଉପରେ ଆକ୍ରମଣ କରାଯାଉଥିବାରୁ ମଧ୍ୟପ୍ରାଚ୍ୟ ଯୁଦ୍ଧ କ୍ରମଶଃ ଉଗ୍ରରୂପ ଧାରଣ କରିବାରେ ଲାଗିଛି । ତେବେ ଏହି ଆକ୍ରମଣ ପରିପ୍ରେକ୍ଷୀରେ ସାଉଦି ଆରବ ପକ୍ଷରୁ ଇରାନକୁ କଡା ଚେତାବନୀ ଦିଆଯାଇଛି । ସାଉଦି ବିଦେଶ ମନ୍ତ୍ରୀ ପ୍ରିନ୍ସ ଫେଜଲ ବିନ୍ ଫରହାନ୍ ଅଲ୍ ସାଉଦ୍ କହିଛନ୍ତି ଯେ ଇରାନ ଆକ୍ରମଣକୁ ନେଇ ଆମର ଧୈର୍ଯ୍ୟଚ୍ୟୁତି ଘଟିଲାଣି । ଯଦି ଇରାନ ଆକ୍ରମଣ ବନ୍ଦ ନକରେ, ତେବେ ସାଉଦି ଆରବ ଏହି ଯୁଦ୍ଧରେ ସାମିଲ ହେବାକୁ ବାଧ୍ୟ ହେବ । ଇରାନ ପକ୍ଷରୁ ରିୟାଦସ୍ଥିତ ତୈଳ ଭଣ୍ଡାର ଉପରେ ଆକ୍ରମଣ ଜାରି ରହିଛି । ପୁନଶ୍ଚ ରିୟାଦରେ ଇସ୍ଲାମିକ ରାଷ୍ଟ୍ରର ବିଦେଶ ମନ୍ତ୍ରୀଙ୍କ ସମ୍ମିଳନୀ ଚାଲିଥିବାବେଳେ ଇରାନ ଚାରିଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ କରିଛି ।



ସାଉଦି ଆରବ ଅବଶ୍ୟ ଆକାଶମାର୍ଗରେ ଏଗୁଡିକୁ ନଷ୍ଟ କରିଥିବାରୁ ବିଶେଷ କ୍ଷୟକ୍ଷତି ଘଟିନାହିଁ । ଏଭଳି ଆକ୍ରମଣ ଦ୍ୱାରା ଇରାନ ଆମକୁ ଯୁଦ୍ଧରେ ସାମିଲ ହେବାକୁ ଉସ୍କାଉଛି ବୋଲି ଫୈଜଲ କହିଛନ୍ତି । ଆମେରିକା ଓ ଇସ୍ରାଏଲ ଉପରେ ପ୍ରତିଶୋଧ ପରାୟଣ ହୋଇ ମଧ୍ୟପ୍ରାଚ୍ୟ ରାଷ୍ଟ୍ର ଉପରେ ଇରାନ ଆକ୍ରମଣ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ଫେ ?ଜଲ କହିଛନ୍ତି । ଯଦିଓ ସାଉଦି ଆରବ ଓ ଏହାର ପଡୋଶୀ ରାଷ୍ଟ୍ରଗୁଡିକ ସାମରିକ ଦୃଷ୍ଟିକୋଣରୁ ଏତେଟା ଶକ୍ତିଶାଳୀ ନୁହନ୍ତି, ତଥାପି ଏମାନେ ଏକାଠି ହେଲେ ଇରାନ ଉଚିତ ଶିକ୍ଷା ପାଇବ ବୋଲି ଫୈଜଲ କହିଛନ୍ତି ।

# ପୁଲିସ୍‌କୁ ଏନକାଉଣ୍ଟରକୁ ଚ୍ୟାଲେଞ୍ଜ ଦେଇ ଗୁଳି ଖାଇଲା ଗ୍ୟାଙ୍ଗଷ୍ଟର

**ମୋତହାରି (ଏଜେନ୍ସି) :** ପୁଲିସ୍‌କୁ ନାଲି ଆଖି ଦେଖାଉଥିଲା । ଏନକାଉଣ୍ଟରର ସ୍ଥାନ ଓ ତାରିଖ ସ୍ଥିର କରିବାକୁ ଖୋଲା ଚ୍ୟାଲେଞ୍ଜ ମଧ୍ୟ ଦେଇଥିଲା । ଭାବିଥିଲା ପୁଲିସ୍ ତା'ର କିଛି କରିପାରିବ ନାହିଁ । ହେଲେ ଶେଷରେ ପୁଲିସ୍ ଗୁଳିରୁ ସେ ବର୍ତ୍ତି ନାହିଁ । ପୁଲିସ୍ ଏନକାଉଣ୍ଟରରେ ତା'ର ମୃତ୍ୟୁ ହୋଇଛି । ବିହାରର ମୋତହାରି ଅଞ୍ଚଳର ଜଣେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ସହ ଏପରି ଘଟଣା ଘଟିଛି । ଏନକାଉଣ୍ଟର ପୂର୍ବରୁ ସେ ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇଥିଲା । ପୁଲିସ୍ ଏହାକୁ ଗ୍ରହଣ କରିବା ସହ ଏନକାଉଣ୍ଟରରେ ୩ ଜଣ ଅପରାଧୀଙ୍କ ମୁଣ୍ଡ ଗଡ଼ାଇଛି । ଏହା ମଧ୍ୟରେ ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇଥିବା ଗ୍ୟାଙ୍ଗଷ୍ଟର ଜଣକ ମଧ୍ୟ ରହିଛି । ସେହିପରି ସେମାନଙ୍କ ସହ ଲଢ଼େଇ କରିବାବେଳେ ଜଣେ ପୁଲିସ୍ କନଷ୍ଟେବଲଙ୍କ ମୃତ୍ୟୁ ହୋଇଛି । ପୁଲିସ୍ ଗୁଳିରେ ନିହତ ହୋଇଥିବା ଗ୍ୟାଙ୍ଗଷ୍ଟର କୁନ୍ଦନ ଠାକୁରର ଅଡିଓ କ୍ଲିପ ଏବେ ବେଶ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ପୁଲିସ୍‌କୁ ଖୋଲା ଧମକ ଦେଉଛି । ଭୟଙ୍କର ଏନକାଉଣ୍ଟରର ଦୁଇ ଦିନ ପୂର୍ବରୁ କୁନ୍ଦନ ଏହାକୁ ରେକର୍ଡ କରିଥିଲା । ସେ



ଚକାଇ ପୁଲିସ୍ ଷ୍ଟେସନର ଡେପୁଟି ଷ୍ଟେସନ ଅଫିସରଙ୍କୁ ସିଧାସଳଖ ଚ୍ୟାଲେଞ୍ଜ ଦେଇଥିଲା । ସେ ତା'କୁ ଧରିବା ପାଇଁ ପୁଲିସ୍ ତାରିଖ ଓ ସ୍ଥାନ ଧାର୍ଯ୍ୟ କରୁ । ଏହି ସମୟରେ ଅନେକ ପୁଲିସ୍ ସେମାନଙ୍କ ଜୀବନ ହରାଇବେ ବୋଲି ମଧ୍ୟ ଚେତାବନୀ ଦେଇଥିଲା । ସେ କହିଥିଲା, "ଗୋଟିଏ ଏନକାଉଣ୍ଟରରେ ୧୦ରୁ ୧୫ ଜଣ ପୁଲିସ୍ କର୍ମଚାରୀ ନିଜ ଜୀବନ ହରାଇଥିବା ବେଳେ ଅପରାଧୀନ ଚମ୍ପଟ ମାରିବା ଘଟଣା ପରବର୍ତ୍ତୀ ବଡ଼ ଖବର ପାଲଟିବ । ମୁଁ ଆପଣଙ୍କୁ ଗୋଟିଏ ଗ୍ୟାଙ୍ଗଷ୍ଟରର ଅର୍ଥ କ'ଣ ବୁଝାଇ ଦେବି ।" କୁନ୍ଦନ ଠାକୁର ଅଭିଯୋଗ କରିଥିଲା ଯେ ପୁଲିସ୍ ତା' ପରିବାର ଲୋକଙ୍କୁ ହଇରାଣ କରୁଛି ଓ ଆଗକୁ ଯଦି ପୁଲିସ୍ ସେମାନଙ୍କୁ ସମସ୍ୟାରେ ପକାଇବ, ତା'ହେଲେ ଏହାର ପରିଣାମ ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିଲା । କୁନ୍ଦନର କହିଥିଲା ଯେ ସେ ଆଦୌ ପଳାତକ ନୁହେଁ । ପୁଲିସ୍‌ର ଯେକୌଣସି ଏନକାଉଣ୍ଟରକୁ ସେ ସାମ୍ନା କରିବାକୁ ପ୍ରସ୍ତୁତ ଥିବା ଖୋଲାଖୋଲି ଭାବେ କହିଥିଲା । ପୁଲିସ୍‌ର କହିବା କଥା ଯେ କୁନ୍ଦନ ଠାକୁର ଦୀର୍ଘ ସମୟ ଧରି ସର୍ଭେଲାନ୍ସରେ ରହିଥିଲା । ମଙ୍ଗଳବାର ବିଳମ୍ବିତ ରାତିରେ ନିର୍ଦ୍ଦିଷ୍ଟ ଭାବେ ତା'ର ଠିକଣା ସମ୍ପର୍କରେ ଖବର ମିଳିବା ପରେ ଗୋଟିଏ ସ୍ପେଶାଲ ଟିମ ଗଠନ କରାଯାଇଥିଲା । ସେମାନେ ତା'କୁ ଧରିବା ପାଇଁ ଯାଉଥିବା ବେଳେ ଗୁଳି ମାଡ଼ର ସାମ୍ନା କରିଥିଲେ । ଅତର୍କିତ ଗୁଳି ମାଡ଼ ଯୋଗୁ ଜଣେ ଏସଟିଏଫ ଯବାନ ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଯବାନଙ୍କୁ ହରାଇବା ସତ୍ତ୍ୱେ ପୁଲିସ୍ ପଛକୁ ହଟି ନଥିଲା । ପୁଲିସ୍ ଓ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ବେଶ କିଛି ସମୟ ଧରି ଗୁଳି ବିନିମୟ ହୋଇଥିଲା । ଏଥିରେ କୁନ୍ଦନ ଠାକୁର ଓ ତା'ର ଦୁଇ ସହଯୋଗୀଙ୍କ ମୃତ୍ୟୁ ହୋଇଛି ବୋଲି ପୁଲିସ୍ କହିଛି । ପୂର୍ବ ଚମ୍ପାରନ ଏସ୍‌ପି ସ୍ୱର୍ଣ୍ଣ ପ୍ରଭାତ କହିଛନ୍ତି ଯେ କୁନ୍ଦନ ଠାକୁର ପୁଲିସକୁ ଧମକ ଦେଇଥିଲା ଓ ପୂର୍ବରୁ ମଧ୍ୟ ତା'କୁ ଧରିବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା । ଯେତେବେଳେ ପୁଲିସ୍ ତା'ର ଠିକଣାକୁ ଘେରାଉ କରୁଥିଲା ସେତେବେଳେ ଅପରାଧୀମାନେ ଗୁଳି ମାଡ଼ କରି ଦେଇଥିଲେ । ପୁଲିସ୍ ମଧ୍ୟ ଏହାର ଜବାବ ଦେଇଥିଲା । ଅପରାଧୀମାନେ ଆତ୍ମଗୋପନ କରିଥିବା ଘରର ମାଲିକ ଉଜ୍ଜ୍ୱଲ କୁମାର ଓ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରାଯାଇଛି । ସେମାନଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଛି । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିବା ସେ କହିଛନ୍ତି ।

## ବିଜୁଳି ବିଲ୍‌ରୁ ମିଳିବ ମୁକ୍ତି : ମାଗଣାରେ ଲାଗିବ ସୋଲାର ପ୍ୟାନେଲ୍

**ପାଟନା(ଏଜେନ୍ସି) :** ଆଜିକାଲି ସମୟରେ ବିଜୁଳି ବିଲ୍ ପ୍ରତିଟି ପରିବାର ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି । ବିଶେଷ କରି ଗରିବ ପରିବାରଙ୍କ ପାଇଁ ମାସ ଶେଷରେ ଆସୁଥିବା ମୋଟା ଅଙ୍କର ବିଲ୍ ବଜେଟ୍ ବିଗାଡ଼ି ଦେଉଛି । ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏକ ବଡ଼ ଯୋଜନା ଆରମ୍ଭ ହୋଇଛି, ଯେଉଁଥିରେ ଘର ଛାତରେ ସମ୍ପୂର୍ଣ୍ଣ ମାଗଣାରେ ସୋଲାର ପ୍ୟାନେଲ୍ ଲଗାଇବାର ସୁଯୋଗ ମିଳୁଛି । କେଉଁ ରାଜ୍ୟରେ ଆରମ୍ଭ ହୋଇଛି ଏହି ଯୋଜନା ବିହାର ସରକାରଙ୍କ 'କୁଟୀର ଜ୍ୟୋତି ଯୋଜନା' ଅଧୀନରେ ବିପିଏଲ୍ ପରିବାରଙ୍କୁ ଏହି ସୁବିଧା ଯୋଗାଇ ଦିଆଯାଉଛି । ଯେଉଁମାନଙ୍କ ପାଖରେ ସମ୍ବଳର ଅଭାବ ରହିଛି, ସେମାନଙ୍କ ପାଖରେ ଶସ୍ତା ଏବଂ ଭରସାଯୋଗ୍ୟ ବିଜୁଳି ପହଞ୍ଚାଇବା ଏହି ସ୍କିମ୍‌ର ମୁଖ୍ୟ ଉଦ୍ଦେଶ୍ୟ । ଯୋଗ୍ୟ ପରିବାରଙ୍କ ଛାତ ଉପରେ ୧ କିଲୋୱାଟ୍ ବିଶିଷ୍ଟ ଏକ ସୋଲାର ୟୁନିଟ୍ ଲଗାଯିବ । ଏହି ସିଷ୍ଟମରେ ୨ଟି ସୋଲାର ପ୍ୟାନେଲ୍ ରହିବ । ଏହା ମାଧ୍ୟମରେ ଆପଣ ଆରାମରେ ଘରର ପଙ୍ଖା, ବଲ୍ବ ଜଳାଇବା ସହ ମୋବାଇଲ୍ ଚାର୍ଜ ମଧ୍ୟ କରିପାରିବେ । ସୋଲାର ପ୍ୟାନେଲ୍ କିଣିବା ଠାରୁ ଆରମ୍ଭ କରି ଲଗାଇବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବିଜୁଳି କମ୍ପାନୀ ବହନ କରିବ । ହିତାଧିକାରୀଙ୍କୁ ନିଜ ପକେଟରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଯଦିଓ ଏହି ସୁବିଧା ମାଗଣା, ତଥାପି ଏଥିପାଇଁ କିଛି ନିୟମ ରହିଛି । ଆବେଦନକାରୀଙ୍କ ଘରର ଛାତ ପକ୍କା ହୋଇଥିବା ଆବଶ୍ୟକ । ଛାତ ଉପରେ ସର୍ବନିମ୍ନ ୬୪ ବର୍ଗ ଫୁଟ୍ ଖାଲି ଜାଗା ଥିବା ଦରକାର । ଛାତ ଉପରେ ଯେପରି ଗଛ ବା ଅନ୍ୟ କୌଣସି ଜିନିଷର ଛାଇ ପଡୁନଥିବ, ଯାହାଫଳରେ ପ୍ୟାନେଲ୍‌କୁ ଭରପୂର ସୂର୍ଯ୍ୟକିରଣ ମିଳିପାରିବ । ପ୍ୟାନେଲ୍ ଲଗାଯିବା ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଉପଭୋକ୍ତାଙ୍କର ରହିବ । ପ୍ୟାନେଲ୍‌କୁ ନିୟମିତ ସଫା କରିବାକୁ ପଡ଼ିବ ଯେପରି ଧୂଳି ଜମି ବିଜୁଳି ଉତ୍ପାଦନରେ ବାଧା ସୃଷ୍ଟି ନହୁଏ ।

# ଆଇନ ଅଦାଲତ

# ସୁପ୍ରିମ୍‌କୋର୍ଟରେ ଦାରା ସିଂ ମୁକ୍ତି ପ୍ରସଙ୍ଗ

## ସୁପ୍ରିମ୍‌କୋର୍ଟରେ ଦାରା ସିଂହଙ୍କ ମୁକ୍ତି ଆବେଦନର ଶୁଣାଣି

**ନୂଆଦିଲ୍ଲୀ(ଏଜେନ୍ସି) :** ସୁପ୍ରିମକୋର୍ଟର ବିଚାରପତି ମନମୋହନ ଓ ମନୋଜ ମିଶ୍ରଙ୍କ ଦୁଇଜଣିଆ ଖଣ୍ଡପୀଠରେ ଗତ ବୁଧବାର ବହୁଚର୍ଚ୍ଚିତ ଦାରା ସିଂହ ମାମଲାର ଶୁଣାଣି ହୋଇଥିଲା । ଉଲ୍ଲେଖଯୋଗ୍ୟ, ଦାରା ସିଂହଙ୍କୁ ସମ୍ପୂର୍ଣ୍ଣ କାରାମୁକ୍ତ କରିବାକୁ ସୁପ୍ରିମକୋର୍ଟରେ ମାମଲା ଦାୟର ହୋଇଛି । ଦାରାଙ୍କ ଓକିଲ ଏକେ ସିଂହ ଖଣ୍ଡପୀଠରେ ଯୁକ୍ତି କରି ଦର୍ଶାଇଥିଲେ ଦାରା ସିଂହ ଦୀର୍ଘ ୨୬ ବର୍ଷ ୬ ମାସ କାରାଦଣ୍ଡ ଭୋଗି ସାରିଲେଣି । ଆଜୀବନ କାରାଦଣ୍ଡର ସମୟସୀମା ହେଉଛି ୧୪ ବର୍ଷ । ସେ ୨୫ ବର୍ଷରୁ ଅଧିକ ସମୟ ବନ୍ଦୀ ଭାବେ ରହିସାରିଲେଣି । ଜେଲ୍ ରିପୋର୍ଟ କହୁଛି, ଦାରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଜେଲରେ ବନ୍ଦୀ ଜୀବନ କାଟିବା ସହିତ ଯୋଗ ଓ ପୂଜାପାଠ ସହ ଧାର୍ମିକ ବ୍ୟକ୍ତି ଭାବେ ରହିଆସୁଛନ୍ତି । ଦୀର୍ଘ ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଜେଲରେ ଜଣେ ବନ୍ଦୀ ଭାବେ



ରହିବା ସମୟରେ ସେ କୌଣସି ପ୍ରକାର ଆପରାଧିକ ହିଂସା କିମ୍ବା ବିଶୃଙ୍ଖଳା ସୃଷ୍ଟି କରିବାର ପ୍ରୟାସ କରିନାହାନ୍ତି । ତେଣୁ ଓଡ଼ିଶା ସରକାରଙ୍କ କ୍ଷମା ନୀତି ଓ ଦଣ୍ଡବିଧି ସଂହିତା ଅନୁଯାୟୀ ଦାରାଙ୍କୁ ମୁକ୍ତ କରିବାକୁ ଏକେ ସିଂହ କୋର୍ଟଙ୍କୁ ନିବେଦନ କରିଥିଲେ । ସବୁ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଆସନ୍ତା ମେ ୧୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ କରିଛନ୍ତି ।

## ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଓଡ଼ିଶା ସରକାରଙ୍କୁ ଚାରି ସପ୍ତାହ ମହଲତ

**ନୂଆଦିଲ୍ଲୀ(ଏଜେନ୍ସି) :** ଅଷ୍ଟ୍ରେଲିଆର ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ପୋଡ଼ି ହତ୍ୟା କରାଯିବା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରବୀନ୍ଦ୍ର କୁମାର ପାଲ ଓରଫ ଦାରା ସିଂଙ୍କ ରେମିସନ୍ (ଜେଲରୁ ଆଗୁଆ ମୁକ୍ତି) ମାମଲାରେ ଚାରି ସପ୍ତାହ ଭିତରେ ସତ୍ୟପାଠ ଜରିଆରେ ଆଭିମୁଖ୍ୟ ସ୍ପଷ୍ଟ କରିବା ପାଇଁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ କ'ଣ ଆଭିମୁଖ୍ୟ ରହିଛି ତାହା ସ୍ପଷ୍ଟ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି । ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିବାର ଦୁଇ ସପ୍ତାହ ଭିତରେ ଆବେଦନକାରୀ ଏହା ଉପରେ ପ୍ରତିଜବାବ ଦାଖଲ କରି ପାରିବେ । ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୧କୁ ଧାର୍ଯ୍ୟ କରାଯାଇଛି । ଜଷ୍ଟିସ୍ ସଂଜୟ କାରୋଲ ଓ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଦାରା ସିଂର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୪ ଜୁଲାଇ ୯ରେ ଦାରା ଆଜୀବନ କାରାଦଣ୍ଡରୁ ଛାଡ଼ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଜେଲରେ ୨୪ ବର୍ଷ କଟାଇ ସାରିଲେଣି । ଏବେ ତାଙ୍କର ବୃଦ୍ଧାବସ୍ଥା । ରାଜୀବ ଗାନ୍ଧୀଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ବ୍ୟକ୍ତିଙ୍କୁ ମୁକ୍ତ କରାଯାଇଥିବା ସଂକ୍ରାନ୍ତରେ ଦାରାଙ୍କ ଆବେଦନରେ ଉଲ୍ଲେଖ କରାଯାଇଥିଲା । ଦାରାଙ୍କ ମାମଲାକୁ ବିଚାର ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ରଖିବାକୁ କହିଥିଲେ । ସେହିଭଳି ଦାରାଙ୍କ ଦ୍ୱାରା ୨୦୨୪ ଅଗଷ୍ଟ ୨୦ରେ ସୁପ୍ରିମକୋର୍ଟରେ ଆଉ ଏକ ଆବେଦନ ଦାଖଲ କରାଯାଇ ତାଙ୍କର ଆଗୁଆ ମୁକ୍ତିରେ ଉଦାର ନୀତି ଆପଣାଇବା ପାଇଁ ନିବେଦନ କରାଯାଇଥିଲା । ମାମଲାରେ ପୁଣିଥରେ ସୁପ୍ରିମକୋର୍ଟ ଦୁଇ ସପ୍ତାହରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗତ ଜାନୁଆରି ୬ରେ ଦାରାଙ୍କ ଆବେଦନର ସୁପ୍ରିମକୋର୍ଟ ଶୁଣାଣି କରି ମାମଲାରେ ସିବିଆଇକୁ ପକ୍ଷଭୁକ୍ତ ପାଇଁ ଅନୁମତି ଦେଇଥିଲେ । ସିବିଆଇ ମଧ୍ୟ ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଜବାବ ଦାଖଲ କରିନାହିଁ । ପୂର୍ବ ଶୁଣାଣିରେ ରାଜ୍ୟ ସରକାରଙ୍କ ଓକିଲଙ୍କ ଦ୍ୱାରା ଦାରାଙ୍କ ରେମିସନ୍ ବାବଦରେ ରାଜ୍ୟ ସରକାରଙ୍କ ୫ଟି କମ୍ପିଟେଣ୍ଟ କମିଟି ବୈଠକ ସଂପର୍କରେ ଅବଗତ କରାଯାଇ କମିଟିର ନିଷ୍ପତ୍ତି ସଂପର୍କରେ ଅବଗତ କରାଯିବ ବୋଲି କୁହାଯାଇଥିଲା । ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି ।

## ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



**କଟକ(ଏନ୍.ଏମ୍.) :** ସିକିମ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଯୁଗଳ କିଶୋର ମହାନ୍ତିଙ୍କ ୨୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସାରଳା ଭବନ ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଓଡିଶା ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଷ୍ଟିସ ମହାନ୍ତିଙ୍କ ଭଳି ହୃଦୟବାନ ବ୍ୟକ୍ତି ଆଜି ବିରଳ ବୋଲି କହିଥିଲେ । ତାଙ୍କର ନୀତି ଆଦର୍ଶ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଜଣାଇଥିଲେ । ବିଶିଷ୍ଟ ଶିକ୍ଷା ବିତ ଡ. ଖାରବେଳ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜଷ୍ଟିସ ମହାନ୍ତି ଙ୍କର ମାନବିକତା ଓ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଡ. ସୁଲୋଚନା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସଂପାଦକ ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଦେବା ସହ ବିବରଣୀ ପାଠ କରିଥିଲେ । ସଂପାଦକ ପ୍ରକାଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ରକ୍ତ ଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା ।

### ସରକାରୀ କାର୍ଯ୍ୟାଳୟ ଆଟାଚ୍ ନିଷ୍ପତ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ

## ଘରୋଇ ସଂସ୍ଥାକୁ ଧାର୍ଯ୍ୟ ଟଙ୍କା ଦେବାକୁ ସରକାର ରାଜି

**କଟକ(ଏନ୍.ଏମ୍.) :** ଜମି ରେକର୍ଡ, ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଟାଚ୍ କରିବା ପାଇଁ ବରିଷ୍ଠ ସିଭିଲ୍ ଜଜ୍ (କମର୍ସିଆଲ୍)ଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟରୁ ସରକାରଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି । ଘରୋଇ ସଂସ୍ଥା ସିଲଭାସା ଇନଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ଆର୍ବିଟ୍ରେଟର୍ ଜଷ୍ଟିସ୍ ବି.ପି. ଦାସ ନିର୍ଦ୍ଦେଶ ଦେଇଥିବା ଧାର୍ଯ୍ୟ ଟଙ୍କାକୁ ପ୍ରଦାନ କରିବା ପାଇଁ ସରକାର ରାଜି ହୋଇଛନ୍ତି । ଏଥିପାଇଁ ସରକାରଙ୍କ ପକ୍ଷରୁ ସମୟ ମଗାଯାଇଛି । ଆସନ୍ତା ୧୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସେପର୍ଯ୍ୟନ୍ତ ବରିଷ୍ଠ ସିଭିଲ୍ ଜଜ୍ (କମର୍ସିଆଲ୍)ଙ୍କ ଆଟାଚମେଣ୍ଟ ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଛନ୍ତି । ପରବର୍ତ୍ତୀ ଶୁଣାଣି ସୁଦ୍ଧା ଟଙ୍କା ପ୍ରଦାନ କରାଯିବା ସଂକ୍ରାନ୍ତରେ ସରକାର ଯଦି କୌଣସି ସ୍ପଷ୍ଟ ସୂଚନା ନ ରଖନ୍ତି, ତାହେଲେ ଅନ୍ତରୀଣ ନିର୍ଦ୍ଦେଶ ଉଠାଇ ଦିଆଯାଇପାରେ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି । ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଜମି ରେକର୍ଡ ଓ ସର୍ବେକ୍ଷଣ ନିର୍ଦ୍ଦେଶକ ଏବଂ ରାଜସ୍ୱ ସଚିବଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଏସ୍.ଆର. ପଟ୍ଟନାୟକ ଏବଂ ସିଲଭାସା ଇନଫୋଟେକ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ବି.ଏସ୍. ତ୍ରିପାଠୀ ଓ ଜ୍ୟୋତିର୍ମୟ ପ୍ରସାଦ ବେହେରା ମାମଲା ପରିଚାଳନା କରୁଛନ୍ତି । ମାମଲାର ବିବରଣୀରୁ ପ୍ରକାଶ, ଘରୋଇ ସଂସ୍ଥା ସିଲଭାସା ଇନଫୋଟେକ୍ ପ୍ରାଇଭେଟ୍ ଲିମିଟେଡକୁ ୨୦୧୨ ମସିହାରେ ରେକର୍ଡ ରୁମ୍ ଆଧୁନିକୀକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ବି ସରକାରଙ୍କ ଅବହେଳା ଯୋଗୁଁ କାର୍ଯ୍ୟ ବିଳମ୍ବ ହୋଇଥିଲା । ଏଥିପାଇଁ ସଂସ୍ଥାକୁ କଳାତାଲିକାଭୁକ୍ତ କରାଯାଇଥିଲା । ଏହା ବିରୋଧରେ ଏହି ସଂସ୍ଥା କୋର୍ଟଙ୍କ ଆଶ୍ରୟ ନେଇଥିଲା । ୨୦୧୫ରେ କଳା ତାଲିକାରୁ ଏହାକୁ ହଟାଯାଇଥିଲା । ଆଇନଗତ ଲଢ଼େଇ ପରେ ୨୦୧୭ରେ କାମ ଶେଷ ହୋଇଥିଲା । ହେଲେ ଚୂଡ଼ାନ୍ତ ବିଲ୍ ଦାଖଲ କରିବା ବେଳକୁ ସଂସ୍ଥା ଉପରେ ସରକାର ୮୦ଲକ୍ଷ ୩୫ହଜାର ୯୧୩ ଟଙ୍କାର ଜରିମାନା ଲଗାଇବାରୁ ଏହି ସଂସ୍ଥା ପୁଣି ଥରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । କୋର୍ଟରେ ୨୨୬ କୋଟି ୭୯ଲକ୍ଷ ୪୮ହଜାର ୩୭୧ ଟଙ୍କା ଦାବି କରିଥିଲା । ଏହାର ବିଚାର କରି କ୍ଷତିପୂରଣ ରାଶି ୭ କୋଟି ୪୬ ଲକ୍ଷ ୪୫ ହଜାର ୨୨୭ ଟଙ୍କା ଧାର୍ଯ୍ୟ କରାଯାଇଥିଲା ଓ ୩ ମାସ ମଧ୍ୟରେ ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକ ଏହାକୁ ପୈଠ କରିବାକୁ ୨୦୨୩ ମେ ୧୫ ତାରିଖରେ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ସରକାରଙ୍କ ପକ୍ଷରୁ ତାହାକୁ ପାଳନ କରାଯାଇ ନଥିଲା । ଏଥିଯୋଗୁଁ ଆବେଦନକାରୀ କଟକ ବରିଷ୍ଠ ସିଭିଲ ଜଜ୍ (କମର୍ସିଆଲ୍) ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ମୂଳ କ୍ଷତିପୂରଣ ରାଶି ସହିତ ୧୦ ପ୍ରତିଶତ ସୁଧ ମିଶାଇ ମୋଟ ୯ କୋଟି ୪୪ଲକ୍ଷ ୪୧ହଜାର ୫୫୦ ଟଙ୍କା ପ୍ରଦାନ କରିବାକୁ ଗତ ଜାନୁଆରି ୧୩ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ହେଲେ ଟଙ୍କା ପୈଠ କରା ନ ଯିବାରୁ ଆବେଦନକାରୀଙ୍କ ଦାବି ଅନୁସାରେ ରାଜସ୍ୱ ପର୍ଷଦର ଜମି ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ଅଫିସର ସମସ୍ତ ଉପକରଣ ସହିତ ଗୋପବନ୍ଧୁ ସେଟଲ୍‌ମେଣ୍ଟ କାର୍ଯ୍ୟାଳୟ ସଂପତ୍ତି ଆଟାଚ୍ କରିବାକୁ ଜାନୁଆରି ୧୬ ତାରିଖରେ ନିର୍ଦ୍ଦେଶ ଦେଇଥିଲେ ।




## ବିଶ୍ୱ ଶକ୍ତି ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି କରୁଛି ମଧ୍ୟପ୍ରାଚ୍ୟ ଯୁଦ୍ଧ

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଦେଇଛି। ଇରାନର ଏକ ସ୍କୁଲରେ ୮୫ ଛାତ୍ରୀଙ୍କ ସହ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଏହି ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ। ଇରାନକୁ ଦୃଢ଼ ହସ୍ତରେ ଦମନ କରି ଶାସନ ଚଳାଉଥିବା ଖାମେନେଇଙ୍କ ପରେ କିଏ ନେତୃତ୍ୱ ନେବେ ତାହା କହିବା କଷ୍ଟକର। ଶୁଣିବାକୁ ମିଳୁଥିଲା ତାଙ୍କ ପୁଅ ମୋଜତାବା ଖାମେନେଇ ଆଗକୁ ନେତୃତ୍ୱ ନେଇପାରନ୍ତି। କିନ୍ତୁ ଆୟାତୋଲ୍ଲା ଅଲୀରେଜା ଅରାଫି ଅନ୍ତରୀଣ ସର୍ବୋଚ୍ଚ ନେତା ହୋଇଥିବା ଶୁଣିବାକୁ ମିଳୁଛି। ୩ ଜଣିଆ ଟ୍ରାଞ୍ଜିଶନାଲ କାଉନ୍‌ସିଲର ସେ ଅନ୍ୟତମ ନେତା। ସେ ମଧ୍ୟ ଗାର୍ଡିଅନ କାଉନ୍‌ସିଲର ସଦସ୍ୟ ଅଛନ୍ତି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଦୀର୍ଘବର୍ଷ ହେବ ଆମେରିକା ବିରୋଧ କରିଚାଲିଛି। ଇସ୍‌ଲାମିକ ସାଧାରଣତନ୍ତ୍ର ଇରାନର କାର୍ଯ୍ୟକଳାପ ପାଶ୍ଚାତ୍ୟ ଦୁନିଆ ପାଇଁ ବିପଦ ବୋଲି ଆମେରିକା କହି ଆସୁଥିବା ବେଳେ ଇସ୍ରାଏଲ ସହ ମିଳିତ ଆକ୍ରମଣ ଇରାନକୁ ଡରେଇ ଦେଇଛି ବୋଲି ଆଲୋଚନା ହେଉଛି। ଦେଖିବାକୁଗଲେ ଇରାନ ଏକ ଶିୟାବହୁଳ ରାଷ୍ଟ୍ର। ଇସ୍‌ଲାମିକ୍ ବିଶ୍ୱରେ ସୁନ୍ନିଙ୍କ ପ୍ରଭାବ ଥିବାରୁ ଇରାନ ନେତୃତ୍ୱ ନେଉ ବୋଲି ଅନେକ ଦେଶ ଚାହୁଁନାହାନ୍ତି। ଏଥିସହିତ କୁହାଯାଇପାରେ ଯେ, ଖାମେନେଇଙ୍କୁ ବିରୋଧ କରୁଥିବା ଇରାନୀୟ ଗୋଷ୍ଠୀ ଏହି ଆକ୍ରମଣରେ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ତାହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ ଓ କୁଏଟ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ଘାଟି ଉପରେ ଇରାନ୍ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଛି। ଏଥିସହିତ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେବା ପରେ ବିଶ୍ୱବ୍ୟାପୀ ଅନ୍ୟ ଏକ ସଙ୍କଟ ଦେଖାଦେଲାଣି। ପ୍ରାୟ ୨୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଏବଂ ଶୋଧିତ ଉତ୍ପାଦ ଇରାନ ଓ ଓମାନ ମଧ୍ୟରେ ଥିବା ସଂକୀର୍ଣ୍ଣ ଜଳପଥ ମାଧ୍ୟମରେ ପରିବହନ ହୋଇଥାଏ। ଏକ ହିସାବରୁ ଜଣାପଡ଼ିଛି ଯେ, ବିଶ୍ୱବ୍ୟାପୀ ତେଲ ବ୍ୟବହାରର ପ୍ରାୟ ଏକ ପଞ୍ଚମାଂଶ ଏହି ପଥ ଦ୍ୱାରା ହୋଇଥାଏ। ତେଣୁ ଏହି ଆକ୍ରମଣ ବିଶ୍ୱ ଶକ୍ତି ବଜାରରେ ନୂତନ ଅନିଶ୍ଚିତତା ସୃଷ୍ଟି କରିପାରେ, ଯାହା ଆମେରିକା ଚାହୁଁଥାଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ଅର୍ଥନୀତି ଘୋର ପ୍ରଭାବିତ ହେବା ଥୟ। କୋଭିଡ୍ ୧୯ ମହାମାରୀ ପରେ ବିଶ୍ୱ ଅର୍ଥନୀତି ମାନ୍ଦା ହୋଇଯାଇଥିବା ବେଳେ ରୁଷିଆ-ୟୁକ୍ରେନ୍ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଏହି ସଙ୍କଟକୁ ବଢ଼ାଇ ଦେଇଥିଲା। ଏଭଳି ଅସ୍ଥିରତା ଭିତରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲ ଆକ୍ରମଣ ସ୍ଥିତିକୁ ଅଧିକ ସଙ୍ଗିନ କରିଦେବା ଦେଖାଯାଉଛି। ଯଦି ଯୁଦ୍ଧର ପରିସର ବ୍ୟାପକ ହୁଏ, ତେବେ ଭୂରାଜନୈତିକ ପ୍ରେକ୍ଷାପଟରେ ଏକ ବିଭୀଷିକା ସୃଷ୍ଟି ହେବ। ଏପରି ମଧ୍ୟ ହୋଇପାରେ ଯେ ଆହୁରି ଘୋର କଠୋରପନ୍ଥୀଙ୍କ ହାତକୁ ଇରାନର ଭାଗ୍ୟ ଟେକି ହୋଇଯିବ। ଇରାନକୁ ରୁଷିଆ ସମର୍ଥନ କରି ତାହାକୁ ଟିହାଇଲେ ଅସମ୍ଭାଳ ପରିସ୍ଥିତି ଉପୁଜିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି। ଇରାନର ଦୀର୍ଘ ଦିନର ବାଣିଜ୍ୟ ସହଯୋଗୀ ଚାଇନା ଏବର ଆମେରିକା-ଇସ୍ରାଏଲର ଆକ୍ରମଣକୁ ବିରୋଧ କରିଛି। ପୁନଶ୍ଚ ଇରାନ ତୈଳର ସିଂହଭାଗ ଚାଇନା ଶସ୍ତାରେ କିଣିଥାଏ। ୨୦୨୫ରେ ଇରାନର ୮୦ ପ୍ରତିଶତ ତୈଳ ଚାଇନା କିଣିଥିଲା। ଚାଇନାର ଦୈନିକ ମୋଟ ତୈଳ ଆମଦାନୀର ୧୩ ପ୍ରତିଶତରୁ ଅଧିକ ଥିଲା ଇରାନୀୟ ତେଲ। ଏଥିସହିତ ୨୦୨୧ରେ ଚାଇନା ଓ ଇରାନ ଏକ ୨୫ ବର୍ଷିଆ ରଣନୀତିକ ସହଭାଗିତା ବୁଝାମଣା ସ୍ୱାକ୍ଷର କରିଥିଲେ। ଏପରିକି ବ୍ରିକ୍ସ ପ୍ଲସ୍‌ରେ ଇରାନକୁ ଚାଇନା ସଦସ୍ୟ ଭାବେ ଆମନ୍ତ୍ରିତ କରି ସ୍ଥାନ ଦେଇଛି। ଏସବୁକୁ ଦେଖିଲେ ଆମେରିକାର ଇରାନ ଉପରେ ଆକ୍ରମଣର ମୁଖ୍ୟ କାରଣ ଜଳଜଳ ଦିଶୁଛି। ଭେନେଜୁଏଲା ନେତା ନିକୋଲାସ ମାଦୁରୋଙ୍କୁ ଆମେରିକା ଉଠାଇନେଇ ସେହି ଦେଶ ଉପରେ ଅକ୍ତିଆର ଜମାଇବାର ମୁଖ୍ୟ କାରଣ ତୈଳ ବୋଲି କୁହାଯାଉଛି। ଏବର ଯୁଦ୍ଧ ଆରମ୍ଭ ହେବା ପରଠୁ ତୈଳ ଦରରେ ନିଆଁ ଲାଗିଲାଣି।

* * *

## କବିତା ଗୁଚ୍ଛ

### ପଳାଶ ଫୁଲ



ଫାଲଗୁନ ମାସେ ହସୁଥାଏ ଧରା
ପଳାଶକୁ କୋଳେ ପାଇ
ପଳାଶ ଫୁଲଟି ଆନନ୍ଦ ଲଭଇ।
ବୃକ୍ଷେ ଶୋଭା ଭରିଦେଇ
ରକ୍ତର ପ୍ରତୀକ ରଙ୍ଗକୁ ଆଦରି
ହସୁଥାଏ ଯେ ପଳାଶ
ମନ ଊଣା କରି ପ୍ରଭୁଙ୍କୁ ଡାକଇ
ନାହିଁ ବୋଲି ତା ସୁବାସ।
ଛୁଇଁନି ଭଅଁର ମଧୁମକ୍ଷୀକା ଯେ
ଶରୀରକୁ କେବେ ତାର
ହେଲେ ବନ ମଧ୍ୟେ ଫୁଟି ବାହାରେ ସେ
ଶୋଭା ବଢ଼ାଏ ତାହାର।
ଭୟେ ଥରୁଥାଇ ଚୈତ୍ରକୁ ସେ ଡରି
ବହିଲେ ଝଞ୍ଜି ପବନ
ଧରଣୀରେ ଲୋଟି ପଡ଼ିବ ସେ ଦିନେ
ଧୂଳିସାତ ତା' ଜୀବନ।
ପଳାଶ ଫୁଲର ଶୋଭାକୁ ଦେଖିଲେ
ମନ ସତେ ଯାଏ ହଜି
ଶ୍ରେଷ୍ଠ ଫୁଲ ରୂପେ ପ୍ରଭୁ ଶ୍ରୀକୃଷ୍ଣଙ୍କ
ଆଣନ୍ତି ସରବେ ଖୋଜି।
ପ୍ରେମର ପ୍ରତୀକ ଶ୍ରୀରାଧାକୃଷ୍ଣଙ୍କ
ନାହିଁ ସିନା ବାସ ତାର
ପ୍ରେମକୁ ଅମର କରଇ ପଳାଶ
ସାଜଇ ନିଜେ ଅବିର।
ସୂର୍ଯ୍ୟଦେବଙ୍କର କିରଣକୁ ସହି
କେତେ ଦୁଃଖକଷ୍ଟ ପାଇ
ଧୈର୍ଯ୍ୟର ପ୍ରତୀକ ଶିକ୍ଷା ସର୍ବେ ଦେଇ
ଉଭାଏ ବର୍ଷକ ପାଇଁ।

- ସନ୍ତୋଷ କୁମାର ପାଢ଼ୀ
ଯାଜପୁର

# ମହିଳାଙ୍କ ନ୍ୟାୟର ସ୍ୱର-ଜମୀଲା ନିଶତ

ହାଇଦ୍ରାବାଦରେ ଜନ୍ମିତ କବି ଓ ସାମଜକର୍ମୀ ଜମୀଲା ନିଶତ ୧୯୯୨ର ସାମ୍ପ୍ରଦାୟିକ ଦଙ୍ଗା ପରେ ଦଙ୍ଗା ପୀଡ଼ିତ ମହିଳାଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ କାମ କରିବାର ନିଷ୍ପତ୍ତି ନେଲେ ଏବଂ ସରକାରୀ ଶିକ୍ଷକତାରୁ ଅବସର ନେଲେ। ଅସ୍ମିତା ଏବଂ ପରେ ଶାହୀନ ମାଧ୍ୟମରେ ସେ ଘରୋଇ ହିଂସା ଓ ବାଲ୍ୟବିବାହ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଶିକ୍ଷା, ଆଇନ, ସହାୟତା ଓ ପୁନର୍ବାସ ମାଧ୍ୟମରେ ସେ ହଜାର ହଜାର ମୁସଲିମ ଓ ଦଳିତ ମହିଳାଙ୍କୁ ସଶକ୍ତ କରିଥିଲେ।

**ମୁଖ୍ୟ ବିନ୍ଦୁ:**

-ଜମୀଲା ନିଶତ ହାଇଦ୍ରାବାଦର ଜଣେ ପ୍ରସିଦ୍ଧ କବି ଓ ସମାଜକର୍ମୀ।

- ୧୯୯୨ର ସାମ୍ପ୍ରଦାୟିକ ଦଙ୍ଗା ତାଙ୍କୁ ଶିକ୍ଷକତା ଚାକିରୀ ଛାଡ଼ି ସମ୍ପୂର୍ଣ୍ଣ ଭାବେ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବାକୁ ପ୍ରେରିତ କରିଥିଲା।

-୨୦୦୨ ମସିହାରେ ସେ ମହିଳା କଲ୍ୟାଣ ପାଇଁ ଶାହୀନ ସଂସ୍ଥା ପ୍ରତିଷ୍ଠା କରିଥିଲେ।

- ସେ ୧୦୦୦ରୁ ଅଧିକ ବାଲ୍ୟ ବିବାହ ରୋକିଥିଲେ ଏବଂ ହିଂସାପୀଡ଼ିତ ମହିଳାମାନଙ୍କୁ ସହାୟତା କରିଥିଲେ।

- ଶିକ୍ଷା, ଆଇନଗତ ସହାୟତା ଓ ତାଲିମ ମାଧ୍ୟମରେ ସେ ଅନେକ ମହିଳାଙ୍କୁ ସଶକ୍ତ କରିଥିଲେ।

ତାଙ୍କ ଅନୁସାରେ 'ପ୍ରତ୍ୟେକ କବିତା ପୀଡ଼ିତାର ଏକ ସ୍ୱର। ମୁଁ ପାଠକଙ୍କୁ କହୁଛି ; ମୁଁ କେବଳ ଜମିଲା ନୁହେଁ- ମୁଁ ସେହି ପ୍ରଭାବିତ ଜୀବନର ସାକ୍ଷୀ।'

୧୯୯୨ ମସିହାରେ ଭାରତର ବିଭିନ୍ନ ସ୍ଥାନରେ ଘଟିଥିବା ଭୟଙ୍କର ସାମ୍ପ୍ରଦାୟିକ ଦଙ୍ଗା ଲକ୍ଷାଧିକ ଲୋକଙ୍କୁ, ବିଶେଷ କରି ମହିଳାଙ୍କୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ଏହି ଘଟଣା ଏକାଧାରରେ ଜଣେ କବି ଓ ଶିକ୍ଷୟିତ୍ରୀ ଜମୀଲା ନିଶତଙ୍କ ବିବେକ ଓ ଅନ୍ତରକୁ ଗଭୀର ଆଘାତ ଦେଇଥିଲା। ସାମ୍ପ୍ରଦାୟିକ ଦଙ୍ଗା ପୂର୍ବରୁ ଜମୀଲା ନିଶତ ଜଣେ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଥିଲେ। କିନ୍ତୁ ଦଙ୍ଗାପୀଡ଼ିତ ଅଞ୍ଚଳ ପରିଦର୍ଶନ କରି ମହିଳାମାନଙ୍କର ଅସହାୟତା ଓ ଯନ୍ତ୍ରଣାକୁ ନିକଟରୁ ଦେଖିବା ପରେ ସେ ବ୍ୟଥିତ ହୋଇ ପଡ଼ିଥିଲେ। ସରକାରୀ ଚାକିରିରୁ ଇସ୍ତଫା ଦେଇ, କେବଳ ଦଙ୍ଗା ନୁହେଁ ବରଂ ସମସ୍ତ ପ୍ରକାର ହିଂସାରେ ପୀଡ଼ିତ ମହିଳାମାନଙ୍କ କଲ୍ୟାଣ ଓ ସଶକ୍ତିକରଣ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ।

ଜମୀଲା ନିଶତ ୧୯୫୫ ମସିହାରେ ତେଲେଙ୍ଗାନାର ହାଇଦ୍ରାବାଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସୟଦ ବିନ୍ ମହମ୍ମଦ ଜଣେ ପ୍ରସିଦ୍ଧ ପୋଟ୍ରେଟ ଚିତ୍ରକାର ଭାବେ ପରିଚୟ ପାଇବା ସହ ହାଇଦ୍ରାବାଦର କଳା ଓ ସାଂସ୍କୃତିକ ଜଗତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ ଏବଂ ପ୍ରସିଦ୍ଧ କଳାକାର ଏମ.ଏଫ. ହୁସେନଙ୍କ ଘନିଷ୍ଠ ବନ୍ଧୁ ଥିଲେ। ନିଶତଙ୍କ ମା' ଜଣେ ଗୃହିଣୀଥିଲେ। ପିଲାଦିନେ ନିଶତଙ୍କ ପାରିବାରିକ ପରିବେଶ ପ୍ରାୟ ମଧ୍ୟବିତ୍ତ ଏବଂ ପାରମ୍ପରିକ ଥିଲା ଯେଉଁଠାରେ ଝିଅମାନଙ୍କର ଉଚ୍ଚଶିକ୍ଷା ଏବଂ କଳାକ୍ଷେତ୍ରରେ ସ୍ୱାଧୀନତା ପ୍ରତି ସାମାଜିକ ଅବରୋଧ ଥିଲା। ବାପାଙ୍କ ପରି ଚିତ୍ରକଳା ପ୍ରତି ଗଭୀର ଦୁର୍ବଳତା ଥିଲେ ମଧ୍ୟ ସାମାଜିକ ପ୍ରତିବନ୍ଧକ ଯୋଗୁଁ ତାଙ୍କୁ ଚିତ୍ରକଳା ପ୍ରତି ନିଜର ଆଗ୍ରହ ଛାଡ଼ିବାକୁ ପଡ଼ିଲା। କିନ୍ତୁ ପରବର୍ତ୍ତି ସମୟରେ ସେ ରଙ୍ଗତୂଳିକୁ କଲମରେ ବଦଳାଇ କବିତା ମାଧ୍ୟମରେ ନିଜର ଭାବନା ଓ ଅନୁଭୂତିକୁ ପ୍ରକାଶ କରିବା ଆରମ୍ଭ କରିଥିଲେ। ଜମୀଲା ନିଶତ ହାଇଦ୍ରାବାଦର ଓସମାନିଆ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ଏମ.ଏ. ଡିଗ୍ରୀ ହାସଲ କରି ଜଣେ ଶିକ୍ଷୟିତ୍ରୀ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ ଏବଂ ପ୍ରାୟ ୨୦ବର୍ଷ ଧରି ଏହି କ୍ଷେତ୍ରରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟରତ ଥିଲେ। ତାଙ୍କର ପ୍ରସିଦ୍ଧ କବିତା 'ଇନ୍ତସାବ'ର କିଛି ପଙ୍‌କ୍ତି ସୁନ୍ଦର ଭାବରେ ତାଙ୍କର ଅନ୍ତର୍ନିହିତ ଭାବନାକୁ ପ୍ରକାଶ କରେ; ୟହ ଉନ୍ ଔରତୋଂ କେ ନାମ, ଜୋ ସଦିୟୋଁ ସେ ଚୁପ ହୈଁ, ଜିନକୀ ଆୱାଜେଁ ଦୀୱାରୋଁ ମେ ଦଫନ ହୈଁ, ଔର ଜିନକୀ ଆଖେଁ ଆସମାନ କୀ ତଲାଶ ମେ ପଥରାଗଈ ହୈଁ। ୧୯୯୨ ଦଙ୍ଗା ପରେ ଯେତେବେଳେ ଜମୀଲା ନିଶତ ପୁରୁଣା ହାଇଦ୍ରାବାଦର ଅଞ୍ଚଳଗୁଡ଼ିକୁ ଗସ୍ତ କରିଥିଲେ, ସେତେବେଳେ ପୋଡ଼ି ଯାଇଥିବା ଘର, ଦୋକାନ ଏବଂ ମହିଳାମାନଙ୍କୁ ଗଭୀର ଆଘାତ ପାଇଥିବା ଦେଖିଲେ। ଏହି ଯନ୍ତ୍ରଣା ଦାୟକ ପରିସ୍ଥିତିକୁ ଦେଖି, ସେ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ସୃଷ୍ଟି କରିବାକୁ ସଂକଳ୍ପ ନେଇଥିଲେ। ମହିଳାମାନଙ୍କ ଅବସ୍ଥାକୁ ଉନ୍ନତ କରିବା ପାଇଁ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ ଅସ୍ମିତା ନାମକ ଏକ ସଂଗଠନରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ମହିଳା ଅଧିକାର ଏବଂ ସାମ୍ପ୍ରଦାୟିକ ସଦ୍ଭାବନା ପାଇଁ କାମ କରିବା ଆରମ୍ଭ କରିଥିଲେ। ପ୍ରାୟ ପାଞ୍ଚ ବର୍ଷ ଧରି ଅସ୍ମିତା ସହିତ ସକ୍ରିୟ ଭାବରେ କାର୍ଯ୍ୟ କରିବା ସମୟରେ ସେ ପୁରୁଣା ହାଇଦ୍ରାବାଦର ମୁସଲିମ ମହିଳାମାନଙ୍କ ସମସ୍ୟାକୁ ଅତି ନିକଟରୁ ବୁଝିଥିଲେ। ସେ ମୁସଲିମ ଏବଂ ହିନ୍ଦୁ ମହିଳାଙ୍କ ମଧ୍ୟରେ ଦୂରତା ହ୍ରାସ କରିବା ଏବଂ ଦଙ୍ଗା ପରେ ସମ୍ପ୍ରଦାୟଗୁଡ଼ିକୁ ପୁନଃ ନିର୍ମାଣ କରିବା ପାଇଁ କାର୍ଯ୍ୟକରିଥିଲେ। ଅସ୍ମିତା ସଂଗଠନ ସହିତ କାମ କରିବା ସମୟରେ ସେ ଅନୁଭବ କଲେ ଯେ, ପୁରୁଣା ସହରରେ ମୁସଲିମ ମହିଳାମାନଙ୍କ ସମସ୍ୟାଗୁଡ଼ିକ ବହୁତ ନିର୍ଦ୍ଦିଷ୍ଟ ଏବଂ ଗଭୀର ଭାବରେ ଜଡିତ ଯାହାକୁ କେବଳ ଉପରସ୍ତରରେ ସମାଧାନ କରାଯାଇ ପାରିବ ନାହିଁ। ମହିଳାମାନେ ବାହାର ସଂଗଠନ ସହିତ କଥା ହେବାକୁ ସଂକୋଚ ପ୍ରକାଶ କରୁଥିଲେ। ଜମୀଲା ନିଶତ ଅନୁଭବ କଲେ ଯେ, ସେମାନଙ୍କୁ ଏଭଳି ଏକ ମଞ୍ଚ ଆବଶ୍ୟକ ଯାହା ସେମାନଙ୍କ ଭାଷା (ଉର୍ଦ୍ଦୁ) ଏବଂ ସଂସ୍କୃତିକୁ ବୁଝିପାରିବ।ଜମୀଲା ନିଶତ କୁହନ୍ତି: 'ମୁଁ ଅନୁଭବ କଲି ଯେ କେବଳ ଲେଖିବା ଯଥେଷ୍ଟ ନୁହେଁ ଏବଂ ପରିସ୍ଥିତି ପରିବର୍ତ୍ତନ କରିବା ଏବଂ ନିଜ ପାଇଁ ଏକ ସାର୍ବଜନୀନ ସ୍ଥାନ ସୃଷ୍ଟି କରିବା ପାଇଁ ମୋତେ କିଛି କରିବାକୁ ପଡ଼ିବ।'

୨୦୦୨ ମସିହାରେ ସେ ଶାହୀନ ମହିଳା ସମ୍ବଳ ଏବଂ କଲ୍ୟାଣ ସଂଘ ପ୍ରତିଷ୍ଠା କରିଥିଲେ। ଯାହା ଘରୋଇ ହିଂସା, ଯୌନ ଉତ୍ପୀଡନ ଏବଂ ମାନବ ଚାଲାଣର ଶିକାର ହୋଇଥିବା ମହିଳାମାନଙ୍କୁ ନ୍ୟାୟ ଏବଂ ସ୍ୱାଧୀନତା ପ୍ରଦାନ କରିବା ପାଇଁ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିଲା। ଜମୀଲା ପୁରୁଣା ସହରରେ ପ୍ରଚଳିତ ବାଲ୍ୟବଧୂ ରାକେଟ ଏବଂ ଆରବ ଶେଖଙ୍କ ସହିତ ନାବାଳିକା ଝିଅମାନଙ୍କ ବିବାହ ବିରୋଧରେ ଦୃଢ଼ ସ୍ୱର ଉଠାଇଛନ୍ତି। ତାଙ୍କ ପ୍ରୟାସ ଦ୍ୱାରା ଏପର୍ଯ୍ୟନ୍ତ ୧୦୦୦ରୁ ଅଧିକ ବାଲ୍ୟବିବାହ ବନ୍ଦ କରାଯାଇଛି।

ଜମୀଲା ନିଶତ ବିଶ୍ୱାସ କରନ୍ତି ଯେ, 'ମହିଳା ଏବଂ ଝିଅମାନେ ଶିକ୍ଷା ମାଧ୍ୟମରେ ସେମାନଙ୍କର ସମ୍ଭାବନାକୁ ଅନୁଭବ କରିବା ଉଚିତ, ସ୍ୱାଧୀନ ଏବଂ ସ୍ୱାବଲମ୍ବୀ ହେବା ଉଚିତ, ଠକେଇର ଶିକାର ନହୋଇ ନିଜକୁ ଆର୍ଥିକ, ଶାରୀରିକ, ମାନସିକ ଏବଂ ଭାବପ୍ରବଣ ଭାବରେ ଶକ୍ତିଶାଳୀ କରିବା ଆବଶ୍ୟକ। ସେ ଘରୋଇ ହିଂସାର ଶିକାର ହୋଇଥିବା ୭୪୦୦ରୁ ଅଧିକ ମହିଳାଙ୍କୁ ଆଇନଗତ, ଆର୍ଥିକ ଏବଂ ମାନସିକ ସହାୟତା ପ୍ରଦାନ କରିଛନ୍ତି। ସେ ଖୁଲା ମାଧ୍ୟମରେ ମହିଳାମାନଙ୍କୁ ଅପମାନ ଜନକ ସମ୍ପର୍କରୁ ବାହାରକୁ ଆସିବାରେ ମଧ୍ୟ ସାହାଯ୍ୟ କରନ୍ତି। ସେ ଏ ବିଷୟରେ କୁହନ୍ତି ଯେ, 'ପୀଡ଼ିତାଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ମୁଁ ଶୋଇ ପାରିବି ନାହିଁ। ମୁଁ ମୋ ଜୀବନରେ ସମସ୍ତ ପୀଡ଼ିତାଙ୍କୁ ସ୍ଥାନ ଦେଇଛି ଏବଂ ସେମାନେ ମୋ କବିତାରେ ଚିରକାଳ ବଞ୍ଚି ରହିବେ।' 'ଶାହୀନ' ମାଧ୍ୟମରେ ଜମୀଲା ନିଶତ ପ୍ରାୟ୪୫୦୦ ବିଦ୍ୟାଳୟ ଛାଡୁଥିବା ଝିଅଙ୍କୁ ଶିକ୍ଷା ସହିତ ପୁନଃସଂଯୋଗ କରିଛନ୍ତି ଏବଂ ୧୭,୦୦୦ରୁ ଅଧିକ ମହିଳାଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ କରିଛନ୍ତି, ଯାହା ସେମାନଙ୍କୁ ଆର୍ଥିକ ଭାବରେ ସ୍ୱାବଲମ୍ବୀ କରିଛି। ତାଙ୍କ ସାହସିକ କାର୍ଯ୍ୟ ପାଇଁ ତାଙ୍କୁ ୨୦୨୧ ମସିହାରେ ଲିଙ୍ଗ ସମାନତା ପାଇଁ ମାର୍ଥା ଫାରେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ଏବଂ ୨୦୧୯ ମସିହାରେ ତେଲେଙ୍ଗାନା ସରକାରଙ୍କ ଠାରୁ ମାନ୍ୟତା ପ୍ରାପ୍ତ ହୋଇଥିଲା।ଆଜି ମଧ୍ୟ ଜମୀଲା ନିଶତ ପୁରୁଣା ହାଇଦ୍ରାବାଦ ସହରରେ ମୁସଲିମ ଏବଂ ଦଳିତ ମହିଳାଙ୍କ ବିକାଶ ଏବଂ ନ୍ୟାୟ ପାଇଁ ଅଦ୍ୟମ ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ସଂଗଠନ ଶାହୀନ (ଏକ ମୁକ୍ତ ଏବଂ ଉଚ୍ଚରେ ଉଡୁଥିବା ପକ୍ଷୀର ପ୍ରତୀକ ଯାହା କେବେ ପରାଜୟ ଗ୍ରହଣ କରେନାହିଁ ଏବଂ ନିଜର ଏକ ସ୍ୱତନ୍ତ୍ର ବିଶ୍ୱ ସୃଷ୍ଟି କରେ) ଅନେକ ମହିଳାଙ୍କୁ ନ୍ୟାୟ ଏବଂ ଏକ ନୂତନ ଜୀବନ ଦେଉଛି। ଜମୀଲା ନିଶତ ବିଶ୍ୱାସ କରନ୍ତି ଯେ, ଶାହୀନ ପରି ମହିଳାମାନେ ନିଜର ଏକ ବିଶ୍ୱ ସୃଷ୍ଟି କରିବା ଉଚିତ ଏବଂ କେବେ କାହା ଠାରୁ ପରାଜୟ ଗ୍ରହଣ କରିବା ଉଚିତ ନୁହେଁ।

- ଆଫରୋଜ ଖାନ
ନ୍ୟୁ ଏଜ୍ ଇସଲାମ

# ଫ୍ରି ଉପହାର ନୁହେଁ, କାମ ଚାହେଁ : ସୁପ୍ରିମ କୋର୍ଟର ସତର୍କ ବାର୍ତ୍ତା ଓ ଭବିଷ୍ୟତ ଭାରତର ଉନ୍ନୟନ ଦିଶା

ଭାରତ ବର୍ଷର ଗଣତାନ୍ତ୍ରିକ ସଂରଚନାରେ ବିଚାର ବିଭାଗ କେବଳ ଆଇନ ବ୍ୟାଖ୍ୟା କରେନାହିଁ, ସମୟେ ସମୟରେ ସମାଜ ଓ ରାଷ୍ଟ୍ରର ନୈତିକ ଦିଶା ମଧ୍ୟ ଦେଖାଏ। ସମ୍ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣରେ ସୁପ୍ରିମ କୋର୍ଟ ଅଫ ଇଣ୍ଡିଆ ସ୍ପଷ୍ଟ ଭାଷାରେ ଜଣାଇଛନ୍ତି - ରାଷ୍ଟ୍ରର ଉନ୍ନୟନ 'ଫ୍ରି ଉପହାର' ବା ମାଗଣା ଉପରେ ନିର୍ଭର କରି ବିକଶିତ ହୋଇପାରିବନାହିଁ। ଏହି ମାଗଣା ବଣ୍ଟନ ସଂସ୍କୃତି ଛାଡି ସରକାରଙ୍କୁ କର୍ମସଂସ୍ଥାନ ସୃଷ୍ଟି ଓ କର୍ମର ସୁଯୋଗବୃଦ୍ଧି ପ୍ରତି ମନୋଯୋଗୀ ହେବାକୁ ପଡିବ। ଏହି ମନ୍ତବ୍ୟ ନିଛକ ସୁପ୍ରିମ କୋର୍ଟ କକ୍ଷର ପର୍ଯ୍ୟବେକ୍ଷଣ ନୁହେଁ ; ଏହା ଭାରତର ବର୍ତ୍ତମାନର ରାଜନୈତିକ ସଂସ୍କୃତି , ଅର୍ଥନୈତିକ ନୀତି ଏବଂ ସାମାଜିକ ମାନସିକତା ଉପରେ ଏକ ଗଭୀର ପ୍ରଶ୍ନଚିହ୍ନ। ଆଜି ଯେତେବେଳେ ଏକଦିଗରେ ବେକାରତ୍ୱ ବଢିଚାଲିଛି, ଅନ୍ୟଦିଗରେ ନିର୍ବାଚନ ପୂର୍ବରୁ ବିନାମୂଲ୍ୟରେ ବିଜୁଳି , ଜଳ, ନଗଦ ଅର୍ଥ କିଂବା ସାମଗ୍ରୀ ଉପହାର ଦେବାର ପ୍ରତିଯୋଗିତା ଚାଲୁଛି - ଠିକ ଏହି ସମୟରେ ଏଇ ମନ୍ତବ୍ୟ ଭବିଷ୍ୟତ ପାଇଁ ଏକ ସତର୍କ ବାର୍ତ୍ତା। ବିଗତ ଦଶ ବର୍ଷ ହେବ, ଆମ ଦେଶରେ 'ଫ୍ରି ଉପହାର' ଗୋଟିଏ ଶକ୍ତିଶାଳୀ ନିର୍ବାଚନୀ ଅସ୍ତ୍ରରେ ପରିଣତ ହୋଇଛି। ବିଭିନ୍ନ ରାଜ୍ୟ ସରକାର ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ନାନାଦି ଧରଣର ବିନାମୂଲ୍ୟରେ ପରିଷେବା ଓ ସାମଗ୍ରୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଉଛନ୍ତି। ପ୍ରଥମ ନଜରରେ ଏହି ପ୍ରକଳ୍ପଗୁଡିକ ଜନକଲ୍ୟାଣମୂଳକ ବୋଲି ମାନେ ହେଉଥିଲେ ବି, ଗଭୀରକୁ ଗଲେ ଦେଖାଯାଏ ଏହା ପଛରେ ସଗୋପନେ ଲୁକ୍କାୟିତ ଅଛି ରାଜନୈତିକ ସୁବିଧା ହାସଲ କରିବାର ଅଭିସନ୍ଧି, ହିସାବୀ ମୁଖା। ସୁପ୍ରିମ କୋର୍ଟ ପ୍ରଶ୍ନ ଉଠାଇଛନ୍ତି , ଯଦି ସରକାର ବିନାମୂଲ୍ୟରେ ସବୁକିଛି ଯୋଗାଇଦେବେ ତ କାମ କରିବ କିଏ ? ଏହି ପ୍ରଶ୍ନ ପ୍ରକୃତରେ ସମାଜର କର୍ମସଂସ୍କୃତି ଓ ଶ୍ରମର ମର୍ଯ୍ୟାଦାକୁ ସାମ୍ନାକୁ ଆଣୁଛି। ଗୋଟିଏ ରାଷ୍ଟ୍ର କ'ଣ ଏମିତି ନାଗରିକ ତିଆରି କରିବାକୁ ଚାହେଁ କର୍ମ ମାଧ୍ୟମରେ ଆତ୍ମନିର୍ଭର ହେବେ ନା କ'ଣ ଏମିତି ଏକ ଜନସମାଜ ଯେଉଁମାନେ ପ୍ରତିନିୟତ ସରକାରଙ୍କୁ ଅନେଇ ବସିଥିବେ କେତେବେଳେ ମାଗଣା ମିଳିବ ତା' ଅପେକ୍ଷାରେ ? ଏହି ନିର୍ବାଚନୀ କାଳୀନ ମାଗଣା ସଂସ୍କୃତି ନେତା ଓ ସରକାରଙ୍କ ଜନପ୍ରିୟତା ନା ଦେଶର ଭବିଷ୍ୟତ ପ୍ରତି ଦାୟିତ୍ୱହୀନତା। କହିବାବାହୁଲ୍ୟ ଯେ, ଫ୍ରି ଉପହାର ମଣିଷକୁ ସାମୟିକ ସମୟ ପାଇଁ ଆଶ୍ୱସ୍ତ କରିଥାଏ, କିନ୍ତୁ ଏହା ଦୀର୍ଘସ୍ଥାୟୀ ସମାଧାନ ନୁହେଁ। ଅନ୍ୟପକ୍ଷରେ ଦକ୍ଷତା ଉନ୍ନୟନ ମଣିଷର ଭବିଷ୍ୟତକୁ ସୁଗଠିତ କରିଥାଏ। ଆଜିର ବିଶ୍ୱରେ ପ୍ରଯୁକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତିକୁ ବଞ୍ଚାଇ ରଖିବାକୁ ହେଲେ ପ୍ରଶିକ୍ଷଣ ଓ ଦକ୍ଷତା ଏକାନ୍ତ ଅପରିହାର୍ଯ୍ୟ। ଯଦି ସରକାର ବିନାମୂଲ୍ୟରେ ପଣ୍ୟ ଯୋଗାଇଦେବେ, ଦେଶବାସୀ ଅଳସୁଆ ହେଇଯିବେ, କର୍ମବିମୁଖ ହୋଇଉଠିବେ। ଏସବୁ ନକରି ସରକାର ଯଦି ପ୍ରଶିକ୍ଷଣ କେନ୍ଦ୍ର, କାରିଗରୀ ଶିକ୍ଷା ଓ କର୍ମମୁଖୀ ଶିକ୍ଷା ଏବଂ ଜ୍ଞାନକୌଶଳ ଭିତ୍ତିକ ଶିକ୍ଷାର ପରିସରକୁ ବ୍ୟାପକ କରିବେ ଓ ଯୁବଗୋଷ୍ଠିକୁ ଏହି ଦିଗରେ ଆକୃଷ୍ଟ କରାଇବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିପାରିବେ ତ ଏହାର ସୁଫଳ ପ୍ରଜନ୍ମ ପରେ ପ୍ରଜନ୍ମ ଭୋଗ କରି ଚାଲିବ।



ବିନାମୂଲ୍ୟରେ ଚାଲୁଥିବା ଏହିସବୁ ପ୍ରକଳ୍ପଗୁଡିକର ବଡ ପ୍ରଭାବ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଉପରେ ପଡେ। ବିପୁଳ ପରିମାଣରେ ସବସିଡ ଦେବାକୁ ଯାଇ ରାଜ୍ୟଗୁଡ଼ିକର ରାଜସ୍ୱ ହ୍ରାସ ପାଇବାରେ ଲାଗିଛି। ଋଣର ବୋଝ ବଢୁଛି, ଆଉ ତା'ର କୁଫଳ ଭୋଗୁଛି ଉନ୍ନୟନମୂଳକ କାର୍ଯ୍ୟ। ଯେତେବେଳେ ସରକାରୀ ଅର୍ଥର ବଡ ଅଂଶ ଫ୍ରି ପ୍ରକଳ୍ପରେ ଖର୍ଚ୍ଚ ହୋଇଯାଏ, ସେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଶିଳ୍ପାୟନ ଆଧାରଭୂତ ସରଞ୍ଜାମ ସଂଶ୍ଳିଷ୍ଟ ଉନ୍ନୟନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ବରାଦ କମିଯାଏ। ଦୀର୍ଘମିଆଦରେ ଏହା ଦେଶର ସାମଗ୍ରିକ ଉତ୍ପାଦନ କ୍ଷମତାକୁ ଦୁର୍ବଳ କରେ। ଅର୍ଥବିଦମାନଙ୍କ ମତରେ, ଏହି ଧରଣର ବ୍ୟୟ ଉତ୍ପାଦନଶୀଳ ନୁହେଁ, କାରଣ ଏହା ସମ୍ପଦ ବା ଦକ୍ଷତା ସୃଷ୍ଟି କରେନା; ବରଂ ଏହା ନିର୍ଭରଶୀଳତାର ଏକ ଚକ୍ର ସୃଷ୍ଟି କରେ, ଯାହା ଭବିଷ୍ୟତରେ ଆହୁରି ସବସିଡକୁ ଜନ୍ମ ଦେବ। ଯେ କୌଣସି ଉନ୍ନୟନଶୀଳ ଦେଶର କର୍ମସଂସ୍ଥାନ ହେଉଛି ଉନ୍ନୟନର ପ୍ରକୃତ ଭିତ୍ତିଭୂମି। ଚାକିରୀ କେବଳ ମାସିକ ଆୟର ଉତ୍ସ ନୁହେଁ, ଏହା ମନୁଷ୍ୟର ଆତ୍ମସମ୍ମାନ, ସାମାଜିକ ନିରାପତ୍ତା ଏବଂ ଭବିଷ୍ୟତ ପରିକଳ୍ପନାର ଭିତ୍ତି ଗଢ଼ି ତୋଳିବାର ମୂଳଦୁଆ। ଭାରତ ଭଳି ଜନବହୁଳ ଦେଶରେ ଯଦି ପର୍ଯ୍ୟାପ୍ତ ପରିମାଣରେ କାର୍ଯ୍ୟର ସୁଯୋଗ ସୃଷ୍ଟି ନ ହୁଏ, ତେବେ ଦାରିଦ୍ର୍ୟ , ଅସାମ୍ୟ ଓ ସାମାଜିକ ଅସ୍ଥିରତା ବଢିବ ହିଁ ବଢିବ। ତେଣୁ ସୁପ୍ରିମ କୋର୍ଟର ବକ୍ତବ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ -ସରକାରଙ୍କ ପ୍ରଧାନ କାର୍ଯ୍ୟ ହେଉଛି କର୍ମସଂସ୍ଥାନ ସୃଷ୍ଟି କରିବା, ମାଗଣା ଉପହାର ବଣ୍ଟନ ନୁହେଁ। ଶିଳ୍ପାୟନ, କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ, ଷ୍ଟାର୍ଟଅପ, କୃଷିଭିତ୍ତିକ ଶିଳ୍ପ ଏବଂ ଦକ୍ଷତା ଉନ୍ନୟନ -ଏହି କ୍ଷେତ୍ରଗୁଡିକରେ ବିନିଯୋଗ ହିଁ ଦୀର୍ଘମିଆଦରେ ଲକ୍ଷ ଲକ୍ଷ ମଣିଷର ଜୀବନରେ ସ୍ଥାୟୀ ପରିବର୍ତ୍ତନ ଆଣିପାରେ। ମାଗଣା ସ୍କିମକୁ ସୁପ୍ରିମ କୋର୍ଟ କଟୂ ସମାଲୋଚନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁପ୍ରିମ କୋର୍ଟର ପର୍ଯ୍ୟବେକ୍ଷଣ ଏହି ଦିଗକୁ ଇଙ୍ଗିତ କରୁଛି -ଜନସାଧାରଣଙ୍କୁ ମାଗଣା ଉପହାର ଉପରେ ନିର୍ଭରଶୀଳ ନକରେଇ ଆତ୍ମନିର୍ଭରଶୀଳ ଓ କର୍ମକ୍ଷମ କରାଇବା ରାଷ୍ଟ୍ରର ଭୂମିକା ହେବା ଉଚିତ। ମାଗଣା ଉପହାର ଭୋଟବ୍ୟାଙ୍କ ରାଜନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଗଣତନ୍ତ୍ରକୁ ଦୁର୍ବଳ ଏହାର ଏକ ବିପଦଜ୍ଜନକ ଦିଗ। ସାମ୍ପ୍ରତିକ ସମୟରେ ଭାରତୀୟ ଗଣତାନ୍ତ୍ରିକ ରାଜନୀତିରେ ଭୋଟ ଉନ୍ନୟନମୂଳକ ପରିକଳ୍ପନା ଭିତ୍ତିରେ ନୁହେଁ ବରଂ ମାଗଣା ଉପହାର ପ୍ରାପ୍ତିର ପ୍ରତିଶ୍ରୁତି ଉପରେ ନିର୍ଭର କରୁଛି ; ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହେବାରେ ଲାଗିଛି। ଆଜିକାଲି ରାଜନୈତିକ ଦଳଗୁଡିକ ଦୀର୍ଘମିଆଦି ନୀତି ନେଇ ତର୍କବିତର୍କ କରୁନାହାନ୍ତି, ଶର୍ଟକଟ ଜନପ୍ରିୟତାର ରାସ୍ତାରେ ଚାଲିବାକୁ ବେଶ ପସନ୍ଦ କରୁଛନ୍ତି। ଫଳସ୍ୱରୂପ, ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ - ସଚେତନ ନାଗରିକ ଓ ଦାୟିତ୍ୱବାନ ସରକାର; ଦୁଇଟି ଯାକ କ୍ଷତିଗ୍ରସ୍ତ ହେବାକୁ ଲାଗିଛି। ଏହି ପ୍ରେକ୍ଷାପଟରେ ନାଗରିକର ଭୂମିକା ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ର ଶାସନରେ ସରକାର ଯେମିତି ଦାୟିତ୍ୱଶୀଳ, ସେମିତି ଭୋଟରମାନଙ୍କର ବି ଦାୟିତ୍ୱ ରହିଛି। ନାଗରିକମାନେ ବି ପ୍ରଶ୍ନ କରିବା ଉଚିତ : ଏଇ ଫ୍ରି ପ୍ରକଳ୍ପର ଅର୍ଥ ଆସୁଛି କେଉଁଠୁ ? ଏହାର ଦୀର୍ଘମିୟାଦି ପ୍ରଭାବ କ'ଣ ? ଏହା କ'ଣ ଆମ୍ଭମାନଙ୍କର ଉତ୍ତରସୂରୀମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବ ? ରାଜନୀତିକୁ ସଠିକ ପଥରେ ପରିଚାଳିତ କରିବାର ଦକ୍ଷତା ସଚେତନ ନାଗରିକ ପାଖରେ ଅଛି। ଏଠାରେ ଏକ ଗୁରୁତ୍ୱପୂର୍ଣ ବିଭାଜନ ସ୍ପଷ୍ଟ କରିନେବା ଦରକାର। ଯେ କୌଣସି କଲ୍ୟାଣମୂଳକ ରାଷ୍ଟ୍ରର ମୁଖ୍ୟ ଲକ୍ଷ୍ୟ ହେଉଛି ଦାରିଦ୍ରତାର ସୀମାରେଖା ତଳେ ନାଗରିକ ଓ ଦୁର୍ବଳ ଶ୍ରେଣୀର ଜନତା ପାଇଁ ସାମାଜିକ ନିରାପତ୍ତା ନିଶ୍ଚିତ କରିବା- ଯେମିତିକି ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟସେବା ବା ନ୍ୟୁନତମ ଆୟର ସୁରକ୍ଷା। କିନ୍ତୁ ନିର୍ବାଚନୀ ସୁବିଧା ପାଇଁ ନିର୍ବିଚାରେ ଫ୍ରି ଉପହାର ଦେବାଟା ଆଦୌ କଲ୍ୟାଣକର ନୁହେଁ, ଏହା ରାଜନୈତିକ ସ୍ୱାର୍ଥସିଦ୍ଧି ମାତ୍ର। ସୁପ୍ରିମ କୋର୍ଟର ସୁପ୍ରିମ ମନ୍ତବ୍ୟ ମୂଳତଃ ଏହି ପାର୍ଥକ୍ୟଗୁଡିକୁ ସାମ୍ନାକୁ ଆଣିଛି।

ଭାରତ ସାମ୍ନାରେ ଆଜି ଦୁଇଟି ପଥ ଉନ୍ମୁକ୍ତ ଅଛି ; ଗୋଟିଏ ପଥ ହେଉଛି : ସ୍ୱଳ୍ପମିୟାଦି ଜନପ୍ରିୟତା ହାସଲ ପାଇଁ ମାଗଣା ଉପହାର ବଣ୍ଟନର ରାଜନୀତି ଏବଂ ଅନ୍ୟଟି କଠିନ ଅଥଚ ନ୍ୟାୟସଂଗତ ପଥ, ଯେଉଁଠି କାର୍ଯ୍ୟ, ଦକ୍ଷତା ଓ ଉତ୍ପାଦନଶୀଳତା ହିଁ ମୂଳଭିତ୍ତି। ସୁପ୍ରିମ କୋର୍ଟର ସତର୍କ ବାର୍ତ୍ତା ଦ୍ୱିତୀୟ ପଥର ସପକ୍ଷରେ। ଏହି ବାର୍ତ୍ତା କେବଳ ସରକାର ବା ରାଜନୈତିକ ଦଳଗୁଡିକ ପାଇଁ ନୁହେଁ - ଏହା ଭାରତୀୟ ସମାଜରେ ବାସ କରୁଥିବା ପ୍ରତ୍ୟେକ ସଚେତନ ନାଗରିକମାନଙ୍କ ପାଇଁ ଏକ ଉପଦେଶମୂଳକ ବାର୍ତ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। ମାଗଣା ଉପହାର ଦେଇ ଭୋଟ କିଣା ଯାଇପାରେ, ନାଗରିକ ଜୀବନକୁ ଓ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ ସରକାର ଯଦି ଦେଶରେ ବଢୁଥିବା ବେକାରୀମାନଙ୍କ ପାଇଁ ଚାକିରିକ୍ଷେତ୍ର ପ୍ରଶସ୍ତ କରିପାରିବେ ତ ଏହା ସରକାରଙ୍କର ମିଶନ - ୨୦୪୭ ସ୍ୱପ୍ନକୁ ସାକାର କରିବାର ରାସ୍ତା ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ସତ୍ୟକୁ ଯେତେ ଦ୍ରୁତ ଆମ୍ଭେମାନେ ବୁଝି ପାରିବା, ସେତେ ଦ୍ରୁତ ଭାରତ ଏକ ଆତ୍ମନିର୍ଭର, ମର୍ଯ୍ୟାଦାଶୀଳ ଓ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବ, କିନ୍ତୁ ଭାଷଣବାଜୀରେ ନୁହେଁ।

*

- ଡକ୍ଟର ନୀଳମଣି ସୂତାର
ଖାନନଗର, କଟକ,
ଦୂରଭାଷ : ୮୫୯୯୮୯୪୯୧୫

# ଆତଙ୍କବାଦ ଦମନ ନୀତି 'ପ୍ରହାର'

ଏଥିରେ ଦ୍ୱିମତ ନାହିଁ ଯେ, ଦଶନ୍ଧି ଦଶନ୍ଧ ଧରି ଭାରତର ବିଭିନ୍ନ ଅଂଚଳରେ ଆତଙ୍କବାଦର ବିଭିଷିକା ରକ୍ତର ହୋଲି ଖେଳି ଆସିଛି। ଶେଷରେ ବିଳମ୍ବରେ ହେଲେ ବି ଦେଶର ପ୍ରଥମ ଆତଙ୍କବାଦ ଦମନ ନୀତି ଓ କୌଶଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାରି କରିଛି, ଯାହାକି ଏକ ସମୟୋଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଆତଙ୍କବାଦ ମୁକାବିଲା ନୀତି ଓ କୌଶଳର ନାମ 'ପ୍ରହାର' ରହିଛି। ସ୍ୱତନ୍ତ୍ର ଆତଙ୍କବାଦ ମୁକାବିଲା ନୀତି ଓ କୌଶଳ ଜାରି କରିବାରେ ଭାରତ ବିଶ୍ୱରେ ପ୍ରଥମ ରାଷ୍ଟ୍ର ନୁହେଁ। ଏଭଳି ସ୍ୱତନ୍ତ୍ର ଚ୍ୟାଲେଞ୍ଜର ମୁକାବିଲା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା, ଯୁନାଇଟେଡ କିଙ୍ଗଡମ୍ (ବ୍ରିଟେନ) ପରି ରାଷ୍ଟ୍ରର ସ୍ୱତନ୍ତ୍ର ନୀତି ରହିଛି। ଏହା ନିସନ୍ଦେହ ଯେ, ଭାରତ ଏବେ ସୀମାପାର ଏବଂ ସାଇବର (ଡିଜିଟାଲ) ଆତଙ୍କବାଦର ଶୀକାର ହୋଇଛି। ଶତ୍ରୁରାଷ୍ଟ୍ରଗୁଡିକ ଆତଙ୍କବାଦ ଦ୍ୱାରା ଦେଶରେ ରକ୍ତର ହୋଲି ଖେଳୁଥିବାବେଳେ ସାଇବର ଆକ୍ରମଣ ଚଳାଇ ଆସୁଛନ୍ତି। ସାଂକେତିକ ମେସେଜ ଦ୍ୱାରା ସୀମା ଆରପଟୁ ଡିଜିଟାଲ ଆତଙ୍କବାଦର ନେଟୱାର୍କ ଅପଡେଟ୍ କରିବା ସହ ଭିଡିଓ, ରିଲସ ଏବଂ ଭିଡିଓ ଗେମିଂ ଜରିଆରେ ଅନଲାଇନରେ ଯେକୌଣସି ମତବାଦର ନୀତିର ବ୍ୟକ୍ତିଙ୍କୁ ନିଯୁକ୍ତି ଦେଉଛି। ଦୃତଗତିରେ ଏହାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ସମର୍ଥ ହୋଇଛି। କ୍ରିପ୍ଟୋକରେନସି ଏବଂ ଅଣ ଆନୁଷ୍ଠାନିକ ଡିଜିଟାଲ ଚ୍ୟାନେଲ ପାଣ୍ଠି ସଂଗ୍ରହକୁ ତ୍ୱରାନ୍ୱିତ କରୁଥିବାବେଳେ ଏଗୁଡିକୁ ଠାବ କରିବା ଅତ୍ୟନ୍ତ ଜଟିଳ, ବ୍ୟାପାର। ସ୍ୱଳ୍ପ ମୂଲ୍ୟରେ ଡ୍ରୋନ ଓ ବୈଷୟିକ କୌଶଳ ଦ୍ୱାରା ଆକ୍ରମଣ ଚଳାଇଛନ୍ତି, ଯାହାକି କ୍ଷତିକାରକ ସଫ୍ଟୱ୍ୟାର ନିୟୋଜନ ଠାରୁ ବହୁତ ଶସ୍ତା ଏବଂ ଅତ୍ୟନ୍ତ ସହଜସାଧ୍ୟ ବୋଲି କୁହାଯାଏ। ଯାହାକି ଦେଶଗୁଡିକୁ ଅନେକ ସମୟରେ ହ୍ୟାକ ଦ୍ୱାରା ଅଚଳ କରିଦେଇଥାଏ। ସାଂପ୍ରତିକ ସମୟରେ ଭାରତ ଉଭୟ ପାରମ୍ପରିକ ଓ ଡିଜିଟାଲ ଆତଙ୍କବାଦର ମୁକାବିଲା ବା ଦମନ ପାଇଁ 'ପ୍ରହାର' ରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛି। ଯାହାକି ବିଦେଶ ମାଟିରୁ ସଂଗଠିତ ଅପରାଧିକ ନେଟୱାର୍କ ଦ୍ୱାରା ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ଏକ ପ୍ରକାର ଡିଜିଟାଲ ଆତଙ୍କବାଦ ଚଳାଇଥିବା ଅପରାଧିଙ୍କୁ ଦମନ କରିବାରେ ସହାୟକ ହେବା ଆଶା କରାଯାଏ। କହିବା ବାହୁଲ୍ୟ ଯେ, 'ପ୍ରହାର'ର କେତେକ ନୀତି ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଭାରତ ଆତଙ୍କବାଦକୁ କୌଣସି ଧର୍ମ, ଜାତୀୟତା ଓ ସଭ୍ୟତା ସହିତ ସମ୍ପୃକ୍ତ କରେନାହିଁ। ଭାରତ ଦୀର୍ଘ ବର୍ଷ ହେଲା ସୀମାପାର ଆତଙ୍କବାଦ(ଜିହାଦ୍)ର ଶିକାର ହୋଇଆସୁଛି। ଯେତେବେଳେ ଦେଶରେ ଆତଙ୍କବାଦ ହିଂସାକାଣ୍ଡ ଘଟଣା ଘଟେ, ସେତେବେଳେ ଭାରତୀୟ ମୁସଲିମ୍ ସମ୍ପ୍ରଦାୟ ସମ୍ପୃକ୍ତ ଥିବା ନେଇ ଚର୍ଚ୍ଚା ହୁଏ। ଏପରି ରାଜନୈତିକ ଓ ନିର୍ବାଚିତ ପ୍ରତିନିଧିମାନେ ଯୋରଦାର ଆଲୋଚନା, ସମାଲୋଚନା କରିଥାନ୍ତି। ଭାରତ ସରକାର ମଧ୍ୟ ସୀମାପାର ଆତଙ୍କବାଦ ନେଇ ପାକିସ୍ଥାନରୁ ସିଧାସଳଖ ଦାୟୀ କରିଥାନ୍ତି। ଏହା ନିସନ୍ଦେହ ଯେ, ଆତଙ୍କବାଦର ବିଷ ରପ୍ତାନୀ କରିବାରେ ପାକିସ୍ଥାନର ମୁଖ୍ୟ ଭୂମିକା ରହିଛି। ପାକିସ୍ଥାନ ସରକାର ଓ ସେନା ଆତଙ୍କବାଦୀକୁ ପ୍ରୋତ୍ସାହନ ଦେବା ସହ ତାଲିମ ଦେଇଥାନ୍ତି। ଏପରିକି ଆର୍ଥୀକ ସହାୟତା ମଧ୍ୟ ଦେଇଥାନ୍ତି। ତେବେ ପ୍ରହାର ଆତଙ୍କବାଦର ପରିସରକୁ ପରିବର୍ତ୍ତନ କରିଛି। ଡିଜିଟାଲ ଆତଙ୍କବାଦ ଏବେ ମୁଣ୍ଡବ୍ୟାଥାର କାରଣ ହୋଇଛି। ପ୍ରତ୍ୟହ ଶହ ଶହ ଲୋକ ଡିଜିଟାଲ ଆତଙ୍କବାଦର ଶିକାର ହେବା ସହ କୋଟି କୋଟି ଟଙ୍କା ହରାଉଛନ୍ତି। ସେହିପରି ଡ୍ରୋନ ଓ ରୋବଟିକ୍ ଟେକ୍ନୋଲୋଜି ଏବେ ହ୍ୟାକ ପାଇଁ ମୁଖ୍ୟ ଅସ୍ତ୍ର ପାଲଟିଛି। ସାମାଜିକ ଗଣମାଧ୍ୟମ ମଧ୍ୟ ଏ କ୍ଷେତ୍ରରେ ଉଗ୍ର ମନୋଭାବର ମଂଚ ପାଲଟିଛି। ଏହି ସମସ୍ତ ବୈଷୟିକ ବିଦ୍ୟାର ଅପବ୍ୟବହାରକୁ ନିୟନ୍ତ୍ରଣ କରାଯିବା ଜରୁରୀ। ଏଥିସହ ଭାରତୀୟ ନାଗରିକଙ୍କ ମୌଳିକ ଅଧିକାର ଓ ଗୋପନୀୟତା ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି। ଯାହାକି ସମ୍ବିଧନ ପ୍ରଦତ। ଏହା ନିଶ୍ଚିତ ଯେ, ଗୋଟିଏ ଦେଶପାଇଁ ଆତଙ୍କବାଦ ମୁକାବିଲା ନୀତି ଅତ୍ୟନ୍ତ ଜରୁରୀ। କିନ୍ତୁ ବ୍ୟକ୍ତିର ମୌଳିକ ଅଧିକାର ଯେପରି କ୍ଷୁର୍ଣ୍ଣ ନହୁଏ, ସେଥିପ୍ରତି ଧ୍ୟାନ ଦିଆଯିବ ଜରୁରୀ।

*

ସୌଭାଗ୍ୟ ରଂଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/ ୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ- ୯୪୩୭୯୯୪୩୭୯




ଆଞ୍ଚଳିକ

# ମୁଖ୍ୟ ରାସ୍ତା ଓ ଘର ସମ୍ମୁଖରୁ ଜବରଦଖଲ ଉଚ୍ଛେଦ ପାଇଁ ଗୁହାରୀ କଲେ ୱାର୍ଡବାସୀ



**କଟକ(ଏନ୍.ଏମ୍.) :** କଟକ ମହାନଗର ନିଗମ ଅଧିନ ୧୩ ନମ୍ବର ୱାର୍ଡ ଚାନ୍ଦିନିଚୌକ, ଦରଜିସାହିର ମୁଖ୍ୟ ରାସ୍ତା ଓ କିଛି ଲୋକଙ୍କ ଘର ସମ୍ମୁଖରେ ବେଆଇନ ଜବରଦଖଲ କରିବା ସହିତ ଦୋକାନ ଘର କରି ବ୍ୟବସାୟ କରୁଛନ୍ତି ଯାହା ଫଳରେ ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାଟିରେ ଘଣ୍ଟା ଘଣ୍ଟା ଧରି ଯାନବାହାନ ଅଟକି ରହିବାରୁ ଭିଡହେବା ଦ୍ୱାରା ୱାର୍ଡବାସୀ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଏପରିକି ଜରୁରୀକାଳିନ ସେବା ଯୋଗାଇ ଆସୁଥିବା ଆମ୍ବୁଲାନ୍ସ ଆସିପାରୁନାହିଁ । ଜବରଦଖଲକାରୀମାନେ କିଛି ସାଧାରଣ ଲୋକଙ୍କ ଘର ସମ୍ମୁଖରେ କେବିନ ପକାଇ ମଧ୍ୟ ମୁଖ୍ୟ ରାସ୍ତାକୁ ଜୋରଜବରଦସ୍ତ ଅକ୍ତିଆର କରୁଥିବାରୁ ସେମାନେ ମଧ୍ୟ ତାଙ୍କ ବାସ ଘରକୁ ଯାଆସ ନିମନ୍ତେ ବହୁ ସମସ୍ୟାରେ ଚଳୁଛନ୍ତି । ଏପରିକି ଭଙ୍ଗା କୁଡିଆ ଏବଂ ପଲିଥିନ୍ ତଳେ ଦିନରାତି ବହୁ ଦୟନୀୟ ଅବସ୍ଥାରେ ଜୀବନେ ବିତେଇବା ସହିତ ରାତ୍ର ସମୟରେ ସାପ ବେଙ୍ଗ ଇତ୍ୟାଦି ସରୀସୃପ ଜନ୍ତୁ ଘରେ ପଶି ଯାଉଥିବାରୁ ଶାନ୍ତିରେ ମଧ୍ୟ ଟିକେ ଶୋଇପାରୁନାହାନ୍ତି କିମ୍ୱା ଖାଇ ପାରୁନାହାନ୍ତି କାରଣ ଏହି ଭଙ୍ଗା କୁଡିଆ ଘରକୁ ନିର୍ମାଣ ନିମନ୍ତେ ସରଞ୍ଜାମ ତାଙ୍କ ଘର ନିକଟକୁ ଯାଇପାରୁନାହିଁ ଯାହାଦ୍ୱାରା ଘର ନିର୍ମାଣରେ ବାଧା ସୃଷ୍ଟି ହେଉଛି ବୋଲି ମୃତ୍ୟୁଞ୍ଜୟ ଗୁପ୍ତା, ପଙ୍କଜ ମହାରଣା ଓ ରିଙ୍କି ଦାସ ପ୍ରମୁଖ ସି.ଏମ୍.ସି କମିଶନରଙ୍କ ନିକଟରେ ହାଜର ହୋଇ ଜବରଦଖଲ ଉଚ୍ଛେଦପାଇଁ ଲିଖିତ ଗୁହାରୀ କରିଛନ୍ତି । ଏହି ରାସ୍ତାକୁ ମମତା ଦାସ ନାମକ ବ୍ୟକ୍ତି ମୁଖ୍ୟତଃ ଜବରଦଖଲ କରି ରଖିଛନ୍ତି ବୋଲି ଅଭିଯୋଗ କରିବା ସହିତ ଏହାର ଅନୁସନ୍ଧାନ କରି ଅଭିଯୋଗକୁ ବିଚାରକୁ ନେଇ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ କମିଶନରଙ୍କ ନିକଟରେ ଗୁହାରୀ କରିଥିବା ଜଣାଯାଇଛି ।

## ଚର୍ଚ୍ଚାରୁ ବାଦ ପଡୁନି ଚୌଦ୍ୱାର ମଣ୍ଡଳ କାରାଗାର

# ଜେଲ ଭିତରୁ ମୋବାଇଲ ଯୋଗେ ମିଳୁଛି ଧମକ

- ରାଉରକେଲା ପୁଲିସ ଚଢ଼ାଉ କରି ସେଲ ଭିତରୁ ପାଇଲା ମୋବାଇଲ
- ପଦାରେ ପଡୁଛି କମିଶନରେଟ ପୁଲିସର ଅପାରଗତା
- ଜେଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

**ଚୌଦ୍ୱାର(ଏନ୍.ଏମ୍.) :** ଏବେ ଚର୍ଚ୍ଚାରେ ଚୌଦ୍ୱାର ମଣ୍ଡଳ କାରାଗାର । କେତେବେଳେ କଏଦୀଙ୍କ ପାଖରୁ ନିଶା ଦ୍ରବ୍ୟ ବାହାରୁଛି ତ ଆଉକେତେବେଳେ ମାରଣାସ୍ତ୍ର । ପୁଣି ମୋବାଇଲ ଫୋନ । ଯାହା ଦ୍ୱାରା ଜେଲ ଭିତରେ ଥାଇ ମଧ୍ୟ ବାହାରେ ଅପରାଧ ନିୟନ୍ତ୍ରଣ କରାଯାଉଛି । ତେବେ ଚୌଦ୍ୱାର ମଣ୍ଡଳକାରାଗାରରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ରହୁଥିବାବେଳେ ସେଠାରେ ଦିନକୁ ଦିନ କେଳେଙ୍କାରୀ ବଢ଼ିବାରେ ଲାଗିଛି । ହେଲେ ଡବଲ ଇଞ୍ଜିନ ସରକାରରେ କମିଶନରେଟ ପୁଲିସ ଏସବୁକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିବା ଅଭିଯୋଗ ଉଠିଛି । ଗୋଟିଏ ପଟେ ଶାସକ ଦଳର ଚାମଚାଗିରି ଏବଂ ରାସ୍ତାରେ ହେଲମେଟ ଚେକିଂ ଫାଇନ କାଟିବାରେ ବ୍ୟସ୍ତ ରହୁଥିବା ଓଡ଼ିଶା ପୁଲିସ ଏସବୁ କାମ କରିବାକୁ ସମୟ ପାଉନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ସେହିଭଳି ଚୌଦ୍ୱାର ଥାନା ଅଞ୍ଚଳରେ ଅଘୋଷିତ କର୍ଫ୍ୟୁଜାରି କରି ନିଜର ଦବଦବା ଦେଖାଉଥିବା ବେଳେ ଜେଲଭଳି ଗୋଟିଏ ସମ୍ବେଦନଶୀଳ ସ୍ଥାନ ଉପରେ ଦୃଷ୍ଟି ନରଖିବା କମିଶନରେଟ ପୁଲିସ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଜେଲରେ ସଜାକାଟୁଥିବା ଜଣେ କଏଦୀ ମୋବାଇଲ ଫୋନଯୋଗେ ରାଉରକେଲାର ଜଣେ ବ୍ୟବସାୟୀଙ୍କୁ ଧମକ ଦେଇ ଟଙ୍କା ମାଗିବା ଘଟଣାରେ ଆଜି ରାଉରକେଲା ପୁଲିସ ଚୌଦ୍ୱାର ଜେଲରେ ଅଚାନକ ଚଢ଼ାଉ କରିଥିଲେ । ଏହି




ଚଢ଼ାଉ ସମୟରେ ଚୌଦ୍ୱାର ଥାନା ପୁଲିସ ମଧ୍ୟ ଉପସ୍ଥିତଥିଲେ । ତେବେ ଫୋନଯୋଗେ ଅପରାଧ ଜଗତକୁ ନିୟନ୍ତ୍ରଣ କରୁଥିବା କଏଦୀ ଠାରୁ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଜେଲ ଭିତରକୁ ମୋବାଇଲ ଫୋନ ଗଲା କେମିତି । ଏଥି ସହିତ ଚୌଦ୍ୱାର ଜେଲକୁ ମୋବାଇଲ ସେବା ଉପଲବ୍ଧ ନକରିବା ନିମନ୍ତେ ଯେଉଁ ଜାମର ଲାଗିଥିଲା ତାହା ଏବେ କେଉଁ କାମରେ ଲାଗୁଛି । ଏସବୁକୁ ଅଚଳ କରିବା କ୍ଷେତ୍ରରେ ଜେଲ ଅଧିକାରୀଙ୍କ ହାତ ନାହିଁତ ? ଏଭଳି ଅନେକ ଅସମାହିତ ପ୍ରଶ୍ନ ସୃଷ୍ଟି ହେଉଥିବାବେଳେ ଏଥି ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଉଠୁଛି । ତେବେ ଚୌଦ୍ୱାର ଜେଲରେ କଏଦୀମାନେ ଅପରାଧର ସାମ୍ରାଜ୍ୟକୁ ନିୟନ୍ତ୍ରଣ କରୁଥିବାବେଳେ କାରାଗାରର ଜେଲର ଏବଂ ଜେଲ ଅଧିକ୍ଷକ କରୁଛନ୍ତି କ'ଣ ? କାରାଗାରରୁ କଏଦୀ ଫେରାର ଘଟଣା ପରଠାରୁ ଚୌଦ୍ୱାର କାରାଗାରରେ ଅନେକ ବିଭ୍ରାଟ ଚାଲିଛି । କଏଦୀଙ୍କ ସୁନା ଗହଣା ଗାଏବ ହୋଇଯିବା, ଜେଲ ଅଧିକ୍ଷକ ତାଙ୍କୁ ଗାଏବ ଗହଣାର ମୂଲ୍ୟ ଦେବା ଭଳି ଘଟଣା ସାଙ୍ଗକୁ ଏବେ ଜେଲ କଏଦୀମାନଙ୍କ ଠାରୁ ମୋବାଇଲ ଫୋନ ବାହାରିବା ଏସବୁ ଘଟଣା ଜେଲ କର୍ତ୍ତୃପକ୍ଷଙ୍କ ଜାଣତରେ ଚାଲିଛି ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଚୌଦ୍ୱାର ଥାନା ଅଧିନରେ ଏହି ମଣ୍ଡଳ କାରାଗାର ରହୁଥିବାରୁ ଥାନା ଅଧିକାରୀମଧ୍ୟ ଜେଲ ଉପରେ ତୀକ୍ଷ୍ଣ ନଜର ରଖିବା କଥା ହେଲେ ଏସବୁ କାମ କରୁନଥିବା ଯୋଗୁଁ ଚୌଦ୍ୱାର ମଣ୍ଡଳ କାରାଗାରରେ ଏଭଳି କାଣ୍ଡ ବଢ଼ିବାରେ ଲାଗିଛି । ତେବେ ଏ ସଂକ୍ରାନ୍ତରେ ଚୌଦ୍ୱାର ଥାନା ଅଧିକାରୀ ରଜନୀକାନ୍ତ ଦାସଙ୍କୁ ପଚାରିବାରେ ନିଜର ଅପାରଗତା ପଦାରେ ପଡ଼ିଯିବା ଆଶଙ୍କାରେ ଜେଲ ବିଷୟରେ ମୁଁ କିଛି କହିବି ନାହିଁ ବୋଲି ପ୍ରକାଶ କରିବା ସହ ଜେଲ ଚଢ଼ାଉକୁ ସେ ପରୋକ୍ଷରେ ସ୍ୱୀକାର କରିଥିଲେ । ଅନ୍ୟପକ୍ଷରେ ଏ ନେଇ ଜେଲର ଓ ଜେଲ ଅଧିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ ଉଠାଇନଥିଲେ । ତେଣୁ ଚୌଦ୍ୱାର ଜେଲରେ ଟେଷ୍ଟର ଫିଙ୍କି ଠାରୁ ଆରମ୍ଭ କରି ବିଭିନ୍ନ ଅନୈତିକ କାର୍ଯ୍ୟ ଚାଲିଥିଲେ ମଧ୍ୟ ଜେଲ ଅଧିକ୍ଷକଙ୍କ ଉପରେ କାହିଁକି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଚୌଦ୍ୱାର ଅଞ୍ଚଳରେ ସରକାରୀ ଜମି ବିକି ମାଲେମାଲ ମାଫିଆ

ଚୌଦ୍ୱାର(ଏନ୍.ଏମ୍.) : ଜମି ମାଫିଆମାନଙ୍କ ଭୂସ୍ୱର୍ଗ ପାଲଟି ଯାଇଛି ଏବେ ଚୌହାର ଅଞ୍ଚଳ । ସରକାରୀ ଜମିକୁ ଅକ୍ତିଆରକୁ ନେଇ ବିଭିନ୍ନ ଲୋକଙ୍କୁ ବିକ୍ରି କରାଯିବା ଭଳି ସଂଗୀନ ଅଭିଯୋଗ ଉଠିଛି । ଏପରିକି ଜାଲ ପଟ୍ଟା ଜରିଆରେ କିଛି ଲୋକଙ୍କୁ ସରକାରୀ ଜମି ବିକ୍ରି କରାଯାଇଥିବା ଭଳି ଘଟଣା ଏବେ ଚର୍ଚ୍ଚାକୁ ଆସୁଛି । ଛତିଶା ଠାରୁ ଆରମ୍ଭ କରି ବିଗତ ଦିନର ଓଟିଏମ ତଥା ବର୍ତ୍ତମାନର ଇଡକୋ ଜମିକୁ ମଧ୍ୟ ମାଡ଼ିବସି ଘରଦ୍ୱାର ତିଆରି କରିବା ଭଳି ସଂଗୀନ ଅଭିଯୋଗ ଉଠୁଛି । ପୁନଶ୍ଚ ଇଡକୋ ସଂଲଗ୍ନ ସରକାରୀ ଜମିଗୁଡ଼ିକୁ ମଧ୍ୟ ଜବରଦଖଲ କରାଯାଇଥିବା ନେଇ ଥାନା ଠାରୁ ଆରମ୍ଭ କରି ତହସିଲଦାର, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୦ନମ୍ବର ଓ ୧୯ ନମ୍ବର ୱାର୍ଡର ଅଞ୍ଚଳରେ ଜମି ମାଫିଆମାନେ ସକ୍ରିୟ ରହିଛନ୍ତି । ଏହିସବୁ ଅଞ୍ଚଳରେ ସରକାରୀ ଜମିକୁ କିଛି ଲୋକଙ୍କୁ ଜାଲ ପଟ୍ଟାରେ ବିକ୍ରି କରାଯାଇଥିବା ବେଳେ ବହୁ ଅନାବାଦି ଜମି ବିକ୍ରି ହେଉଛି । ଏପରିକି ଜାଲ ପଟ୍ଟା ସାଙ୍ଗକୁ ଷ୍ଟାମ୍ପ ପେପରରେ ମଧ୍ୟ ସରକାରୀ ଜମି ବିକ୍ରି ଖର୍ଦ୍ଦି ହେଉଥିବା ମଧ୍ୟ ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗ ଅନୁଯାୟୀ ଏହି ଜମି କେଳେଙ୍କାରୀରେ ମୁଖ୍ୟସୂତ୍ରଧର ସାଜିଥିବା ବ୍ୟକ୍ତିଜଣକ ଜଣେ ପ୍ରଭାବଶାଳୀ ଲୋକ ହୋଇଥିବା କାରଣରୁ ଘର ଖଣ୍ଡେ ପାଇଁ ଜମି ଖୋଜୁଥିବା ଲୋକଙ୍କ ପାଖରେ ବିଭିନ୍ନ ଦଲାଲଙ୍କୁ ପହଞ୍ଚାଇ ପ୍ରଭାବିତ କରାଉଛନ୍ତି । ଏପରିକି ଏହି ଜମି ସରକାରୀ ଜମି ହୋଇଥିଲେ ମଧ୍ୟ ଭବିଷ୍ୟତରେ ଜାଗାମିଶନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ସାମିଲ କରାଇ ସ୍ଥାୟୀ ଭାବେ ରହିବାର ବ୍ୟବସ୍ଥା କରାଇଦେବେ ବୋଲି ପ୍ରଲୋଭନ ଦେଖାଉଛନ୍ତି । ତେଣୁ ବହୁ ନିରୀହ ଲୋକ ଏମାନଙ୍କ ପ୍ରଲୋଭନକୁ ସହଜରେ ବିଶ୍ୱାସ କରି ଏଠାରେ ଜମି କିଣି ପକାଉଥିବା ଦେଖିବାକୁ ମିଳିଛି । ଏଥିସହିତ ଜମି ଯୋଗାଇଦେବା ନାମରେ ବିପୁଳ ଅର୍ଥ ନେଇଥିଲେ ମଧ୍ୟ କିଛି ଲୋକଙ୍କୁ ଜମି ଯୋଗାଇ ନ ଦେବାରୁ ସେମାନଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଦେଇଛି । ମାତ୍ର ଏହି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଭୟ କରି ପାଟି ଖୋଲୁ ନ ଥିବା ଜଣାପଡ଼ିଛି । ଚୌହାର ଅଞ୍ଚଳରେ କେତେ ସରକାରୀ ଜମି ଜବରଦଖଲକୁ ଯାଇଛି ତାହାର ପ୍ରଶାସନିକସ୍ତରରେ ତଦନ୍ତ କରାଯାଇ ସରକାରୀ ଜମିକୁ ଉଦ୍ଧାର କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ଆରମ୍ଭ ହେବ ଏଆଇ ଫର ଅଲ ପାଠ୍ୟକ୍ରମ : ଉଚ୍ଚଶିକ୍ଷାମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.) :** ସମ୍ପ୍ରତି ବୈଷୟିକ ଯୁଗର ଆରମ୍ଭ ହେବାକୁ ଯାଉଛି । ଯୁଗସହ ତାଳଦେଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ । ତେଣୁ ଏଆଇ ଶିକ୍ଷାକୁ ମିଳିବ ପ୍ରାଧାନ୍ୟ । ଏନେଇ ଉଚ୍ଚ ଶିକ୍ଷା ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି କଲେଜରେ ଆରମ୍ଭ ହେବ ଏଆଇ ଶିକ୍ଷା । ଉଚ୍ଚଶିକ୍ଷାନୁଷ୍ଠାନରେ ଆରମ୍ଭ ହେବ ଏଆଇ ଫର ଅଲ ପାଠ୍ୟକ୍ରମ । ରମାଦେବୀ ବିଶ୍ୱବିଦ୍ୟାଳୟରେ ଏଆଇ ଏଣ୍ଡ ରବୋଟିକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରରେ କଳା ସ୍ନାତକୋତର ଦ୍ୱିତୀୟ ସେମିଷ୍ଟାରରେ ଏଆଇ ପାଠ୍ୟକ୍ରମ ପଢା ଯାଉଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏନେଇ ଲିଖିତ ଉତ୍ତର ରଖିଛନ୍ତି ।

ସେହିପରି ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ମରୁଡ଼ି ନେଇ ବିଧାନସଭାରେ ଉଦବେଗ ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୯ ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ପଡ଼ିଛି । ୪୬୧ ଆସୋସିଏଟ୍ ଓ ୨୬୪ ପ୍ରଫେସର ପଦ ପୂରଣ ହୋଇନି । ଅଣଶିକ୍ଷକ ନିଯୁକ୍ତି ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ୨୩୨୫ ଅଣଶିକ୍ଷକ ପଦ ପୂରଣ କରିବା ବାକି ଅଛି ।

# ଏମଜିଏନଆରଇଜିଏର ସୋସିଆଲ୍ ଅଡିଟ୍ ଉପରେ ଶୁଣାଣି

**ଖୋର୍ଦ୍ଧା(ଏନ୍.ଏମ୍.) :** ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା (ଏମଜିଏନଆରଇଜିଏ)ର ସୋସିଆଲ୍ ଅଡିଟ୍ ଉପରେ ଏକ ସାର୍ବଜନୀନ ଶୁଣାଣି ଅତିରିକ୍ତ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ (ସାଧାରଣ), ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସୋସିଆଲ୍ ଅଡିଟ୍ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା କରାଯିବା ସହିତ ଲାଭାନ୍ୱିତ ଓ ଅନ୍ୟ ଅଂଶଗ୍ରାହୀମାନଙ୍କ ଅଭିଯୋଗ ଓ ପ୍ରସ୍ତାବଗୁଡ଼ିକୁ ଶୁଣାଣି କରି ସେଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଏମଜିଏନଆରଇଜିଏ ଯୋଜନାର କାର୍ଯ୍ୟାନ୍ୱୟନରେ ପାରଦର୍ଶିତା, ଦାୟିତ୍ୱବୋଧ ଓ ଲୋକ ସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରିଥିଲେ । ଏହା ସହିତ ସେ ପ୍ରି-ଏସଆଇଆର ଓ ଏସଆଇଆର କାର୍ଯ୍ୟକଳାପ ସମ୍ପର୍କରେ ସମସ୍ତ ଜନପ୍ରତିନିଧି ଓ କର୍ମଚାରୀମାନଙ୍କୁ ସଚେତନ କରାଇଥିଲେ ଓ ନିର୍ବାଚନୀ ପ୍ରକ୍ରିୟାର ସଠିକତା ଓ ପାରଦର୍ଶିତା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରିୟଦର୍ଶିନୀ, ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ପଞ୍ଚାୟତ ପ୍ରତିନିଧିମାନେ ଓ ସାଧାରଣ ଜନସାଧାରଣ ଉପସ୍ଥିତ ଥିଲେ ।

## ବିଧାନସଭା ପ୍ରଶ୍ନର ଉତ୍ତର ରଖିଲେ ବିଭାଗୀୟ ମନ୍ତ୍ରୀ

# ୨୫ଟି ଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟ ବିଭିନ୍ନ ଶିଳ୍ପାନୁଷ୍ଠାନ ଉପରେ ରାଜ୍ୟ ସରକାର ନେଇଛନ୍ତି କଡ଼ା ଆକ୍ସନ । ସରକାର ୨୫ଟି ଶିଳ୍ପାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଜମି ନେଇ ଶିଳ୍ପ କରୁ ନଥିବାରୁ ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ତେବେ ୭ଟି ଶିଳ୍ପାନୁଷ୍ଠାନ ଜମି ଆବଣ୍ଟନ ରଦ୍ଦ, ୫ଟି ମାମଲା କୋର୍ଟରେ ବିଚାରାଧୀନ ରହିଥିବାବେଳେ ବନ୍ଦ ଥିବା ୯୧୪ ସଂସ୍ଥାରୁ ଇଡକୋ ନିୟମ ଅନୁଯାୟୀ ୬୬୫ଟି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେଥିମଧ୍ୟରୁ ୨୬୭ଟି ଶିଳ୍ପ ସଂସ୍ଥାର ଜମି ଆବଣ୍ଟନ ରଦ୍ଦ କରାଯାଇଛି । ଆବଣ୍ଟନ ରଦ୍ଦ ମଧ୍ୟରୁ ୮୧ଟି ଶିଳ୍ପ ସଂସ୍ଥା ବିରୋଧରେ ଇୟୁଓ ମାମଲା ରହିଛି । ଶୁକ୍ରବାର ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି । ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଜମି ଯୋଗାଇ ଦେଉଥିଲେ ମଧ୍ୟ କମ୍ପାନୀ ଦେବାଳିଆ କିମ୍ବା ଅନ୍ୟ କାରଣରୁ ବନ୍ଦ ହେଲେ ଉକ୍ତ ଜମିକୁ ଆଉ ସରକାରଙ୍କୁ ଫେରାଉ ନାହାନ୍ତି । କେତେ ଜମି ଓଡ଼ିଶାରେ ଏମିତି ଅଛି ବୋଲି ବିଧାୟକ ଚକ୍ରମଣି ମନ୍ତ୍ରୀଙ୍କୁ ପଚାରିଥିଲେ । ମନ୍ତ୍ରୀ ତାଙ୍କ ଉତ୍ତରରେ ଏହି ତଥ୍ୟ ରଖିଛନ୍ତି ।

## ପ୍ରଶାସନ ନିର୍ବାକ୍

# ମରାମତି ଅଭାବରୁ ଗୋଳା ପୋଲ ହେଲା ବିପଦଜନକ

ବାଙ୍ଗିରିପୋଷି (ଏନ୍.ଏମ୍.) : କଳାବାଡ଼ିଆ ଗୋଳା ପୋଲ ରାସ୍ତାର ଅବସ୍ଥା ଦିନକୁ ଦିନ ଅତ୍ୟନ୍ତ ଦୟନୀୟ ହେଉଛି । ଏହି ରାସ୍ତାଟି ବାଙ୍ଗିରିପୋଷି ପଟୁ ଆସୁଥିବା ଯାତ୍ରୀ ବାହୀ ବସ, ଟ୍ରକ, ମୋଟର ସାଇକେଲ ଓ ଅଟୋ ରିକ୍ସା ଭଳି ଅନେକ ଯାନବାହାନ ପାଇଁ ଏକ ମୁଖ୍ୟ ଯାତାୟାତ ମାର୍ଗ ହେବା ସତ୍ତ୍ୱେ, ଏହାର ଦୁରବସ୍ଥା ଲୋକମାନଙ୍କ ଜୀବନକୁ ସିଧାସଳଖ ବିପଦରେ ପକାଉଛି । ବିଶେଷ କରି ଗୋଳା ପୋଲର ମଧ୍ୟଭାଗରେ ଦୁଇରୁ ତିନୋଟି ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ଦିନକୁ ଦିନ ଆହୁରି ବିସ୍ତୃତ ଓ ଗଭୀର ହେଉଛି । ବର୍ଷା ପାଣି ଜମି ଏହି ଗର୍ତ୍ତଗୁଡ଼ିକୁ ପୋଖରୀର ରୂପ ଦେଇଦେଉଛି, ଯାହା ଦୃଶ୍ୟମାନ ନ ହେବାରୁ ଚାଳକମାନେ ଅଚାନକ ଭାବରେ ଗର୍ତ୍ତ ମଧ୍ୟରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ଅନେକ ବାଇକ ଚାଳକ ଏହି ଗର୍ତ୍ତରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । କେହି କେହି ଗୁରୁତର ଆହତ ହେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନେଉ ଯାଉନାହିଁ । ଏହା ସହିତ ଭାରି ଯାନ ଯଥା ବସ ଓ ଟ୍ରକ ଚଳାଚଳ କରିବା ବେଳେ ସମତୁଳନ ହରାଇ ଦୁର୍ଘଟଣାର ସମ୍ଭାବନା ବଢ଼ିଯାଉଛି । ରାସ୍ତାର ଏହି ଦୟନୀୟ



ପରିସ୍ଥିତି କେବଳ ଯାତାୟାତକୁ ବାଧାଗ୍ରସ୍ତ କରୁନାହିଁ, ବରଂ ସ୍ଥାନୀୟ ଲୋକଙ୍କ ଦୈନିକ ଜୀବନକୁ ମଧ୍ୟ ବ୍ୟାଘାତ କରୁଛି । ଛାତ୍ରଛାତ୍ରୀ, ଚାଷୀ ଓ କାମକାଜରେ ଯାଉଥିବା ଲୋକମାନେ ଏହି ରାସ୍ତା ଦେଇ ଯିବାବେଳେ ଭୟଭୀତ ଅବସ୍ଥାରେ ଯାତ୍ରା କରୁଛନ୍ତି । ସ୍ଥାନୀୟ ଅଞ୍ଚଳବାସୀ ଓ ଯାତ୍ରୀମାନେ ଏହାକୁ ନେଇ ଭାରି ଅସନ୍ତୋଷ ପ୍ରକାଶ କରିଥିବା ସହ, ତୁରନ୍ତ ରାସ୍ତା ମରାମତି ପାଇଁ ପ୍ରଶାସନଙ୍କୁ ଦାବି କରିଛନ୍ତି । ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବଡ଼ ଦୁର୍ଘଟଣା ଘଟିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ତୁରନ୍ତ ମରାମତି କରାଯାଉ, ଯାହା ଫଳରେ ଦୁର୍ଘଟଣା ରୋକାଯିବ ଓ ଲୋକମାନେ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ ବୋଲି ଦାବି ହେଉଛି ।

## ସମାଧାନ ହେବ ବାରିପଦା ସହର ଡ୍ରେନେଜ ସମସ୍ୟା

# ସର୍ଭେ ରିପୋର୍ଟକୁ ନେଇ ପ୍ରସ୍ତୁତ ହେଲା ଡିପିଆର

**ବାରିପଦା(ଏନ୍.ଏମ୍.) :** ବାରିପଦା ସହରର ଡ୍ରେନେଜ ସମସ୍ୟାର ସମାଧାନ ହେବାକୁ ଯାଉଛି । ବୃହତ୍ତର ବାରିପଦା ସହର କଳେବରକୁ ଦୃଷ୍ଟିରେ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଅଣ୍ଟା ଭିଡିଛନ୍ତି । ଏନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ପୌରପାଳିକା ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ନଗରପାଳ ଶ୍ରୀ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ମୟୁରଭଞ୍ଜ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ, ୱାଟକୋ ସାଧାରଣ ପରିଚାଳକ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ବିଶେଷଜ୍ଞ ମାନେ ଯୋଗ ଦେଇଥିଲେ । ସର୍ଭେ




ହୋଇ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଥିଲା । ବାରିପଦା ସହର ବର୍ଷା ଜଳ ନିଷ୍କାସନ ବଡ଼ ସମସ୍ୟା ଥିବା ବେଳେ ସ୍ଥାୟୀ ସମାଧାନ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଏହି ବଡ଼ ପଦକ୍ଷେପ ନିଆଯାଇଛି । ମହାରାଷ୍ଟ୍ରର ପୁଣେ ସ୍ଥିତ ପରାମର୍ଶଦାତା ସଂସ୍ଥା ୟୁନିଟି ଆଇଇ କମ୍ପାନୀ ଦ୍ୱାରା ଉକ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଉକ୍ତ ମାଷ୍ଟର ପ୍ଲାନ କମ୍ପାନୀ ପକ୍ଷରୁ ପିପିଟି ଜରିଆରେ ପ୍ରଦର୍ଶନ କରାଯାଇଥିଲା । ବର୍ଷା ଓ ବନ୍ୟା ପାଣିକୁ ନିୟନ୍ତ୍ରଣ କରିବା ପାଇଁ ସୁଗମ ଡ୍ରେନେଜ ବ୍ୟବସ୍ଥା ନିମନ୍ତେ ୨୦୨୩ରୁ ସର୍ଭେ ଆରମ୍ଭ ହୋଇଥିଲା । ବାରିପଦା ପୌରପାଳିକାର ୨୮ଗୋଟି ୱାର୍ଡ ଓ ଆଖପାଖ ଅଞ୍ଚଳରେ ୩ବର୍ଷ ଧରି ସର୍ଭେ କରିବା ପରେ ଏକ ବ୍ୟାପକ 'ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରାଯାଇଛି । ଏହାସହିତ ବାରିପଦା ସହରରେ ବୃଷ୍ଟିପାତ ତଥ୍ୟ ନେଇ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଫାଇନାଲ ସର୍ଭେ ରିପୋର୍ଟ ପ୍ରତି ୱାର୍ଡର ସ୍ଥିତି ଅନୁଯାୟୀ ୱାର୍ଡ କାଉନସିଲରଙ୍କ ମତାମତ ନେଇ ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ବାରିପଦା ପୌରପାଳିକାର ପ୍ରାୟ ୧,୫୮,୦୦୦ ଜନ ସଂଖ୍ୟା ରହିଛି । ଆଗାମୀ ୩୦ବର୍ଷ ଜନସଂଖ୍ୟାକୁ ନେଇ ଡିଜାଇନ ପ୍ରସ୍ତୁତ କରାଯାଇଛି । ତେଣୁକରି ଭୂତଳ ଜଳ ଦୂଷିତ ନହେବାକୁ ମଧ୍ୟ ବ୍ୟବସ୍ଥା ହୋଇଛି । ଏହି ଯୋଜନାର ବିସ୍ତୃତ ଭାବେ ଆଲୋଚନା ପରେ ଡିପିଆର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ନିକଟରେ ଅର୍ଥ ଅନୁମୋଦନ ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏହାଦ୍ୱାରା ବର୍ଷା ଦିନେ ବାରିପଦା ସହରବାସୀ ଭୋଗୁଥିବା ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବା ଦିଗରେ ଏହି ମାଷ୍ଟର ପ୍ଲାନ୍ ଅତ୍ୟନ୍ତ ସହାୟକ ହେବ ବୋଲି ବୁଦ୍ଧିଜୀବୀ ମାନେ ଆଶା ପ୍ରକଟ କରିଛନ୍ତି ।

# ଶିଶୁ ଅପହରଣ ସନ୍ଦେହରେ ହତ୍ୟା ଘଟଣା, ୯ ଅଭିଯୁକ୍ତ ଗିରଫ



**ନବରଙ୍ଗପୁର(ଏନ୍.ଏମ୍.) :** ସନ୍ଦେହ ମଣିଷ ଜୀବନରେ କିଛି କରିଦେଇଥାଏ । ଏହାର ଝଲକ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲାରେ । ନବରଙ୍ଗପୁର ନିକଟସ୍ଥ ଖଣ୍ଡିଗୁଡା ଗ୍ରାମରେ କିଛି ଲୋକ ପ୍ରାୟ ୫୫ ରୁ ୬୦ ବର୍ଷ ବୟସର ଜଣେ ଅଜ୍ଞାତ ପୁରୁଷଙ୍କୁ ଶିଶୁ ଅପହରଣକାରୀ ସନ୍ଦେହରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଏହି ଅଜଣା ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ନବରଙ୍ଗପୁର ଥାନା ଏସଆଇ ସୀମା ଲାକ୍ରା ଏବଂ ଆଇଆଇସି ସମ୍ବିତ କୁମାର ବେହେରାଙ୍କ ଲିଖିତ ରିପୋର୍ଟ ଉପରେ ପୋଲିସ ନବରଙ୍ଗପୁର ଥାନା କେସ୍ ନମ୍ବର ୯୪ /୧୬.୦୩. ୟୁ/ଏସ-୧୮୯(୨)/୧୯୧(୨)/୧୯୧(୩)/୧୦୩(୧)/୧୯୦ ବିଏନଏସ୍ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ଆରକ୍ଷୀ ଅଧିକ୍ଷକ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଆରକ୍ଷକ ଆଦିତ୍ୟ ସେନ୍ ଏବଂ ଏସଡିପିଓ ନବରଙ୍ଗପୁର କୃଷ୍ଣ ଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା ଏବଂ ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ଡିଜିଟାଲ୍ ପ୍ରମାଣ (ମୋବାଇଲ୍ ଭିଡିଓ ଫୁଟେଜ୍) ମାଧ୍ୟମରେ ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରି ମାର୍ଚ୍ଚ ୧୮ତାରିଖରେ କୋର୍ଟକୁ ପଠାଇଛି । ଅଭିଯକ୍ତମାନେ ହେଲେ ଖାନ୍ଦିଗୁଡା ଗାଁର ଦେବେନ୍ଦ୍ର କୁମାର ଭତ୍ରା, ମାନସିଂ ଭତ୍ରା, ପରମାନନ୍ଦ ପାଟିଲି, ମାଚିନ୍ଦ୍ର ଭତ୍ରା, ଗଦାଧରା ପାଟିଲି, ଦାମୁ ଭତ୍ରା, ସିନ୍ଧିଗାଁ ଗ୍ରାମର ସୀତାରାମ ଭତ୍ରା, ଧନପତି ରାନ୍ଧାରୀ ଓ ଫକିର ମୋହନ ନାୟକ (ପାପୁନୁ) ଅନ୍ୟ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ଅନୁସନ୍ଧାନ ଜାରି ରହିଛି ।




### ମାଲକାନଗିରି ଜିଲ୍ଲା ଗସ୍ତ କଲେ ମହିଳା ଓ ଶିଶୁ ବିକାଶ ସଚିବ ଡଃ ମୃଣାଳିନୀ ଦର୍ଶାଲ

# ପୁଷ୍ଟିହୀନତା ଦୂରୀକରଣ ଉପରେ ଗୁରୁତ୍ୱ



**ମାଲକାନଗିରି(ଏନ୍.ଏମ୍.) :** ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡଃ ମୃଣାଳିନୀ ଦର୍ଶାଲ ମାଲକାନଗିରି ଜିଲ୍ଲାଗସ୍ତ କରି ବିଭିନ୍ନ ବିଭାଗୀୟ ଯୋଜନାର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଛନ୍ତି । ତାଙ୍କର ଏହି ଗସ୍ତ ତୃଣମୂଳସ୍ତରରେ ସେବା ପ୍ରଦାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସକାରାତ୍ମକ ପଦକ୍ଷେପ ରୂପେ ପରିଗଣିତ ହୋଇଛି । ଏହି ଗସ୍ତ ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସୁପୋଷିତ ଲକ୍ଷ୍ୟ କର୍ମଶାଳାରେ ସେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କମିଶନର କହିଛନ୍ତି ଯେ, ଆମେ ସୁପୋଷିତ ମିଶନ ଜରିଆରେ ମାଲକାନଗିରି ଜିଲ୍ଲାର ଶିଶୁମାନଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ କରୁଛୁ । ମାଲକାନଗିରି ଜିଲ୍ଲାରେ ଏହି ଲକ୍ଷ୍ୟ ହାସଲ ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରାଯାଇ କାର୍ଯ୍ୟ କରାଯାଉଥିବାରୁ ସେ ନିଜର ଖୁସି ବ୍ୟକ୍ତ କରିଥିଲେ । ମାଥିଲି ବ୍ଲକ୍ ଗସ୍ତକରି ସେଠାକାର ପୋଷଣ ସ୍ଥିତି ସମୀକ୍ଷା କରିଛନ୍ତି କମିଶନର । ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ପିଲାମାନଙ୍କୁ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ଏବଂ ସେଠାରେ ଥିବା ଭିତ୍ତିଭୂମିର ସମୀକ୍ଷା କରିଛନ୍ତି । ଅନେକ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ା ଘରେ ଚାଲୁଥିବାରୁ, ସେଗୁଡ଼ିକ ପାଇଁ ନୂତନ ସରକାରୀ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ୨୦୨୯ ମସିହା ସୁଦ୍ଧା ଧାର୍ଯ୍ୟ ହୋଇଥିବା ପୁଷ୍ଟିହୀନତା ମୁକ୍ତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସଚିବ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ପୁଷ୍ଟି ପୁନର୍ବାସ କେନ୍ଦ୍ର (ଏନଆରସି) ପରିଦର୍ଶନ କରି ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସେଠାରେ ଉପଲବ୍ଧ ସୁବିଧା ସୁଯୋଗର ତଦାରଖ କରିଥିଲେ । ମହିଳାମାନଙ୍କ ସୁରକ୍ଷା ଓ ସହାୟତା ପାଇଁ କାର୍ଯ୍ୟ କରୁଥିବା ସଖୀ କେନ୍ଦ୍ର ପରିଦର୍ଶନ କରି ସେଠାରେ ପୀଡ଼ିତାମାନଙ୍କୁ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ ସନ୍ତୋଷ ପ୍ରକାଶ କରିଥିଲେ । ଗସ୍ତ ସମୟରେ ସେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ସୁଦୃଢ଼ୀକରଣ ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ, ଟିପିଏସଓଡିଏଲ ଅଧିକାରୀ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ସୁପରଭାଇଜରମାନେ ଉପସ୍ଥିତ ଥିଲେ ।

# ଧାଡି ବାନ୍ଧିଲେ, ପାଣି ବାଣ୍ଟିଲେ, ଶ୍ରଦ୍ଧାଳୁଙ୍କ ଯତ୍ନ ନେଲେ ସ୍ୱେଚ୍ଛାସେବୀ



**ବ୍ରହ୍ମପୁର (ଏନ୍.ଏମ୍.) :** ଗଞ୍ଜାମ ଜିଲ୍ଲା ମା ତାରାତାରିଣୀଙ୍କ ଚଇତି ଯାତ୍ରାର ଦ୍ୱିତୀୟ ପାଳିରେ ଗଞ୍ଜାମ ଅଧିଷ୍ଠାତ୍ରୀ ମା’ ତାରାତାରିଣୀ ମା’ ମହାଲକ୍ଷ୍ମୀ ରୂପେ ବେଶ ଧାରଣ କରିଥିବା ବେଳେ ଏହି ଅପୂର୍ବ ବେଶ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଛୁଟିଥିଲା । କିନ୍ତୁ ଏହି ଭିଡରେ ଅନନ୍ୟ ସେବା କରି ଶ୍ରଦ୍ଧାଳୁଙ୍କ ମନ ମୋହିବାକୁ ପୂର୍ବରୁ ପ୍ରସ୍ତୁତ ଥିଲେ ଗଜପତି ଜିଲ୍ଲା କୋର୍ଟରେ କାର୍ଯ୍ୟରତ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଓ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧି । ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱାଧୀନ ସେବା ପ୍ରତିନିଧିର ୮୦ଜଣରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଭାଗ ନେଇଥିଲେ । ଏହି କ୍ରମରେ ଭୋର ୩ଘଟିକାରୁ ଦିବା ୨ଘଟିକା ପର୍ଯ୍ୟନ୍ତ ଭକ୍ତଙ୍କୁ ଧାଡ଼ିରେ ଛିଡା କରାଇବା ତଥା ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କୁ ସୁଚାରୁ ଦର୍ଶନ କରାଇବା ଆଦି କାମ ଅନ୍ୟତମ ଥିଲା, ଯେଉଁଥିରେ ସହଯୋଗର ହାଥ ବଢାଇଥିଲେ ହୃଷିକେଶ ବେହେରା, ଆର. ହରି ପ୍ରସାଦ ରେଡ୍ଡୀ ଓ ଡ଼ି. ସନ୍ତୋଷ ରେଡ୍ଡୀ । ସେହିପରି ଉଦୁଉଦିଆ ଖରାରେ ଶ୍ରଦ୍ଧାଳୁଙ୍କୁ କିପରି ପାନୀୟ ଜଳ ବଣ୍ଟନ କରାଯିବ ସେ ନେଇ ଚିନ୍ତା କରି ପାହାଡ଼ ପାଦଦେଶରେ ଥିବା ବସ ରହଣୀସ୍ଥଳ ତଥା ପାହାଡ଼ ଉପରେ ପାହାଚ ନିକଟରେ ଦୁଇଟି ପାନୀୟ ଜଳ ତଥା ଗ୍ଲୁକୋଜ ବଣ୍ଟନ କେନ୍ଦ୍ର ଖୋଲା ଯାଇଥିଲା । ଏହି ଦୁଇ କେନ୍ଦ୍ରର ଦାୟିତ୍ୱ ନିର୍ବାହ କରିଥିଲେ ନାରାୟଣ ସାହୁ ଓ ସନାତନ ମହାରଣା । ଏହି ବଣ୍ଟନ କାର୍ଯ୍ୟରେ ସହଯୋଗର ହାଥ ବଢାଇଥିଲେ ଲିଓରା ଫାଉଣ୍ଡେସନ, ଦୀପା ମହାରଣା, ମନୋରଞ୍ଜନ ବେହେରା, ଟୁଟୁ ନାୟକ ତଥା ଲସିତ ବରଣ ବେହେରା । ସେହିପରି ନିରାକାର ସାହୁ, ଶ୍ରୀତମ ପଟ୍ଟନାୟକ, ସମୀର ପ୍ରଧାନ ଓ ଶିବ ପ୍ରସାଦ ବେହେରା ଲୋକଙ୍କୁ ଶୃଙ୍ଖଳିତ ଦର୍ଶନ କରିବାରେ ଯଥାର୍ଥ ସହାୟତା କରିଥିଲେ । ଆଜିର ସମସ୍ତ ସେବା କାର୍ଯ୍ୟ ସାମ୍ବାଦିକପ୍ରଦୀପ କୁମାର ସାହୁ, ସମାଜସେବୀ ମନୋଜ ମିଶ୍ର ଓ ଏନ. ବସନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା । ଆଜି ଏହି ସେବା ଦଳର ସବୁ ସମୟର ଭୂମିକାକୁ ନେଇ ପ୍ରଶଂସା କରିଥିଲେ ଛତ୍ରପୁରର ଉପଜିଲ୍ଲାପାଳ ତଥା ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଆଗକୁ ଏ ଭଳି କାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ ।

# ଜାମକାନୀ କୋଇଲା ଖଣି ସମ୍ମୁଖରେ ବିସ୍ଥାପିତଙ୍କ ଧାରଣା



**ରାଉରକେଲା(ଏନ୍.ଏମ୍.) :** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଜାମକାନୀ କୋଇଲା ଖଣି ସମ୍ମୁଖରେ ଆଜି ବିସ୍ଥାପିତ ମାନଙ୍କ ପକ୍ଷରୁ କ୍ଷତିପୂରଣ ଓ ବିଭିନ୍ନ ଦାବିକୁ ନେଇ ଧାରଣା ଦିଆଯାଇଥିଲା । ଏହି ଅବସରରେ କୋଇଲା ପରିବହନ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବା ସହ ସହ ସହ ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହୋଇଥିଲା । ଆନ୍ଦୋଳନ ସ୍ଥଳରେ କମ୍ପାନୀ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ଉପସ୍ଥିତ ବିସ୍ଥାପିତ ଲୋକଙ୍କୁ ବୁଝାସୁଝା କରିଥିଲେ ତଥାପି ବିସ୍ଥାପିତ ମାନେ ନିଜ ହକ୍ ପ୍ରାପ୍ୟ ପ୍ରଦାନ ଦାବିରେ ନିଜର ଜିଦରେ ଅଟଳ ଥିଲେ । ଦିଲମତି କୁଅଁରଙ୍କ କ୍ଷତିପୂରଣ ପ୍ରଦାନ କୋଣସି ପ୍ରକାରର ଅଗ୍ରଗତୀ ହୋଇନଥିବା,ବିନା କ୍ଷତିପୂରଣରେ ପ୍ରଦାନ କରି ଲୋକଙ୍କୁ ବିଲରେ ରାସ୍ତା ତିଆରି କରିବା, ଲୋକଙ୍କୁ କଲୋନୀ ପ୍ରଦାନରେ ବିଳମ୍ବ କରିବା ଆଦି ବିଭିନ୍ନ ଦାବି ନେଇ ଧାରଣା ଦିଆଯାଇଥିଲା ।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

# ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନିକସ୍ତରରେ ସହଯୋଗ ପାଇଁ ଦାବି

**ଟାଙ୍ଗୀ, ଖୋର୍ଦ୍ଧ(ଏନ୍.ଏମ୍.) :** ଖୋର୍ଦ୍ଧା ଜିଲ୍ଲା ସ୍ଥିତ ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ବନ ସେବା ଅଧିକାରୀ ପାଣ୍ଡବ ବେହେରା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନଧାତାଙ୍କ ସମେତ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦେବଦତ୍ତ ମହାନ୍ତି, ସୁକାନ୍ତ କୁମାର ମହାନ୍ତି, ରାଜ କିଶୋର ରଣସିଂ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶାସନିକ ସ୍ତରରେ ସହଯୋଗ ପ୍ରଦାନ କରିବାକୁ ଦାବି କରିଥିଲେ । ସଂପାଦକ ଭଗବାନ ଚମ୍ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ସଂଘର ସଦସ୍ୟମାନେ ବ୍ୟକ୍ତିଗତ ସମସ୍ୟା ସମାଧାନ ସହ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆଗେଇ ଆସିବା ପାଇଁ କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ଶଶିରେଖା ନାଥଶର୍ମା, ଉମେଶ ପ୍ରସାଦ ଧଳ, ମହେଶ୍ୱର ପ୍ରଧାନ ପ୍ରମୁଖ ମତାମତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ସୁନିଲ କୁମାର ଜେନା, ହିମାଂଶୁ ଭୁଷଣ ରଥ, ପଠାଣି ବଳବନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ । ସହ ସଂପାଦକ ରମେଶ କୁମାର ବଳବନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।




# ଧନ୍ୱନ୍ତରୀ ଉପନଗରର ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଉତ୍ସବ ପାଳିତ




**ବ୍ରହ୍ମପୁର(ଏନ୍.ଏମ୍.) :** ଚୈତ୍ର ଶୁକ୍ଳ ପ୍ରତିପଦା ସକାଳ ସମୟରେ ଧନ୍ୱନ୍ତରୀ ଉପନଗରର ସମସ୍ତ ଶାଖାର ସ୍ୱୟଂସେବକମାନଙ୍କର ସମ୍ମିଳିତ ହୋଇ ସ୍ଥାନୀୟ ଲୋଚାପଡ଼ାରୋଡ ସ୍ଥିତ ଆଶୀର୍ବାଦ ସେଲିବ୍ରେସନ ଠାରେ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଉତ୍ସବ ପାଳନ କରିଥିଲେ । ଏହି ଉତ୍ସବରେ ଘୋଷବାଦନ ସହ ସଞ୍ଚାଳନ,ସାମୁହିକ ଶାରିରୀକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବର୍ଷରେ ଥରେ ମାତ୍ର ଆଦ୍ୟ ସର ସଂଘଚାଳକଙ୍କ ପ୍ରଣାମ କରିଥିଲେ । ଲୋଚପଡା ଗ୍ରାମ ଅଞ୍ଚଳ ପ୍ରାୟ ୩ କିଲୋମିଟର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା ଘୋଷ ବାଦ୍ୟ ସହିତ ସହର ପରିକ୍ରମା କରିଥିଲେ । ଏହି ସମୟରେ ପ୍ରତେକ ଘର ର ସାମ୍ନାରେ ଝୋଟି ଆଙ୍କି ସ୍ୱୟଂ ସେବକଙ୍କୁ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ । ପରିଶେଷରେ ଆଜିର ଦିନର ମହତ୍ୱ ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟଅତିଥି ସମିତି ସଭ୍ୟ ଚଣ୍ଡୀ ଚରଣ ସାହୁ,ମୁଖ୍ୟ ବକ୍ତା ନୀଳକଣ୍ଠ ଚୌଧୁରୀ, ସନ୍ତୋଷ କୁମାର ପାତ୍ର ମହାନଗର ସଙ୍ଘଚାଳକ,ସୁରେଶ ଭାଇ, କିରନ ଭାଇ, ସମୀର ଭାଇ, ପ୍ରଦୀପ ଭାଇ, ଶ୍ରୀକାନ୍ତ ଭାଇ, କୃଷ୍ଣ ଭାଇ, ପଟ୍ଟନାୟକ ବାବୁଙ୍କ ବହୁ ବାଲ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ ।

# ଚିକିତ୍ସା ଅବହେଳାରୁ ପ୍ରସୁତିର ମୃତ୍ୟୁ

**ବାରିପଦା (ଏନ୍.ଏମ୍.) :** ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ବ୍ୟସ୍ତ ଥିବାବେଳେ ଚିକିତ୍ସକମାନଙ୍କ ଅବହେଳା ବଢ଼ିଚାଲୁଥିବା ଦେଖିବାକୁ ମିଳିଛି । ଯାହାର ପରିଣାମ ସରକାରଙ୍କ ଅପାରଗତା ବୋଲି କୁହାଯାଉଛି । କେବଳ ସ୍ୱାସ୍ଥ୍ୟକର୍ମୀଙ୍କ ଅବହେଳା ଯୋଗୁଁ ବହୁ ମୂଲ୍ୟବାନ ଜୀବନ ହଜି ଯାଉଛି । ଗୁରୁବାର ମଧ୍ୟାହ୍ନରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଜଣେ ପ୍ରସୂତିଙ୍କ ବାରିପଦା ପିଆରଏମ ମେଡିକାଲ କଲେଜରେ ମୃତ୍ୟୁ ବରଣ କରିଛନ୍ତି । ସୂଚନା ଅନୁଯାୟୀ କୁଳିଅଣା ବ୍ଲକ ପୋଖରୀଆ ଗ୍ରାମର ବୁକାଇ ହାଁସଦାଙ୍କ ସ୍ତ୍ରୀ ପ୍ରସୂତି ବାଲ୍ମୀ ହାଁସଦା( ୨୫ ) ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ସ୍ଥାନୀୟ ଆଶା କର୍ମୀ ଗୀତାରାଣୀ କର ଗତ ୧୭ତାରିଖ ମଙ୍ଗଳବାର ରାତି ୧୧ ଟା ବେଳେ ପିଆରଏମ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ବାରିପଦାରେ ଭର୍ତ୍ତି କରିଥିଲେ । ସିଜରିଂ ପରେ ରାତି ୨ ଟା ବେଳେ ଉକ୍ତ ମହିଳା ପୁତ୍ର ସନ୍ତାନ ଟିଏ ଜନ୍ମ ଦେଇଥିଲେ । ସିଜରିଂ ବେଳେ ଶିଶୁ ସନ୍ତାନର ପିଠିରେ ଗଭୀର କ୍ଷତ ଥିବା ଜଣା ପଡିଥିଲା । ଘଟଣାଟି ପ୍ରଘଟ ହେବାପରେ ବାରିପଦା ମେଡିକାଲ ରେ ଉତ୍ତେଜନା ପ୍ରକାଶ ପାଇଛି । ଉକ୍ତ ପ୍ରସୂତି ମହିଳାଙ୍କର ଏହା ଦ୍ୱିତୀୟ ସନ୍ତାନ । ୫ ବର୍ଷ ପୂର୍ବରୁ ଏଭଳି ସିଜରିଂ ହୋଇ ପୁତ୍ର ସନ୍ତାନଟିଏ ହୋଇଥିଲା । ଚିକିତ୍ସାର ଅବହେଳା ଯୋଗୁଁ ଉକ୍ତ ପ୍ରସୂତୀଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ଯଯାତି ୨୦୨୬: ଧର୍ମଶାଳାରେ ଧୁମଧାମରେ ପାଳିତ ହେଲା ପଥ ଉତ୍ସବ



**ବାଲିଚନ୍ଦ୍ରପୁର(ଏନ୍.ଏମ୍.) :** ଜିଲ୍ଲା ମହୋତ୍ସବ ଯଯାତି-୨୦୨୬ ଉପଲକ୍ଷେ ଧର୍ମଶାଳା ବ୍ଲକରେ ପ୍ରଶାସନ ପକ୍ଷରୁ ପଥ ଉତ୍ସବ ଆୟୋଜିତ ହୋଇଛି । ମହୋତ୍ସବର ମାହୋଲକୁ ଆହୁରି ମନୋରଞ୍ଜନଧର୍ମୀ କରିବା ତଥା ସାରା ଜିଲ୍ଲାରେ ଲୋକଙ୍କ ନିକଟରେ ଏହାକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ପଥ ଉତ୍ସବ ହୋଇଥିଲା । ଜିଲ୍ଲାପାଳ ଅମ୍ବର କୁମାର କର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ସାମିଲ ହୋଇ ପଥ ଉତ୍ସବର ବେଶ୍ ମଜା ନେଇଥିଲେ । ଲୋକନୃତ୍ୟ, ସଙ୍ଗୀତ ସାଙ୍ଗକୁ ଢୋଲ, ମୃଦଙ୍ଗ, ସଂକୀର୍ତ୍ତନ ଓ ପାରମ୍ପରିକ ଲୋକବାଦ୍ୟର ତାଳେତାଳେ ଧର୍ମଶାଳାବାସୀ ନାଚିଥିଲେ ଝୁମିଥିଲେ । ଲୋକକଳାର ପ୍ରଦର୍ଶନ ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ସାଜିଥିଲା ଏହି ପଥ ଉତ୍ସବ । କଳାକାରମାନେ ମୁଖା ଏବଂ ପୌରାଣିକ ଦେବାଦେବୀଙ୍କ ପୋଷାକ ପରିଧାନ କରି ନାଗାନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମଞ୍ଚ ଉପରେ ସଙ୍ଗୀତର ଆସର ଜମିଥିଲା । କଳାକାରମାନେ ଓଡ଼ିଶୀ, ଡାଲଖାଇ ଭଳି ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷୟତ୍ରୀ ଏବଂ ଆଇସିଡିଏସ କର୍ମଚାରୀମାନେ ପଥରେ ଅତି ସୁନ୍ଦର ରଙ୍ଗୋଲି ଓ ଝୋଟି ଆଙ୍କିଥିଲେ । କୁନି କୁନି ପିଲାମାନଙ୍କ ଖୁସି ପାଇଁ ଗେମ୍ ଜୋନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ସେଲ୍ଫି ଜୋନରେ ଫୋଟ ନେବା ପାଇଁ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା । ଏହାସହ କଳାକାର ଏବଂ କ୍ରୀଡାବିତମାନେ ସମର କଳା, ପିରାମିଡ୍, ଜୁଡୋ, କରାଟେ, ଚକ୍ର ବନାଟି, ମାଲ ଖମ୍ବ ଭଳି ଶାରୀରିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ । ଧର୍ମଶାଳାରେ ପଥ ଉତ୍ସବ ଜିଲ୍ଲା ମହୋତ୍ସବକୁ ଆହୁରି ରଙ୍ଗିନ କରିବା ସହ ଜିଲ୍ଲାବାସୀଙ୍କ ଉତ୍ସାହକୁ ବହୁଗୁଣିତ କରିଛି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସମାଜସେବୀ ମିନତି ସାହୁ, ବିଡ଼ିଓ ଜ୍ୟୋତିର୍ମୟ କର, ତହସିଲଦାର ସମୀର ଦାସ, ଅତିରିକ୍ତ ତହସିଲଦାର, ମେଡିକାଲ ଅଫିସର, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ଚିକିଟୀ(ଏନ୍.ଏମ୍.) :** ପିଏମଶ୍ରୀ ରାଜଲକ୍ଷ୍ମୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ବିଆରସିସି ତ୍ରିନାଥ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ବିଷୟ ଭିତ୍ତିକ, ସମସ୍ତ ଶ୍ରେଣୀ ଓ ସମସ୍ତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଯୁଜ୍ୟ ମୋଟ ୫୦ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା । କର୍ମଶାଳାର ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ ଯୋଗ ଦେଇ ବିଦ୍ୟାଳୟ ସ୍ତରରେ ଏହାକୁ ପ୍ରୟୋଗ କରି ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦେଇଥିଲେ ।ଏବିଇଓ ତ୍ରିନାଥ ମଲ୍ଲିକ, ନାୟକ ସେଠୀ, ମେଘନାଥ ବେହେରା, ପ୍ରଧାନଶିକ୍ଷୟିତ୍ରୀ ମାମିନା ବେହେରା ପ୍ରମୁଖ କର୍ମଶାଳାରେ ଯୋଗଦେଇଥିଲେ । ୪୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବାରୁ ଅଂଶ ଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସିଆରସିସି ଧର୍ମରାଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ନିଦ ଭାଙ୍ଗିଲା ପ୍ରଶାସନର, ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା

# ଅଗ୍ନି ସୁରକ୍ଷା ନିରୀକ୍ଷକ ହେବେ ନିଯୁକ୍ତି

**ବାରିପଦା(ଏନ୍.ଏମ୍.) :** ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟାନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନି ନିରୋଧ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଓସ୍ୱାନ୍ ପ୍ଲାଟଫର୍ମ ମାଧ୍ୟମରେ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ଜିଲ୍ଲାରେ ଥିବା ସମସ୍ତ ସରକାରୀ ହସ୍ପିଟାଲ ଓ ଅନ୍ୟ ସଂସ୍ଥାନଗୁଡ଼ିକରେ ଅଗ୍ନିକାଣ୍ଡ ପ୍ରତିରୋଧ ପାଇଁ ଆବଶ୍ୟକ ଭିତ୍ତିଭୂମି, ପୂର୍ବପ୍ରସ୍ତୁତି, ଅଗ୍ନି ସୁରକ୍ଷା ନିୟମାବଳୀର କଠୋର ପାଳନ, ଫାୟାର ସେଫ୍ଟି ଅଡିଟ୍‌ର ନିୟମିତ ପରିଚାଳନା, ଫାୟାର ଫାଇଟିଂ ଉପକରଣର ସଠିକ୍ ସ୍ଥାପନ ଓ ରକ୍ଷଣାବେକ୍ଷଣ, ବିଦ୍ୟୁତ୍ ସୁରକ୍ଷା, ଜଳ ଯୋଗାଣ ବ୍ୟବସ୍ଥା, ଏବଂ ଆପାତକାଳୀନ ସ୍ଥିତିରେ ତ୍ୱରିତ ଓ ସମନ୍ୱିତ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ବିସ୍ତୃତ ଆଲୋଚନା ହୋଇଛି । ଜିଲ୍ଲାପାଳ ଶ୍ରୀ ସୟ୍ ସମସ୍ତ ବିଭାଗକୁ ସଂପୃକ୍ତ ସଂସ୍ଥାନଗୁଡିକରେ ଅଗ୍ନି ସୁରକ୍ଷା ମାନର ସୁଚାରୁ ରୂପେ ପାଳନ କରିବା, ସମୟ ସମୟରେ ନିରୀକ୍ଷଣ କରିବା, ମକ୍ ଡ୍ରିଲ୍ ଆୟୋଜନ କରିବା ସହିତ ସମସ୍ତ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସମସ୍ତ ସରକାରୀ ହସ୍ପିଟାଲ ଓ ସଂସ୍ଥାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେବା ସହ ଅଗ୍ନି ସୁରକ୍ଷା ନିରୀକ୍ଷକ ନିଯୁକ୍ତି ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ , ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ, ସମସ୍ତ ଉପଖଣ୍ଡ-ଜିଲ୍ଲା ଚିକିତ୍ସା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଡ଼କ ଓ ଭବନ ଏବଂ ଗ୍ରାମୀଣ ଉନ୍ନୟନ ବିଭାଗର ଇଞ୍ଜିନିୟରମାନେ, ଟିପିଏନ୍ଓଡିଏଲ୍ ର ସୁପରିଟେଣ୍ଡିଂ ଇଞ୍ଜିନିୟର, ୱାଟକୋର ଜେନେରାଲ୍ ମ୍ୟାନେଜର ଓ ସହାୟକ ଅଗ୍ନି ଅଧିକାରୀ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ଏବଂ ନିକଟସ୍ଥ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ଓସ୍ୱାନ ହଲ୍‌ରୁ ଯୋଗଦେଇଥିଲେ ।

# ଅଗ୍ନିବୀର ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ



**କେନ୍ଦ୍ରାପଡା(ଏନ୍.ଏମ୍.) :** ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ, କେନ୍ଦ୍ରାପଡା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଭାରତୀୟ ସେନାର ଅଗ୍ନିବୀର ଯୋଜନା ସମ୍ପର୍କରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ମେଜର ଅଶ୍ୱିନୀ ଓ ଅନ୍ୟାନ୍ୟ ସେନା ଅଧିକାରୀ ମାନେ ଯୋଗଦେଇ ଅଗ୍ନିବୀର ଯୋଜନାର ଯୋଗ୍ୟତା, ନିଯୁକ୍ତି ପ୍ରକ୍ରିୟା, ସୁବିଧା ଓ କ୍ୟାରିୟର ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମ ଓଲାଭର ଡିଗ୍ରୀ କଲେଜ, ଶୈଳେନ୍ଦ୍ର ନାରାୟଣ ଡିଗ୍ରୀ କଲେଜ, ସରକାରୀ ଆଇଟିଆଇ ରାଜକନିକା, ଏସଆଇପିଟି ସରକାରୀ ଆଇଟିଆଇ ପଟ୍ଟାମୁଣ୍ଡାଇ ଏବଂ ସରକାରୀ ପଲିଟେକ୍ନିକ ଛତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ନିଯୁକ୍ତି ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ଏବଂ ସିଏମଏସଡିଏଫ୍ ଶ୍ରଦ୍ଧାଞ୍ଜଳି ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ ।

# ନୟାଗଡ ଜିଲ୍ଲାର ଭୂତଳ ଜଳ ସ୍ଥିତି ଉପରେ ଏକ ଦିନିଆ କର୍ମଶାଳା

**ନୟାଗଡ଼ (ଏନ୍.ଏମ୍.) :** ଜିଲ୍ଲାପରିଷଦ ସ୍ଥିତ ସୃଜନ ସମ୍ମିଳନୀ କକ୍ଷରେ ଭୂତଳ ଜଳ ପରିଚାଳନା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରୀୟ ଭୂତଳ ଜଳ ବିଭାଗର ବୈଜ୍ଞାନିକ ସୁମିତ୍ରା ସରକାର, ମୌସୁମୀ ସାହୁ , ସଞ୍ଜୟ ନାୟକ, ଏପିଡି, ଆଡମିନ ଜିତେନ୍ଦ୍ର ନାୟକ, ପିଡି, ଜଳ ବିଭାଜିକା ଶୁଭେନ୍ଦ୍ର କୁମାର ପରିଡା ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିଲେ । ନୟାଗଡ ଜିଲ୍ଲାର ଭୂତଳ ଜଳ ସ୍ଥିତିର ସମ୍ପୂର୍ଣ୍ଣ ଦୃଶ୍ୟପଟ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଭୁବନେଶ୍ୱରର ବୈଜ୍ଞାନିକମାନେ ଆଲୋଚନା କରିଥିଲେ ଓ ନୟାଗଡ ବ୍ଲକର ଭୂତଳ ଜଳର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ବୋଲି ବୈଜ୍ଞାନିକ ମାନେ କହିଥିଲେ ଓ ଆଜି ପର୍ଯ୍ୟନ୍ତ ପ୍ରାୟ ୮୭ ପ୍ରତିଶତ ଭୂତଳ ଜଳ ବ୍ୟବହାର କରାଯାଇଛି ଓ ଭୂତଳ ଜଳ କିପରି ବୃଦ୍ଧି କରାଯିବ ଏବଂ ଭୂତଳ ଜଳର ସୁବିଚାରପୂର୍ଣ୍ଣ ବ୍ୟବହାର ଆଲୋଚନାର କେନ୍ଦ୍ରବିନ୍ଦୁ ଥିଲା ଓ ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ, ବିଡ଼ିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଜଳ ସେଚନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ବିଧାନସଭାରେ ଥମୁନି ...

ମେଡ଼ିକାଲ ନିଆଁ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରତିବାଦକୁ ନେଇ ଗୃହରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବିରୋଧୀ ଦଳ ନାଟକ ବାଜି କରୁଛନ୍ତି । ଶବ ଉପରେ ଶୋଭାଯାତ୍ରା କରି ପୀଡିତ ପରିବାରକୁ ଉପହାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଧାନସଭାରେ ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରି ଏହା କହିଛନ୍ତି । ବିରୋଧୀଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ରାଗ ରାଗ ଜାଗାରେ । ଦୁଃଖ ଦୁଃଖ ଜାଗାରେ । କିନ୍ତୁ ବିରୋଧୀ ଗୃହକୁ ସମ୍ପୂର୍ଣ୍ଣ ଅଚଳ କରିବା, ଗୃହରେ ଅନୁପସ୍ଥିତ ରହିବା । ନିଜ ଅଞ୍ଚଳର କଥା ଗୃହରେ ନ ରଖିବା । ନାଟକ ବାଜି କରିବା ଇଏ ସମ୍ପୂର୍ଣ୍ଣ ନକାରାତ୍ମକ ଚିନ୍ତାଧାରା । ଯେତେବେଳେ କିଛି ଘଟଣା ଘଟିବ ସେତେବେଳେ ବିଧାନସଭାରେ ସେହି କଥା ରଖିବା ରହି ଆସିଛି । କିନ୍ତୁ ସର୍ବଦଳୀୟ ବୈଠକ ପରେ ଗୃହକୁ ସ୍ୱାଭାବିକ କରାଯିବା କଥା । ନଚେତ ଗାନ୍ଧୀ ମୂର୍ତ୍ତି ତଳେ ବସିବା କିମ୍ବା ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବା ରହିଛି । ବିରୋଧୀ ଦଳ ଭାବେ ଆମେ ମଧ ତାହା କରୁ ଥିଲୁ । ମାତ୍ର ବର୍ତ୍ତମାନ ବିରୋଧୀ ଦଳ ତାହା ନ କରି କେବଳ ବିଧାନସଭା ଆସି ହୋ ହଲ୍ଲା କରି ଚାଲିଯିବାର ନାଟକ ବାଜି କରିବାର ମାନେ କଣ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ।

## ଭାରତରେ ପହଞ୍ଚିଲା ଅଶୋଧିତ ...

ଶିପିଂ ମନ୍ତ୍ରଣାଳୟର ରିପୋର୍ଟ ଅନୁଯାୟୀ, ୨୨ଟି ଭାରତୀୟ ଜାହାଜ ଏବେ ମଧ ହର୍ମୁଜ ପ୍ରଣାଳୀ ଅଞ୍ଚଳରେ ରହିଛନ୍ତି । ଏଥିମଧ୍ୟରେ ୬ଟି ଏଲପିଜି ଟ୍ୟାଙ୍କର ଅଛି, ଯେଉଁଥିରେ ୩ ଲକ୍ଷ ଟନରୁ ଅଧିକ ଗ୍ୟାସ୍ ରହିଛି । ଏହା ବ୍ୟତୀତ କେମିକାଲ୍ ଟ୍ୟାଙ୍କର, କଣ୍ଟେନର ସିପ୍ ଏବଂ ବଲ୍କ କ୍ୟାରିୟର ମଧ ସେଠାରେ ଅଟକି ରହିଛନ୍ତି । 'ଜଗ ଲାଡକୀ'କୁ ହର୍ମୁଜ ପ୍ରଣାଳୀ ଦେଇ ଆସିବାକୁ ପଡ଼ିନାହିଁ, କାରଣ ଫୁଜୈରା ବନ୍ଦର ଓମାନ ଉପସାଗରରେ ଅବସ୍ଥିତ । ତଥାପି ଯୁଦ୍ଧକ୍ଷେତ୍ରର ନିକଟବର୍ତ୍ତୀ ହୋଇଥିବାରୁ ଏହା ଏକ ବଡ଼ ବିପଦ ଥିଲା ।

## ଓଡ଼ିଶା ମାଟିତଳେ ହୀରା ...

ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ହିଞ୍ଜିଳିବାହାଲ-ଜିଲିଙ୍ଗବରରେ ମାଣିକର ସନ୍ଧାନ ମିଳିଛି । କିନ୍ତୁ ରାଜ୍ୟରେ ଏପର୍ଯ୍ୟନ୍ତ କୌଣସି ମୋତି ଖଣିର ସନ୍ଧାନ କରାଯାଇନଥିବା ସେ ସ୍ପଷ୍ଟ କରିଛନ୍ତି । ଦେବଗଡ଼ର ରିଆମାଳ ବ୍ଲକ୍‌ରେ ତମ୍ବା ପଥର, ଗ୍ରାଫାଇଟ୍ ଓ ନିକେଲ୍ ଠାବ କରାଯାଇଛି । ସେହିପରି ଅଡସ-ରାମପଲ୍ଲୀ ଅଞ୍ଚଳରେ ସୁନା ଖଣିର ସନ୍ଧାନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ୍‌ର ମଦନସାହି-କାଞ୍ଜିଆରେ ସୁନା ଓ ତମ୍ବା ଥିବା ପଥର ଠାବ କରାଯାଇଛି । କେନ୍ଦୁଝରର ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗୋପୁର-ଜଳଡ଼ିହରେ ସୁନା ଖଣିର ସନ୍ଧାନ ମିଳିଛି । ମନ୍ତ୍ରୀ ଶ୍ରୀ ଜେନାଙ୍କ ପୂର୍ବ ସୂଚନା ଅନୁସାରେ ରାଜ୍ୟ ମାଟି ତଳେ ୧୫୮୬ କେଜି ସୁନା ଗଚ୍ଛିତ ଥିବା ଆକଳନ କରାଯାଇଛି । ଏହି ସମ୍ପଦର ଅନୁସନ୍ଧାନ ଓ ବାଣିଜ୍ୟିକ ବ୍ୟବହାର ପାଇଁ ରାଜ୍ୟ ସରକାର ନକ୍ସା ପ୍ରସ୍ତୁତ କରୁଛନ୍ତି । ସୁନା ଖଣି ନିଲାମ କରିବା ଉପରେ ମଧ ରାଜ୍ୟ ସରକାର ବିଚାର କରୁଛନ୍ତି । ରାଜ୍ୟରେ ଗ୍ରାଫାଇଟ, ତମ୍ବା, ନିକେଲ, ରୁପା, ଟାଇଟାନିୟମ, ଭାନାଡିୟମ ଓ ଟିନ୍ ଭଳି ବିରଳ ମୃତିକା ଖଣିଜ ପଦାର୍ଥ ମଧ ଠାବ କରାଯାଇଛି । ଏହି ଖଣିଜ ପଦାର୍ଥରୁ ପ୍ରସ୍ତୁତ ଉପାଦାନଗୁଡ଼ିକୁ ଇଲେକ୍ଟ୍ରିକ ଯାନ (ଇଭି), ସୋଲାର ପ୍ରକଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଅତ୍ୟାଧୁନିକ ବିନିର୍ମାଣରେ ବ୍ୟବହାର କରାଯାଇଛି । କଳାହାଣ୍ଡି, ରାୟଗଡ଼ା, ବଲାଙ୍ଗୀର, ନୟାଗଡ଼ ଓ ଦେବଗଡ଼ ଜିଲ୍ଲାରେ ଗ୍ରାଫାଇଟ୍ ଠାବ କରାଯାଇଛି । ଅଧିକାଂଶ ସ୍ଥାନରେ ଜି୨ ଓ ଜି୩ ସ୍ତରର ଅନସନ୍ଧାନ ଜାରି ରହିଛି ।

## ଟ୍ରଷ୍ଟ ଗଠନ ନେଇ ସ୍ପଷ୍ଟୀକରଣ ...

ଫାଉଣ୍ଡେସନ୍ ବିବାଦ । ତଦନ୍ତ ପାଇଁ ହାଇକୋର୍ଟରେ ହେଲା ଆବେଦନ । ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶିବଶଙ୍କର ମହାନ୍ତି କରିଛନ୍ତି ଆବେଦନ । ଏହି ଟ୍ରଷ୍ଟର କାର୍ଯ୍ୟକଳାପରେ ସ୍ୱଚ୍ଛତା ନାହିଁ ଏବଂ ଏହାକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି ବିଜୁ ନବୀନ ଇନସପିରେସନାଲ୍ ଫାଉଣ୍ଡେସନର ଗଠନ ଓ ଏହାର ପାଣ୍ଠି ସଂଗ୍ରହକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି । ଟ୍ରଷ୍ଟର ସଭାପତି ଭାବେ ଭି. କାର୍ତ୍ତିକେୟ ପାଣ୍ଡିଆନ, ସମ୍ପାଦକ ଭାବେ ସଂତୃପ୍ତ ମିଶ୍ର ଏବଂ ଅନ୍ୟତମ ଟ୍ରଷ୍ଟି ଭାବେ ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ରହିଛନ୍ତି । ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏକ ଘଏଙ୍ଗ ହୋଇଥିବା ସତ୍ତ୍ୱେ ଏହି ଫାଉଣ୍ଡେସନ ଏକ ନିର୍ଦ୍ଦିଷ୍ଟ ଆଞ୍ଚଳିକ ରାଜନୈତିକ ଦଳ ସହ ଘନିଷ୍ଠ ଭାବେ ଜଡ଼ିତ । ଆବେଦନକାରୀ ଶିବଶଙ୍କର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟସଭା ନିର୍ବାଚନ ସମୟରେ ଏହି ଟ୍ରଷ୍ଟ ହଠାତ୍ ଚର୍ଚ୍ଚାକୁ ଆସିଥିଲା । ଏଥିସହ ନିର୍ବାଚନ ସତ୍ୟପାଠରେ ଏହି ଟ୍ରଷ୍ଟ ସହ ଜଡ଼ିତ ଥିବା ତଥ୍ୟକୁ ଲୁଚାଯାଇଥିବା ସନ୍ଦେହ କରାଯାଉଛି । ବେସରକାରୀ ସଂସ୍ଥାଗୁଡ଼ିକଠାରୁ ରାଜନୈତିକ ପ୍ରତିପତ୍ତି ବିସ୍ତାର ପାଇଁ ଅର୍ଥ ସଂଗ୍ରହ କରିବା ନିମନ୍ତେ ଏହି ଟ୍ରଷ୍ଟକୁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଥିବା ଆଶଙ୍କା କରାଯାଇଛି । ହାଇକୋର୍ଟରେ ଦାଖଲ ଆବେଦନରେ କ୍ରାଇମବ୍ରାଞ୍ଚ ଓ ଅର୍ଥନୈତିକ ଅପରାଧ ଶାଖା ବା ଇଡି ଦ୍ୱାରା ଏକ ନିରପେକ୍ଷ ତଦନ୍ତ ପାଇଁ ଦାବି ହୋଇଛି । ଟ୍ରଷ୍ଟର ଆର୍ଥିକ କାରବାର ଓ ଦାନ ସମ୍ପର୍କିତ ଏକ ଫୋରେନସିକ ଅଡିଟ୍ । ରାଜନୈତିକ କିମ୍ବା ନିର୍ବାଚନୀ ଉଦ୍ଦେଶ୍ୟରେ ଟ୍ରଷ୍ଟର ଅର୍ଥ ବ୍ୟବହାର ହେଉଛି କି ନାହିଁ ତାହାର ଯାଞ୍ଚ । ଏହି ମାମଲାରେ ରାଜ୍ୟ ସରକାର, ପୋଲିସ ମହାନିର୍ଦ୍ଦେଶକ, ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ପକ୍ଷଭୁକ୍ତ କରାଯାଇଛି । ବିଜେଡିର ସମ୍ପତ୍ତି ହଡ଼ପ ପାଇଁ ଚାଲିଛି ବଡ଼ ଯୋଜନା । ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର । ଦୀର୍ଘ ୨୮ବର୍ଷ ଧରି ଦିନରାତି ପରିଶ୍ରମ କରିଥିବା ବିଜୁ ଜନତା ଦଳର କର୍ମୀ-ନେତାମାନଙ୍କୁ କ'ଣ ଶେଷରେ ଏଭଳି ଧୋକା ମିଳିବାର ଥିଲା କି ? ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ନବୀନବାବୁ ନିଜେ କହିଥିଲେ ଯେ ତାଙ୍କର ଉତ୍ତରାଧିକାରୀ ଓଡ଼ିଶାବାସୀ ଚୟନ କରିବେ, କିନ୍ତୁ ଭଣ୍ଡ ସନ୍ୟାସୀ ହାତରେ ସାମ୍ରାଜ୍ୟ ଟେକି ଦେବା ପଛରେ କ'ଣ ଷଡ଼ଯନ୍ତ୍ର ରହିଛି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମୟୀ ।

## ନିଗମ ଓ ବୋର୍ଡ଼ରେ ପଦପଦବୀ ...

ନିଗମ, ବୋର୍ଡ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ପାର୍ଟି ମଧ୍ୟରେ ଅନ୍ତଃକନ୍ଦଳ ବଢ଼ିବାରେ ଲାଗିଛି । କେବେ ନିଯୁକ୍ତି ମିଳିବ ତାହାର ଉତ୍ତର ସେମାନେ କାହା ପାଖରୁ ପାଉ ନାହାନ୍ତି । ଏହା ଭିତରେ ଦୁଇ ବର୍ଷ ଗଡ଼ି ଯାଇଥିବାରୁ ୨୦୨୯ ନିର୍ବାଚନକୁ ଦୃଷ୍ଟିରେ ରଖି କିଛି ନେତା ନିଗମ, ବୋର୍ଡରୁ ଆଖି ଫେରାଇ ନେଲେଣି । ଆଉ ଯେଉଁମାନେ ଆଶା ବାନ୍ଧି ଥିଲେ ସେମାନେ ଏବେ ପ୍ରଶ୍ନ କରିବା ଆରମ୍ଭ କଲେଣି । ସେବା ଓ ଅନୁଶାସନର ଫଳ ପାଇଁ ଆଉ କେତେ ଦିନ ଅପେକ୍ଷା କରିବାକୁ ହେବ ବୋଲି ସେମାନେ ପଚାରୁଛନ୍ତି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବା ବେଳେ ନେତା, କର୍ମୀଙ୍କୁ ପାର୍ଟି ପୁରସ୍କୃତ କରି ସେମାନଙ୍କ ମନବଳ ବଢ଼ାଇବା ପରିବର୍ତ୍ତେ ଅବହେଳା କରି ଚାଲିଛି ବୋଲି ସେମାନେ ଖୋଲାଖୋଲି କହିବାକୁ ପଛାଉ ନାହାନ୍ତି ।

## ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନର ସହିତ ...

ସୁରକ୍ଷିତ ଭାବେ ରହିବା ପାଇଁ ଦୁଇ ମହଲା କୋଠାର ତଳ ମହଲାକୁ ପୁଅ ଖାଲି କରି ବାପାଙ୍କୁ ହସ୍ତାନ୍ତର କରିବେ ବୋଲି ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ସଂପତ୍ତି ବିବାଦ ସଂପୂର୍ଣ୍ଣ ଭାବେ ଦେୱାନୀ ଧରଣର ଏବଂ ଏହା ଉପଜିଲ୍ଲାପାଳଙ୍କ ଅଦାଲତରେ ବିଚାରାଧୀନ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା । ଏହି ରାୟକୁ ଚ୍ୟାଲେଞ୍ଜ କରି ବାପା ଓ ପୁଅ ଉଭୟ ହାଇକୋର୍ଟରେ ପୃଥକ୍ ଆବେଦନ ଦାୟର କରିଥିଲେ । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବାକୁ ପୁଅଙ୍କ ଆବେଦନରେ ନିବେଦନ କରାଯାଇଥିଲା । ଅନ୍ୟପକ୍ଷରେ ସଂପତ୍ତି ଓ ଅନ୍ୟ କେତେକ ପ୍ରସଙ୍ଗକୁ ଉପଜିଲ୍ଲାପାଳ ବିଚାରକୁ ନ ନେଇ ନିର୍ଦ୍ଦେଶ ପ୍ରଦାନ କରିଥିଲେ ବୋଲି ବରିଷ୍ଠ ନାଗରିକ ତଥା ବାପାଙ୍କ ଆବେଦନରେ ଉଲ୍ଲେଖ କରାଯାଇଥିଲା । ଉଭୟ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀ ବରିଷ୍ଠ ନାଗରିକଙ୍କ ବୟସ ଏବେ ୮୬ ବର୍ଷ ଓ ତାଙ୍କ ପତ୍ନୀଙ୍କ ପରଲୋକ ହୋଇ ସାରିଛି । ସେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭାବେ ପେନ୍ସନ୍ ପାଉଛନ୍ତି । ସେ ବରମୁଣ୍ଡା ଗ୍ରାମରେ ଥିବା ପେ ?ତୃକ ଘରେ ତିନି ପୁଅଙ୍କ ସହିତ ରହୁଥିଲେ । କିଛି ବର୍ଷ ପୂର୍ବରୁ ବଡ଼ ଓ ମଝିଆ ପୁଅ ପୃଥକ ଭାବେ ରହିବାକୁ ଅନ୍ୟତ୍ର ଚାଲି ଯାଇଥିଲେ । ଏହାପରେ ସେ ସାନପୁଅ ସହିତ ପେ ?ତୃକ ଘରେ ରହୁଥିଲେ । କିଛି ଦିନ ତଳେ ସାନପୁଅ ତାଙ୍କୁ ଏହି ଘର ଛାଡ଼ିବାକୁ ବାଧ୍ୟ କରିଥିଲା । ଏହାପରେ ଅନ୍ୟ ଦୁଇ ପୁଅଙ୍କ ପାଖକୁ ସେ ରହିବାକୁ ଯାଇଥିଲେ । ସାନ ପୁଅ ବିରୋଧରେ ନିର୍ଯାତନା ଓ ଅପମାନିକ କରିବା ଅଭିଯୋଗ ଆଣିବା ସହିତ ୨୦୦୭ ଅଧିନିୟମ ଅଧୀନରେ ଉପଜିଲ୍ଲାପାଳଙ୍କ ନିକଟରେ ବାପା ଆବେଦନ କରିଥିଲେ । ପୈତୃକ ଘରେ ସୁରକ୍ଷିତ ଭାବେ ରହିବାକୁ ନିର୍ଦ୍ଦେଶ ଦିଆଯାଉ । ଏଥି ସହିତ ସାନପୁଅ ନାମରେ ବିଭିନ୍ନ ସ୍ଥାନରେ ସେ କ୍ରୟ କରିଥିବା ଭୂ-ସଂପତ୍ତିକୁ ତାଙ୍କ ନାମକୁ ଆଣିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦର୍ଶାଇଥିଲେ । ମାମଲାର ଶୁଣାଣି କରି ଉପଜିଲ୍ଲାପାଳ ୨୦୨୫ ଅଗଷ୍ଟ ୭ରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## କ୍ରସ ଭୋଟିଂ : ୬ଜଣ ବିଧାୟକଙ୍କୁ ନିଲମ୍ବନ ...

କରିଥିବା ଅନୁମାନ କରାଯାଉଥିବା ବେଳେ ବାରବାଟୀ ବିଧାୟକ ସୌଭିକ ବିଶ୍ୱାଳ ଓ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଥିବା କଥା ଖୋଲାଖୋଲି କହିଛନ୍ତି । ସେହିପରି ବିଜେଡିକୁ କଂଗ୍ରେସର ସମର୍ଥନ ପାଇଁ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ କ୍ରସ ଭୋଟିଂ କରିଥିବା କଥା ପିସିସି ସଭାପତି ଭକ୍ତ ଚରଣ ଦାସ ଗଣମାଧ୍ୟମକୁ କହିଛନ୍ତି । ଦେବୀ ତ୍ରିପାଠୀଙ୍କ ବାପା ତଥା ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ କହିଛନ୍ତି କି, ନବୀନ ବାବୁ ଆଉ ଦଳ ସମ୍ଭାଳିବାକୁ ଯୋଗ୍ୟ ନାହାନ୍ତି । ତେଣୁ ଜଣେ ଅଯୋଗ୍ୟ ନେତୃତ୍ୱଙ୍କ ଅଧିନରେ କାମ କରିବା ବଦଳରେ ଦେବୀ ଯଦି ବିଜେପିକୁ ଯାଆନ୍ତି ତେବେ ତାଙ୍କର କୌଣସି ଅସୁବିଧା ନାହିଁ । ସେପଟେ ଦିଲ୍ଲୀପଙ୍କୁ ଭୋଟ ଦେଇ ଦେବୀ ପ୍ରମାଣ କରିଦେଇଛନ୍ତି ଯେ, ବିଜେପି ଠାରୁ ସେ ଆଉ ଅଧିକ ଦୂରତାରେ ନାହାଁନ୍ତି । ବିଜୟ ମହାପାତ୍ର କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ମତଦାନ ନେଇ ଲୋକେ କ'ଣ କହିବେ ତାହା ଅଲଗା କଥା । କିନ୍ତୁ ଘୋଡ଼ା ବେପାର ହୋଇନାହିଁ । ତିନି ମାସ ହେଲା ଯୋଜନା କରାଯାଇଥିଲା । ବିଜେଡି ପ୍ରତି ଲୋକେ ଅସନ୍ତୋଷକୁ ପ୍ରକାଶ କରିଛନ୍ତି । ନବୀନ ବାବୁଙ୍କ ପ୍ରତି ଅସନ୍ତୋଷ ବଢୁଛି । ସେ କିନ୍ତୁ ଏହା ଜାଣି ପାରୁ ନାହାନ୍ତି । ସୂଚନାଯୋଗ୍ୟ, ଅତୀତରେ ପ୍ରଭାତ ତ୍ରିପାଠୀ ଓ ବିଜୟ ମହାପାତ୍ରଙ୍କୁ ବିଜୁ ଜନତା ଦଳ (ବିଜେଡି) ନିଲମ୍ବନ କରିଥିଲା । ପ୍ରଭାତ ବିଶ୍ୱାଳଙ୍କୁ ବିଜେଡି ବହିଷ୍କାର କରିଥିଲା ବେଳେ ମହମ୍ମଦ ମୋକିମଙ୍କୁ କଂଗ୍ରେସ ନିଲମ୍ବନ କରିଛି । ଏବେ କ୍ରସ ଭୋଟିଂର ଦ୍ୱାହୀ ଦେଇ ୬ଜଣ ବିଧାୟକଙ୍କୁ ବିଜେଡି ନିଲମ୍ବନ କରିଛି । ନିଲମ୍ବିତ ବିଧାୟକମାନେ ହେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ (ଭୁବନେଶ୍ୱର) ବିଧାୟକ ନବ କିଶୋର ମଲ୍ଲିକ, କଟକ-ଚେ ?ଦ୍ୱାର ବିଧାୟକ ସେ ?ଭିକ ବିଶ୍ୱାଳ, ବସ୍ତା ବିଧାୟକ ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ଗଂଜନ ତ୍ରିପାଠୀ । ଆଜି ସନ୍ଧ୍ୟାରେ ବିଜେଡିର ରାଜନୈତିକ ବ୍ୟାପାର କମିଟି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ବିରୋଧୀ ଦଳ ନେତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।

# ଏସସିବିରେ ଭୟାବହ ଅଗ୍ନିକାଣ୍ଡ, ସାମ୍ନାକୁ ଆସିଲା ୧୦ ମୃତକଙ୍କ ତାଲିକା



କଟକ(ଏନ୍.ଏମ୍.): ଶ୍ରୀରାମ ଚନ୍ଦ୍ର ଭଂଜ (ଏସସିବି) ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଗତକାଲି ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ୧୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିଲା ବେଳେ ଅନ୍ୟ ୫ଜଣ ଗୁରୁତର ଅଛନ୍ତି । ଗୁରୁତରମାନଙ୍କର ଚିକିତ୍ସା ଜାରି ରହିଛି। ଏହି ସମ୍ବେଦନଶୀଳ ଘଟଣା ଏବେ ଦେଶର ପ୍ରମୁଖ ଖବର ହୋଇଛି । ଦେଶର ଅନ୍ୟତମ ପୁରାତନ ଚିକିତ୍ସାଳୟରେ କେଉଁଭଳି ଭାବରେ ଅଗ୍ନିକାଣ୍ଡ ଘଟିଲା ସେନେଇ ସବୁଆଡ଼େ ଚର୍ଚ୍ଚା ହେଉଛି । ଏହାରି ମଧ୍ୟରେ ମୃତକମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ପରିଡ଼ା, ଦାର୍ଶୁ ମୁଣ୍ଡା, ମହମ୍ମଦ ନ୍ୟୁମ୍, ଗୌରାଙ୍ଗ ଚନ୍ଦ୍ର ବାରିକ, ଶେଖ ଅବଦୁଲ୍ ସତାର, ମଧୁସୂଦନ ଦଳାଇ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ଦାଶ, ଚେରୁ ପରିଡ଼ା, ମେନକା ରାଉତ ପ୍ରମୁଖ ଅଛନ୍ତି ।

ତେବେ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସୋମବାର ଭୋରରୁ ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି । ଏହି ହୃଦୟବିଦାରକ ଘଟଣା ମେଡିକାଲର ଏକ ୱାର୍ଡରେ ଘଟିଥିବା ବେଳେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ସୂଚନା ମିଳିଛି । ଅନ୍ୟ ୫ ଜଣ ରୋଗୀଙ୍କ ଅବସ୍ଥା ଗୁରୁତର ଅଛି । ଏହି ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ପୁଲିସ କମିଶନର । ସୂଚନା ଅନୁସାରେ ମଧ୍ୟରାତ୍ରୀରେ ଯେତେବେଳେ ଏସସିବିର ରୋଗୀ, ରୋଗୀ ସଂପର୍କୀୟମାନେ ଶୋଇ ପଡ଼ିଥିଲେ, ସେହି ସମୟରେ ଅଗ୍ନିକାଣ୍ଡ ହୋଇଥିଲା । ହଠାତ ଅଗ୍ନିକାଣ୍ଡ ହେବାରୁ ରୋଗୀ ଓ ରୋଗୀମାନେ ଉଠିବା ବେଳକୁ ସ୍ଥିତି ଅଣାୟତ୍ତ ହୋଇଥିଲା । ଅଗ୍ନିକାଣ୍ଡ ଘଟିବା ମାତ୍ରେ ହସ୍ପିଟାଲ କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ପଦକ୍ଷେପ ନେଇଥିଲେ । ହସ୍ପିଟାଲର ନିଜସ୍ୱ ଅଗ୍ନିଶମ ବିଭାଗ ପ୍ରଥମେ ନିୟୋଜିତ ହୋଇଥିଲେ । ବାହାରୁ ତିନୋଟି ଅଗ୍ନିଶମ ଗାଡି ମଧ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚିଥିଲା । ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା । କିନ୍ତୁ ଧୂଆଁ ଏବଂ ନିଆଁ ଯୋଗୁଁ ଅନେକ ରୋଗୀଙ୍କ ପ୍ରବଳ କ୍ଷତି ହୋଇଥିଲା । ଆଇସିୟୁରେ ଭର୍ତ୍ତି ହୋଇଥିବା ଗୁରୁତର ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା । ଗୁରୁତର ଅବସ୍ଥାରେ ଥିବା ରୋଗୀମାନଙ୍କୁ ହସ୍ପିଟାଲର ନ୍ୟୁ ମେଡିସିନ୍ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଅଗ୍ନିକାଣ୍ଡ କେଉଁ ପରିସ୍ଥିତିରେ ଘଟିଲା ତାହା ଜଣାପଡ଼ି ନାହିଁ । ପ୍ରଶାସନିକ ଅବହେଳା ନାଁ ସର୍ଟସର୍କିଟ ଅଗ୍ନିକାଣ୍ଡର କାରଣ, ତାହା ତଦନ୍ତ ପରେ ଜଣାପଡ଼ିବ । ଯଦି ମେଡିକାଲ କଲେଜର ତ୍ରୁଟି ପାଇଁ ନିରୀହ ରୋଗୀମାନଙ୍କର ଜୀବନ ଯାଇଥାଏ, ତା'ହେଲେ ସଂପୃକ୍ତ ବ୍ୟକ୍ତି କାର୍ଯ୍ୟାନୁଷ୍ଠାନର ଶିକାର ହେବେ । ଅନ୍ୟପଟରେ ରାଜ୍ୟର ସର୍ବବୃହତ ମେଡିକାଲ କଲେଜରେ ବାରମ୍ବାର ଅଗ୍ନିକାଣ୍ଡ ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି । ଅଗ୍ନିକାଣ୍ଡ ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଏସସିବି ମେଡିକାଲର ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିଛନ୍ତି । ସେ ବରିଷ୍ଠ ପଦାଧିକାରୀଙ୍କ ସହ ସ୍ଥିତିର ସମୀକ୍ଷା କରିଛନ୍ତି । ସ୍ଥାନାନ୍ତର ସମୟରେ ୧୦ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ମୃତକଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଥିବା ବେଳେ ଶୋକସନ୍ତପ୍ତ ପରିବାର ପ୍ରତି ସେ ସମବେଦନା ଜଣାଇଛନ୍ତି । ଅଗ୍ନିକାଣ୍ଡ ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ସମ୍ବଲପୁର ପୁଲିସରେ ସାମିଲ ହେଲେ ୧୮୦ ଜଣ ନୂତନ ଗୃହରକ୍ଷୀ



**ସମ୍ବଲପୁର(ଏନ୍.ଏମ୍.) :** ସମ୍ବଲପୁର ପୁଲିସରେ ସାମିଲ ହେଲେ ୧୮୦ ଜଣ ନୂତନ ଗୃହରକ୍ଷୀ । ରବିବାର ସମ୍ବଲପୁର ଏସ୍ପି ମୁକେଶ ଭାମୁ ସମସ୍ତ ଗୃହରକ୍ଷୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଏହି ନିଯୁକ୍ତିରେ ୪୨ ଜଣ ଯୁବତୀ ରହିଥିବା ବେଳେ ୧୪୧ ଜଣ ଯୁବକ ରହିଥିବା ସମ୍ବଲପୁର ପୁଲିସ ପକ୍ଷରୁ ସୂଚନା ମିଳିଛି । ଏହି ପରୀକ୍ଷା ପାଇଁ ପଞ୍ଚମ ପାସ୍ ଯୋଗ୍ୟତା ଆବଶ୍ୟକତା ରହିଥିବା ବେଳେ ନିଯୁକ୍ତି ପାଇଥିବା ପରୀକ୍ଷାର୍ଥୀ ମଧ୍ୟରୁ ଅଧିକାଂଶ ଡିଗ୍ରିଧାରୀ ଯୁବକ ଯୁବତୀ ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ବାକି ଆଇଟିଆଇ, ସ୍ନାତକ, ଏମ୍ବିଏ, ଏମ୍ସିଏ, ଡିପ୍ଲୋମା ଯୁବକ ଯୁବତୀ ରହିଛନ୍ତି । ୧୮୩ ଜଣ ପରୀକ୍ଷାର୍ଥୀ ପାସ୍ ହୋଇଥିବା ବେଳେ ଜଣେ ପରୀକ୍ଷାର୍ଥୀଙ୍କ ସେଣ୍ଟ୍ରାଲ ସ୍କୁଲରେ ଚାକିରି ହେବା କାରଣରୁ ଗୃହରକ୍ଷୀରେ ନିଯୁକ୍ତିରୁ ଓହରି ଯାଇଛନ୍ତି । ସେହିପରି ଅନ୍ୟ ଜଣେ ପିଲାଙ୍କ ନାମରେ କିଛି ଅଭିଯୋଗ ରହିଥିବା କାରଣରୁ ତାଙ୍କର ଯାଞ୍ଚ ସରିବା ପରେ ନିଯୁକ୍ତିପତ୍ର ପ୍ରଦାନ କରାଯିବ । ଅନ୍ୟ ଜଣେ ପରୀକ୍ଷାର୍ଥୀଙ୍କ ଆଗମୀ ଦିନରେ ପାଠ ପଢ଼ିବାକୁ ନେଇ ଦ୍ୱନ୍ଦ୍ୱରେ ଥିବାରୁ ତାଙ୍କୁ ମଧ ନିଯୁକ୍ତି ପତ୍ର ପ୍ରଦାନ କରାନଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି । ସେଥିପାଇଁ ଆଜି ୧୮୦ ଜଣ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହି ନିଯୁକ୍ତି ଘଟଣାକୁ ନେଇ ଗୃହରକ୍ଷୀ ପରୀକ୍ଷାରେ ଅସଫଳ ହୋଇଥିବା ପରୀକ୍ଷାର୍ଥୀ କହିଛନ୍ତି, ଗୃହରକ୍ଷୀ ଚାକିରି ପାଇଁ ପଞ୍ଚମ ପାସ୍ ଆବଶ୍ୟକତା ଥିଲା କିନ୍ତୁ ଅଧିକ ପଢ଼ିଥିବା ପ୍ରାର୍ଥୀ ପରୀକ୍ଷା ଦେଇଥିଲେ । ଯାହା ସମ୍ବଲପୁର ଜିଲ୍ଲାର ବେକାର ସମସ୍ୟାକୁ ପଦାରେ ପକାଇଥିଲା । ଓଡ଼ିଶାର ଅନ୍ୟତମ ଶିଳ୍ପବହୁଳ ଜିଲ୍ଲା ହୋଇଥିଲେ ମଧ ଏତେ ସଂଖ୍ୟାରେ ବେକାର ରହିଥିବା ଜଣାପଡ଼ିଥିବା କହିଛନ୍ତି । ରାଜ୍ୟ ବାହାରୁ ହଜାର ହଜାର ଯୁବକ ଯୁବତୀ ସମ୍ବଲପୁର ଜିଲ୍ଲାର ଶିଳ୍ପାନୁଷ୍ଠାନଗୁଡ଼ିକରେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀଙ୍କୁ ସୁଯୋଗ ବା ନିଯୁକ୍ତି ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି ପୂର୍ବରୁ ଗୃହରକ୍ଷୀ ପରୀକ୍ଷାରେ ବିଫଳ ହୋଇଥିବା ଯୁବକ । ଯୁବକଙ୍କ କହିବା ଅନୁସାରେ, ଆମ ଜିଲ୍ଲାରେ ସବୁ ପ୍ରକାର ନିଯୁକ୍ତିର ସୁବିଧା ରହିଛି । କିନ୍ତୁ ଅନ୍ୟ ରାଜ୍ୟର ପିଲାମାନେ ଚାକିରି କରୁଛନ୍ତି । ଏଠି ବଡ଼ବଡ଼ ନେତା ମନ୍ତ୍ରୀ ମଧ ରହିଛନ୍ତି । କିନ୍ତୁ ସେମାନେ ସବୁ ଜାଣି ମଧ ଚୁପ୍ ରହୁଛନ୍ତି । ଖାଲି ନିର୍ବାଚନ ସମୟରେ ସବୁ ସୁଯୋଗ ଦେବା କଥା କହୁଛନ୍ତି । କିନ୍ତୁ ନିର୍ବାଚନ ପରେ ସବୁ ଭୁଲି ଯାଉଛନ୍ତି । ପାଞ୍ଚମ ପାସ୍ ଗୃହରକ୍ଷୀ ପରୀକ୍ଷା ପାଇଁ ୧୧ ହଜାରରୁ ଅଧିକ ଯୁବକ ଯୁବତୀ ଆବେଦନ କରିଥିଲେ । ବୟସାଧିକ୍ୟ ସହିତ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରୁ ନଥିବାରୁ ପ୍ରାୟ ୧୨୦୦ ଆବେଦନକାରୀଙ୍କୁ ଅଯୋଗ୍ୟ ବିବେଚିତ କରାଯାଇଥିବା ସୂଚନା ସେ ସମୟରେ ମିଳିଥିଲା । ତେବେ ଗୃହରକ୍ଷୀ ଲିଖିତ ପରୀକ୍ଷାରେ ପାସ୍ କରାଇଦେବା ପାଇଁ ଟଙ୍କା କାରବାର ଅଭିଯୋଗରେ ଧନୁପାଲି ପୁଲିସ ଗତ ମାସ ୨୨ ତାରିଖରେ ଚାରଭାଟି ଅଞ୍ଚଳର ଦିଲୀପ ସାହୁ (୪୬) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା । ଦିଲୀପ ଲିଖିତ ପରୀକ୍ଷାରେ ପାସ୍ କରାଇଦେବା କହି ୬ ଜଣ ପରୀକ୍ଷାର୍ଥୀଙ୍କଠାରୁ ୮ ଲକ୍ଷ ୪୯ ହଜାର ୫୦୦ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା ।

# କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ୨୦୨୫, କବି ଗିରିଜା କୁମାର ବଳିୟାରସିଂ ପୁରସ୍କାର ପାଇଁ ମନୋନିତ

**ଭୁବନେଶ୍ୱର(ଏନ୍.ଏମ୍.) :** ଉତ୍କର୍ଷ ସାହିତ୍ୟ ସାଧନା ତାଙ୍କୁ ସମାଜର ସର୍ବୋଚ୍ଚ ସ୍ଥାନକୁ ନେଇ ଆସିଛି । ତାଙ୍କର ଲେଖାରେ ସମାଜ ଶୃଙ୍ଖଳିତ ହେବାର ବାର୍ତ୍ତା ମିଳେ । ସୁସ୍ଥ ସମାଜ ଗଠନ ନିମନ୍ତେ ଅବିରତ ଲେଖନୀ ଚାଳନା କରି ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି କବି ଗିରିଜା କୁମାର ବଳିୟାରସିଂ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ୨୦୨୫ ବର୍ଷ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି । ଏଥିରେ ଓଡ଼ିଶାରୁ ବିଶିଷ୍ଟ କବି ଗିରିଜା କୁମାର ବଳିୟାରସିଂ କବିତା ବିଭାଗ ପାଇଁ ମନୋନିତ ହୋଇଛନ୍ତି । ବିଭିନ୍ନ ଭାଷାରେ ସାରା ଭାରତର ବିଶିଷ୍ଟ ଲେଖକମାନଙ୍କୁ ଏକାଡେମୀ ପକ୍ଷରୁ ଚୟନ କରାଯାଇଛି । ସେ କବିତା ସଂକଳନ ପାଦପୂରଣ ପାଇଁ ପାଇବେ ପୁରସ୍କାର । ୨୦୨୦ ମସିହାରେ ପ୍ରକାଶିତ ଗିରିଜା କୁମାର ବଳିୟାରସିଂଙ୍କ କବିତା ସଂକଳନ 'ପାଦପୂରଣ' ପାଇଁ ସେ ଏହି ସମ୍ମାନ ପାଇବାକୁ ଯାଉଛନ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା, ତେଲୁଗୁ, ତାମିଲ, ମେ ?ଥିଲି, କନ୍ନଡ଼, ଉର୍ଦ୍ଦୁ, କାଶ୍ମୀରୀ, ଇଂରାଜୀ ଆଦି ୨୪ଟି ଭାଷାରେ ଏହି ପୁରସ୍କାର ପ୍ରଦାନ କରାଯାଉଛି ।

**ବଛାବଛା ସଂକଳିତ ପୁସ୍ତକ ପୁରସ୍କାର ପାଇଁ ମନୋନିତ :**

କବିତା ପାଇଁ ୮ଟି ସଂକଳନ, ୪ଟି ଉପନ୍ୟାସ, ୨ଟି ପ୍ରବନ୍ଧ, ୧ଟି ସାହିତ୍ୟ ସମାଲୋଚନା, ୧ଟି ଆତ୍ମଜୀବନୀ ଓ ୨ଟି ଆତ୍ମଅନୁଭୂତି ପୁସ୍ତକ ୨୦୨୫ ପୁରସ୍କାର ପାଇଁ ବିଭିନ୍ନ ଭାଷାରୁ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପୁରସ୍କାର ରାଶିରେ ଲେଖକଙ୍କୁ ଉପଢ଼େ ?କନ, ଉତ୍ତରୀୟ ସାଙ୍ଗକୁ ୧ ଲକ୍ଷ ଟଙ୍କା ଦିଆଯିବ । ମାର୍ଚ୍ଚ ୩୧ ତାରିଖ ଦିନ ନୂଆଦିଲ୍ଲୀଠାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି ।

**ଚୟନ କରିଥିଲେ ଜୁରି କମିଟି :**

ପୁରସ୍କାର ଚୟନ ପାଇଁ ଜୁରି କମିଟି ପକ୍ଷରୁ ଜାନୁଆରି ମାସରୁ ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଥର ଓଡ଼ିଆ ଭାଷା ପାଇଁ ଚୟନ କମିଟିରେ ବିଶିଷ୍ଟ ଲେଖିକା ଗାୟତ୍ରୀ ସରାଫ, ଡ. ଜୟନ୍ତୀ ରଥ ଓ ବିଶିଷ୍ଟ ଲେଖକ ଶ୍ରୀ ଶ୍ୟାମା ପ୍ରସାଦ ଚୌଧୁରୀ ସାମିଲ ହୋଇଥିଲେ ।




# ସ୍ୱତନ୍ତ୍ର ସଚିବଙ୍କୁ ଅଗ୍ନିକାଣ୍ଡ ସୁରକ୍ଷା ଦାୟିତ୍ୱ ଉନ୍ନୟନ, ଶିଳ୍ପ ପ୍ରକଳ୍ପ ଭଳି ଅଗ୍ନି ସୁରକ୍ଷାକୁ ଗୁରୁତ୍ୱ ଦିଅ : ମୁଖ୍ୟ ସଚିବ



**ଭୁବନେଶ୍ୱର(ଏନ୍.ଏମ୍.) :** ଏଣିକି ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଥା ସ୍ୱାସ୍ଥ୍ୟ ବିଭାଗର ଜଣେ ସ୍ୱତନ୍ତ୍ର ଶାସନ ସଚିବ ବୁଝିବେ । ସେହିପରି ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାରୀ କୋଠା ନିର୍ମାଣ ସମୟରେ ବିଲ୍ଡିଂ ପ୍ଲାନ ଅନୁମୋଦନ କରାଯିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡ଼ିକରେ ଅଗ୍ନିଶମ ପ୍ରସ୍ତୁତିକୁ ବ୍ୟାପକ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । କଟକସ୍ଥିତ ଏସସିବି ମେଡିକାଲ୍ରେ ଭୟାବହ ଅଗ୍ନିକାଣ୍ଡ ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ଲୋକସେବା ଭବନରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ନିୟମିତ ଭାବରେ ଅଗ୍ନି ନିର୍ବାପନ ଉପକରଣଗୁଡିକୁ ଯାଞ୍ଚ କରିବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକ ସ୍ଥଳେ ତୃତୀୟ ପକ୍ଷ ଅଡିଟ୍ କରାଇବା ପାଇଁ କୁହାଯାଇଛି । ଜିଲାସ୍ତରରେ ଅଗ୍ନି ନିରାପତ୍ତା ସମ୍ପର୍କିତ ଅଭ୍ୟାସକୁ ଅଧିକରୁ ଅଧିକ ଆୟୋଜନ କରିବାକୁ ଜିଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ମୁଖ୍ୟ ଶାସନ ସଚିବ କହିଲେ, ଶିଳ୍ପ, ଭିତ୍ତିଭୂମି ଓ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପକୁ ଆମେ ଯେପରି ଗୁରୁତ୍ୱ ଦେଉଛୁ, ସେହିଭଳି ଅଗ୍ନି ନିରାପତ୍ତାକୁ ମଧ ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଜୀବନ ରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଥିରେ ସମ୍ପୃକ୍ତ ସମସ୍ତ ବିଭାଗ, ଅଗ୍ନିଶମ ସେବା ଓ ଜିଲାପାଳମାନେ ସର୍ବଦା ପ୍ରସ୍ତୁତିକୁ ଅଗ୍ରାଧିକାର ଦେବା ଆବଶ୍ୟକ । ବୈଠକରେ ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ସେବା ମହା ନିର୍ଦ୍ଦେଶକ ଡା. ସୁଧାଂଶୁ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଗଣଶିକ୍ଷା ବିଭାଗ ଆଦିର ସଚିବ ଯୋଗ ଦେଇଥିବା ବେଳେ ଜିଲାପାଳମାନେ ଆଭାସି ମାଧ୍ୟମରେ ଯୋଡି ହୋଇଥିଲେ ।




# ଈଶାନ କିଶନ ହାଇଦ୍ରାବାଦର ଅଧିନାୟକ



**ହାଇଦ୍ରାବାଦ(ଏଜେନ୍ସି) :** ଆସନ୍ତା ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ଆଇପିଏଲ ୨୦୨୬ର ସଂସ୍କରଣ। ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି ଓ ସନ ରାଇଜର୍ସ ହାଇଦ୍ରାବାଦ। ଏହି ମ୍ୟାଚ୍ ? ପୂର୍ବରୁ ହାଇଦ୍ରାବାଦ ପକ୍ଷରୁ ବଡ଼ ଘୋଷଣା କରାଯାଇଛି। ଆଇପିଏଲ ୨୦୨୬ର କିଛି ପ୍ରାରମ୍ଭିକ ମ୍ୟାଚ୍‌ରେ ଈଶାନ କିଶନଙ୍କୁ ଦଳର ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଓପନର ଅଭିଷେକ ଶର୍ମାଙ୍କୁ ଟିମର ଉପ ଅଧିନାୟିକ ଦାୟିତ୍ୱ ଦିଆଯାଇଛି। ଦଳର ନିୟମିତ ଅଧିନାୟକ ପାଟ କମିନ୍ସ ଏବେ ବି ପିଠି ଜନିତ ଆହତ ସମସ୍ୟାରୁ ମୁକୁଳି ନାହାନ୍ତି। ଏଥିପାଇଁ ସେ ଟି-୨୦ ବିଶ୍ୱକପ ମଧ ଖେଳି ନଥିଲେ। ସେ ସୁସ୍ଥ ହେବା ଯାଏ ହାଇଦ୍ରାବାଦର କମାଣ ଈଶାନଙ୍କ ହାତରେ ରହିବ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ ବିଧିବଦ୍ଧ ଭାବେ ଆଜି ଘୋଷଣା କରାଯାଇଛି।

ଟି-୨୦ ବିଶ୍ୱକପରେ ଭାରତ ପାଇଁ ଦମଦାର ପ୍ରଦର୍ଶନ କରିଥିଲେ ଈଶାନ। ସେ ୧୯୩ ଷ୍ଟ୍ରାଇକ ରେଟରେ ୩୧୭ ରନ କରିଥିଲେ। ଏହାପୂର୍ବରୁ ତାଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ସୟିଦ ମୁସ୍ତାକ ଅଲୀ ଟ୍ରଫି ମଧ ଜିତିଥିଲା। ଏବେ ଈଶାନ ଜବରଦସ୍ତ ଫର୍ମରେ ଥିବାରୁ କମିନ୍ସଙ୍କ ଅନୁପସ୍ଥିତରେ ସେ ହାଇଦ୍ରାବାଦର କ୍ୟାପ୍ଟେନ୍ସି ସମ୍ଭାଳିବେ। ତେବେ କମିନ୍ସ ଆଇପିଏଲର କେତୋଟି ମ୍ୟାଚ୍‌ରେ ଉପଲବ୍ଧ ରହିବେ ନାହିଁ, ସେକଥା ସ୍ପଷ୍ଟ ହୋଇନି। କିନ୍ତୁ ଅଷ୍ଟ୍ରେଲିଆର ଦଳର ଅଧିନାୟକ କମିନ୍ସ ମାର୍ଚ୍ଚ ୨୩ରେ ଆରମ୍ଭ ହେଉଥିବା ହାଇଦ୍ରାବାଦ କ୍ୟାମ୍ପରେ ଯୋଗଦେବେ। ସେ ହାଇଦ୍ରାବାଦ ଟିମ ସହ ରହି ରିହ୍ୟାବ କରିବେ।

ହାଇଦ୍ରାବାଦ ପ୍ରଥମ ମ୍ୟାଚ୍ ୨୮ରେ ଖେଳିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଏପ୍ରିଲ ୨ରେ କେକେଆର ବିପକ୍ଷରେ ଖେଳିବ। ଏପ୍ରିଲ ୫ରେ ଦଳ ନିଜ ହୋମ ଗ୍ରାଉଣ୍ଡରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ଭେଟିବ।

୩୨ ବର୍ଷୀୟ କମିନ୍ସ ଡିସେମ୍ବର ମାସରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ଆଶେସ ଟେଷ୍ଟର ପ୍ରଥମ ମ୍ୟାଚ୍ ? ପରଠାରୁ ଆଉ ସେ ଖେଳି ନାହାନ୍ତି। ହେଲେ ଆଇପିଏଲ ଜରିଆରେ ସେ କମବ୍ୟାକ କରିବେ ବୋଲି ଜଣାପଡ଼ିଛି। କମିନ୍ସ ଏଯାଏ ହାଇଦ୍ରାବାଦର ନେତୃତ୍ୱ ୩୦ଟି ମ୍ୟାଚ୍ ?ରେ ନେଇଥିବା ବେଳେ ଦଳ ୧୫ଟି ଜିତିଛି ଓ ୧୪ଟି ହାରିଛି। ଗୋଟିଏ ମ୍ୟାଚର ରେଜଲ୍ଟ ବାହାରି ପାରି ନଥିଲା। ୨୦୨୪ରେ କମିନ୍ସଙ୍କ ନେତୃତ୍ୱରେ ହାଇଦ୍ରାବାଦ ଆଇପିଏଲ ଫାଇନାଲ ଖେଳିଥିଲା। ହେଲେ ଦଳକୁ କୋଲକାତା ଠାରୁ ହାରିବାକୁ ପଡ଼ିଥିଲା। ୨୦୨୫ରେ ଦଳ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଥିଲା।

## ଜାତୀୟ ବରିଷ୍ଠ ଥ୍ରୋବଲ୍
# ଓଡ଼ିଶାକୁ କାଂସ୍ୟ



**ଭୁବନେଶ୍ୱର(ଏନ୍.ଏମ୍.) :** କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଧିରେ ଧିରେ ଆଗକୁ ବଢ଼ିଛି। ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଆ ଖେଳାଳୀମାନେ ନିଜର ସ୍ଥିତି ବଜାୟ ରଖିବାରେ ସଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରପ୍ରଦେଶର ତିରୁପତି ଠାରେ ଆୟୋଜିତ ୩୪ତମ ବରିଷ୍ଠ ଫେଡେରେସନ୍ କପ୍ ଥ୍ରୋବଲ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଛନ୍ତି। ଓଡ଼ିଶା ତା'ର ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ରାଜସ୍ଥାନ, ଦିଲ୍ଲୀ ଓ କେରଳକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା। ହେଲେ ସେଠାରେ ଦୁର୍ଭାଗ୍ୟଜନକ ଭାବେ ମଧ୍ୟପ୍ରଦେଶ ଠାରୁ ପରାଜିତ ହୋଇ ତୃତୀୟ ଓ ଚତୁର୍ଥ ସ୍ଥାନ ମ୍ୟାଚ୍ ଖେଳିଥିଲା।

ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ତାମିଲନାଡୁକୁ ହରାଇ କାଂସ୍ୟ ପଦକ କରାୟତ୍ତ କରି ନେଇଥିଲା। ଓଡ଼ିଶା ଦଳର ସୁଶାନ୍ତ କୁମାର ଦାସ ପୂରା ପ୍ରତିଯୋଗିତାରେ ବ୍ୟକ୍ତିଗତ ଭାବେ ଚମତ୍କାର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ରାଜ ଥ୍ରୋବଲ୍ ସଂଘର ସଭାପତି ଭୂପୀନ୍ଦର ସିଂହ, ସଂପାଦକ ଜିତେନ୍ଦ୍ର ନାଥ ଦାସ, ଯୁଗ୍ମ ସଂପାଦକ ଯଶୋବନ୍ତ ପରମଗୁରୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତା ଲାଗି ଓଡ଼ିଶା ମହିଳା ଦଳ ମଧ ଯୋଗ୍ୟତା ଅର୍ଜନ କରିଥିଲା। ହେଲେ ସରକାରୀ ଅନୁଦାନ ଗତ ଦୁଇବର୍ଷ ହେବ ବନ୍ଦ ହୋଇଯାଇଥିବାରୁ ଚଳିତବର୍ଷ ତିରୁପତି ଯାଇ ଏଥିରେ ଅଂଶଗ୍ରହଣ କରି ପାରି ନଥିଲା। ନିଜସ୍ୱ ଉଦ୍ୟମରେ ସଂପାଦକ ଜିତେନ୍ଦ୍ରନାଥ ଦାସ ପୁରୁଷ ଦଳକୁ ତିରୁପତି ପଠାଇଥିଲେ। ହେଲେ ସରକାରୀ ଉଦାସିନତା ପାଇଁ ଏହା ସମ୍ଭବ ହେଲାନି ବୋଲି ସେ ଦୁଃଖର ସହ କହିଛନ୍ତି। ତେବେ ଅଗାମୀ ସମୟରେ ଓଡ଼ିଶା ଦଳକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସଭାପତି ଭୂପୀନ୍ଦର ସିଂହ ପ୍ରତିଶ୍ରୁତି ଦେଇଥିବାରୁ ଶ୍ରୀ ଦାସ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ଓଡ଼ିଶା ଦଳକୁ ପୁଣି ଥରେ ସହାୟତାର ହାତ ବଢ଼ାଇବାକୁ ରାଜ୍ୟ କ୍ରୀଡ଼ା ବିଭାଗକୁ ଅନୁରୋଧ କରିଛନ୍ତି।



# ସୁପରଷ୍ଟାର୍ ସଂସ୍କୃତି ଏକ ରୋଗ: ଅଶ୍ୱିନ

**ଚେନ୍ନାଇ(ଏଜେନ୍ସି) :** ଭାରତୀୟ କ୍ରିକେଟ୍ ଦଳରେ ସୁପରଷ୍ଟାର ସଂସ୍କୃତିକୁ ସମାଲୋଚନା କରିଛନ୍ତି ଭାରତୀୟ ଦଳର ପୂର୍ବତନ ସ୍ପିନର ରବିଚନ୍ଦ୍ରନ୍ ଅଶ୍ୱିନ। ଏହା ଏକ ପ୍ରକାରର ରୋଗ ବୋଲି ମଧ ସେ କହିଛନ୍ତି। ପୂର୍ବରୁ କିମ୍ବଦନ୍ତି ବ୍ୟାଟର୍ ସୁନୀଲ ଗାଭାସ୍କର୍ ଓ ଭାରତୀୟ ଦଳର ବର୍ତ୍ତମାନ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ମଧ ସୁପରଷ୍ଟାର୍ ସଂସ୍କୃତି ବିରୋଧରେ ମତ ରଖିଥିଲେ। ଏବେ ଏହି ତାଲିକାରେ ଅଶ୍ୱିନ ଯୋଗ ଦେଇଛନ୍ତି। ଅଶ୍ୱିନ କହିଛନ୍ତି ଯେ ସୋସିଆଲ୍ ମିଡିଆରେ ବିଭିନ୍ନ କ୍ରିକେଟ୍ ତାରକାଙ୍କ 'ଫ୍ୟାନ୍ ଆର୍ମି' ବା ପ୍ରଶଂସକ ବାହିନୀ ଅଛନ୍ତି। ଏସବୁ ବାହିନୀଗୁଡ଼ିକ ମାଧ୍ୟମରେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥାଏ। ବେଳେବେଳେ ଏପରି ହୁଏ ଯେ ଦଳର ଭୋଜନ ସମୟରେ ଯେଉଁ ପ୍ରସଙ୍ଗରେ ଚର୍ଚ୍ଚା ହେଉଥାଏ କିଛି ସମୟ ପରେ ଠିକ୍ ସେହି ପ୍ରସଙ୍ଗରେ ସୋସିଆଲ ମିଡିଆରେ ଏକ ଭିନ୍ନ ନାଁରେ ଲେଖାଯାଏ। ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ, ଏହା କିପରି ହେଉଛି, ଭିତରୁ କିଛି ସୂଚନା ମିଳୁଥାଇପାରେ ମୁଁ କହୁନାହିଁ ଯେ ଖେଳାଳିମାନେ ନିଜେ ଏସବୁ ପ୍ରସଙ୍ଗ ଲିକ୍ କରୁଛନ୍ତି, କିନ୍ତୁ ଏହା ଏକ ଚିନ୍ତାର ବିଷୟ। ସେ ସ୍ୱୀକାର କରିଛନ୍ତି ଯେ ଆଜିକାଲି ଖେଳାଳିମାନଙ୍କର ନିଜସ୍ୱ ବ୍ରାଣ୍ଡ୍ ମୂଲ୍ୟ ଅଛି। ସୋସିଆଲ୍ ମିଡିଆ ମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିବା ଦ୍ୱାରା ସେମାନଙ୍କ ବ୍ରାଣ୍ଡମୂଲ୍ୟ ବୃଦ୍ଧି ପାଏ ଓ ସେମାନଙ୍କ ଜନସଂପର୍କ ଉନ୍ନତ ହୁଏ। "କିନ୍ତୁ ଏହାର ଏକ ସୀମା ଅଛି। ଅନ୍ୟ ଜଣେ ଖେଳାଳିଙ୍କ ସମ୍ପର୍କରେ ନକାରାତ୍ମକ ମତାମତ ଦିଆଯିବା ଭଳି କାମ ମୁଁ କେବେ କରିପାରିବି ନାହିଁ'' ସେ କହିଛନ୍ତି।

# ଜୁଭେନାଇଲକୁ ହରାଇ କ୍ୱାର୍ଟରରେ ରେଡ ଷ୍ଟାର୍



ଏଲଏଲସିସି କପ

**ଭୁବନେଶ୍ୱର(ଏଜେନ୍ସି) :** ସ୍ଥାନୀୟ ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରେଡ ଷ୍ଟାରର ବଡ଼ ବିଜୟ। ଆଜି ପ୍ରି-କ୍ୱାର୍ଟର ଫାଇନାଲରେ ଦଳ କଟକର ଜୁଭେନାଇଲ କ୍ଲବକୁ ୪୫ ରନରେ ହରାଇ ଦେଇଛି। ଏହି ବିଜୟ ସହ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ମୁଖ୍ୟ ପ୍ରତିଯୋଗିତାକୁ ଆସିଥିବା ରେଡ ଷ୍ଟାର କ୍ୱାର୍ଟର ଫାଇନାଲରେ ପହଞ୍ଚି ଯାଇଛି। ଆଜିର ମ୍ୟାଚ୍ ?ରେ ଟସ୍ ? ଜିତି ପ୍ରଥମେ ବ୍ୟାଟିଂ କରୁଥିବା ରେଡ ଷ୍ଟାର ନିର୍ଦ୍ଧାରିତ ୩୫ ଓଭରରେ ୮ ଓ୍ୱିକେଟ ହରାଇ ୨୩୩ ରନ କରିଥିଲା। ଦଳ ୮ଟି ଓ୍ୱିକେଟ ହରାଇଥିବା ବେଳେ ୬ ଜଣ ବ୍ୟାଟର ରନ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ରେଡ ଷ୍ଟାର ପକ୍ଷରୁ ଓମ ଶ୍ରୀ ଏସ ସାହୁ ସର୍ବାଧିକ ୫୬ ରନ କରିଥିବା ବେଳେ ଅମିତ କୁମାର ସାହୁ ୪୯ ଓ ଅମ୍ରିତ କୁମାର ମହାନ୍ତି ୬୩ ରନ, ପି ହୃଷିକେଶ ରାଓ ୨୫ ରନ ଓ ଶେଷ ଭାଗରେ ବିବେକାନନ୍ଦ ବାରିକ ୨୮ ରନ କରିବାରୁ ଦଳ କିଛିଟା କମବ୍ୟାକ କରିଥିଲା। ହେଲେ ରେଡ ଷ୍ଟାରର ଘାତକ ବୋଲିଂ ଯୋଗୁ ଜୁଭେନାଇଲ ଶେଷରେ ୯ ଓ୍ୱିକେଟ ହରାଇ କେବଳ ୧୮୯ ରନ କରିପାରିଥିଲା। ରେଡ ଷ୍ଟାର ପକ୍ଷରୁ ଶେଖ ମହମ୍ମଦ ରିୟାଜ ଓ ଡିଏସ ରାଉତ ୨ଟି ଲେଖାଏ ଓ୍ୱିକେଟ ପାଇଥିବା ବେଳେ ଓମ ଶ୍ରୀ ଏସ୍ ସାହୁ, ମହମ୍ମଦ ଶାହବାଜ ସଲାମ ଓ ସ୍ମୃତି ରଞ୍ଜନ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

ଶେଖ ମହମ୍ମଦ ରିୟାଜ ଅପରାଜିତ ୨୮ ରନ କରିଥିଲେ। ଜୁଭେନାଇଲର ଦୁର୍ଗାଶିଷ ବେହେରା ଓ ଓମ ପି ବିଶ୍ୱାଳ ଗୋଟିଏ ଲେଖାଏ ଓ୍ୱିକେଟ ପାଇଛନ୍ତି।

୨୩୪ ରନର ଟାର୍ଗେଟକୁ ପିଛା କରୁଥିବା ଜୁଭେନାଇଲ କ୍ଲବ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୨ ରନରେ ୨ଟି ଓ୍ୱିକେଟ ହରାଇଥିଲା। ଏହାପରେ

ବ୍ୟାଟିଂରେ ୪୦ ବଲରେ ୫୯ ଓ ବୋଲିଂରେ ଗୋଟିଏ ଓ୍ୱିକେଟ ପାଇଥିବା ଓମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଓସିଏମ ପ୍ୟାନେଲ ଅମ୍ପାୟାର ଅବଦୁଲ ରହିମ ଖାନ ଓ ଆଶିଷ ସାହୁ ଦେଇଛନ୍ତି।

# ଖେଳାଳି ଗ୍ରେଡ୍ ବ୍ୟବସ୍ଥାର ପୁନଃସମୀକ୍ଷା କରିବ ବିସିସିଆଇ !

**ମୁମ୍ବାଇ(ଏଜେନ୍ସି) :** ଗତ ମାସରେ ବିସିସିଆଇ ଖେଳାଳିଙ୍କ ଗ୍ରେଡ୍ ବ୍ୟବସ୍ଥାର ସଂଶୋଧନ କରି 'ଏ' ପ୍ଲସ୍ ବର୍ଗକୁ ହଟାଇଦେଇଥିଲା। ବୋର୍ଡ ପକ୍ଷରୁ କୁହାଯାଇଥିଲା ଯେ ଏହି ବର୍ଗରେ ଯଥେଷ୍ଟ ସଂଖ୍ୟକ ଖେଳାଳି ନ ଥିବାରୁ ଏହାକୁ ହଟାଯାଇଛି। ତେବେ ମିଳିଥିବା ସୂଚନା ଅନୁସାରେ ପୁଣି ଥରେ ଏହି ବ୍ୟବସ୍ଥାର ସମୀକ୍ଷା କରାଯାଇପାରେ। କାରଣ ଏହି ନୂଆ ବ୍ୟବସ୍ଥା ଫଳରେ ଯସ୍‌ପ୍ରୀତ ବୁମରାଙ୍କ ପରି ନିୟମିତ ପ୍ରଦର୍ଶନ କରୁଥିବା ଖେଳାଳିମାନେ ଆର୍ଥିକ କ୍ଷତି ସହୁଛନ୍ତି। ବୁମରା ୨୦୧୮-୨୯ କ୍ରିକେଟ୍ ଋତୁରୁ 'ଏ' ପ୍ଲସ୍ ବର୍ଗରେ ରହିଆସିଛନ୍ତି ଓ ସେହି ଅନୁସାରେ ପାଉଣା ପାଉଥିଲେ। କିନ୍ତୁ ଚଳିତ ଋତୁ ପାଇଁ ବିସିସିଆଇ ନୂଆ କଣ୍ଟ୍ରାକ୍ଟ ବ୍ୟବସ୍ଥା ସମ୍ପର୍କରେ ଖେଳାଳିମାନଙ୍କୁ କୌଣସି ସୂଚନା ଦେଇନାହିଁ। ପୂର୍ବରୁ ବୁମରାଙ୍କ ସମେତ ଏହି ବର୍ଗରେ ବିରାଟ କୋହଲି, ରୋହିତ ଶର୍ମା ଓ ରବୀନ୍ଦ୍ର ଜାଦେଜାଙ୍କ ପରି ଖେଳାଳି ଥିଲେ, ଯେଉଁମାନେ କ୍ରିକେଟ୍‌ର ତିନୋଟି ଫର୍ମାଟ୍‌ରେ ଖେଳୁଥିଲେ। କିନ୍ତୁ ବିରାଟ ଓ ରୋହିତ ଟ୍ୱେଣ୍ଟି-୨୦ ଓ ଟେଷ୍ଟ ଫର୍ମାଟ୍‌ରୁ ଅବସର ନେଇଥିବା ବେଳେ ଜେଦେଜା ଟ୍ୱେଣ୍ଟି-୨୦ରୁ ଅବସର ନେଇଛନ୍ତି। ଏଣୁ କେବଳ ବୁମରା ଏକମାତ୍ର ଖେଳାଳି ଯିଏକି 'ଏ' ପ୍ଲସ୍ ବର୍ଗରେ ଥିଲେ। ଏହି ବର୍ଗ ହଟିବା ପରେ ବୁମରା କ୍ଷତି ସହିବାର ସମ୍ଭାବନା ରହିଛି। ପୂର୍ବରୁ 'ଏ' ପ୍ଲସ୍ ଖେଳାଳିମାନେ ବର୍ଷକୁ ୭ କୋଟି ପାଉଥିବାବେଳେ 'ଏ', 'ବି' ଓ 'ସି' ଖେଳାଳିମାନେ ଯଥାକ୍ରମେ ୫, ୩ ଓ ୧ କୋଟି ଟଙ୍କା ପାଉଥିଲେ।

# ଆକ୍ରୋପଲିସ ଓପନ୍ ଉସୁ : ସାବିନୀଙ୍କୁ ସ୍ୱର୍ଣ୍ଣ



**ଭୁବନେଶ୍ୱର(ଏନ୍.ଏମ୍.) :** ଗ୍ରିସ୍‌ରେ ଆୟୋଜିତ ଷଷ୍ଠ ଅକ୍ରୋପଲିସ ଇଣ୍ଟର୍‌ନ୍ୟାସ୍‌ନାଲ୍‌ଉସୁ ଓପନ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ମହିଳା ଉସୁ ସାଣ୍ଡା ୩୯ କେଜି ବର୍ଗରେ ସାବିନୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ସାଣ୍ଡା ୪୮ କେଜି ବର୍ଗରେ ମଞ୍ଜୁ ରୌପ୍ୟ ପାଇଥିଲେ। ଏହି ୨ ପଦକ ସହ ଏହି ପ୍ରତିଯୋଗିତାରେ ଭାରତକୁ ମୋଟ ୨୪ ପଦକ ମିଳିଛି। ଏଥିରେ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୮ କାଂସ୍ୟ ରହିଛି। ଗତ ସଂସ୍କରଣରେ ଭାରତ ଏହି ପ୍ରତିଯୋଗିତାରେ ୯ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୨୨ ପଦକ ଜିତିଥିଲା।

# ଆର୍ଥିକ ନିୟମ ଉଲ୍ଲଂଘନରେ ଚେଲ୍‌ସିକୁ ୧୩୧ କୋଟି ଜରିମାନା, ଟ୍ରାନ୍ସଫର୍ ବାନ୍

**ଲଣ୍ଡନ(ଏଜେନ୍ସି) :** ଇପିଏଲ୍ (ଇଂଲିସ୍ ପ୍ରିମିୟର୍ ଲିଗ୍) ଇତିହାସର ଅନ୍ୟତମ ବୃହତ୍ ଆର୍ଥିକ ଦଣ୍ଡରେ ଦଣ୍ଡିତ ହୋଇଛି ଇଂଲଣ୍ଡର ପ୍ରତିଷ୍ଠିତ ଫୁଟବଲ କ୍ଲବ୍ ଚେଲ୍‌ସି। ଲିଗ୍‌ର ଆର୍ଥିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଏହି କ୍ଲବ୍‌କୁ ୧୩୧ କୋଟି ଟଙ୍କା ଜରିମାନା କରାଯାଇଛି। ସେହିଭଳି କ୍ଲବ୍‌ର ଖେଳାଳି କିଣାବିକା ଅଧିକାର ଉପରେ ଗୋଟିଏ ବର୍ଷର ବାସନ୍ଦାଦେଶ ଜାରି କରାଯାଇଛି। ୪ବର୍ଷ ତଳେ ଚେଲ୍‌ସି ଅଧିକାରୀମାନେ କ୍ଲବ୍‌ର ଆର୍ଥିକ କାରବାରରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ନିଜ ଆଡ଼ୁ ଇଂଲଣ୍ଡ ଫୁଟ୍‌ବଲ୍ ମହାସଂଘକୁ ଜଣାଇଥିଲେ। ତଦନ୍ତ ପରେ ୨୦୧୧ରୁ ୨୦୧୮ମସିହା ମଧ୍ୟରେ କ୍ଲବ୍‌ର ମାଲିକାନା ହସ୍ତାନ୍ତରରେ ଲିଗ୍‌ର ପ୍ରଚଳିତ ଆର୍ଥିକ ନିୟମକୁ ଉଲ୍ଲଂଘନ କରାଯାଇଥିବା ଜଣାପଡ଼ିଥିଲା। କ୍ଲବ୍‌କୁ ଜଣେ କିଣିଥିଲେ ମଧ ଅନ୍ୟଜଣେ ବେଆଇନଭାବେ ପୁଞ୍ଜି ନିବେଶ କରିଥିଲେ। ସେହିଭଳି କ୍ଲବ୍‌ର ଖେଳାଳି ତଥା ଅଣପଞ୍ଜିକୃତ ଏଜେଣ୍ଟ ଓ ଅଧିକାରୀଙ୍କ ସହ କିଛି ବାହାର ଲୋକ ମଧ ବେଆଇନ ଭାବେ ଅର୍ଥ ନେଣଦେଣ କରିଥିଲେ। ଚେଲ୍‌ସି ଏହି ଦଣ୍ଡକୁ ଗ୍ରହଣ କରି ନେଇଥିବା ଜଣାପଡ଼ିଛି। ସେହିଭଳି କ୍ଲବ୍ ଆସନ୍ତା ୯ ମାସ ପର୍ଯ୍ୟନ୍ତ ଏକାଡେମୀସ୍ତରୀୟ ଖେଳାଳିଙ୍କ ସହ ଚୁକ୍ତି କରିବା ଉପରେ ମଧ ବାସନ୍ଦାଦେଶ ଜାରି କରାଯାଇଛି।

# ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରୁ ଓହରିବା ନିଷ୍ପତ୍ତିର ତଦନ୍ତ କରିବ ବାଂଲାଦେଶ



**ମୀରପୁର(ଏଜେନ୍ସି) :** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରୁ କେଉଁ ପରିସ୍ଥିତିରେ ବାଂଲାଦେଶ ଓହରିଲା ସେ ନେଇ ଏକ ତଦନ୍ତ କମିଟି ଗଠନ କରିବେ ବାଂଲାଦେଶର ନୂଆ ସରକାର। ଏ ନେଇ କ୍ରୀଡ଼ା ମନ୍ତ୍ରୀ ଅମିନୁଲ୍ ହକ୍। ସେ କହିଛନ୍ତି ଯେ ସରକାର ଜାଣିବାକୁ ଚେଷ୍ଟା କରିବେ କେଉଁ କାରଣରୁ ବାଂଲାଦେଶ ଦଳ ବିଶ୍ୱକପ୍ ଖେଳିପାରିଲା ନାହିଁ। ବିଶ୍ୱକପ୍ ହେଲା, କିନ୍ତୁ କ୍ରୀଡ଼ା କୂଟନୀତିର ଅଭାବ ଯୋଗୁଁ ଦଳ ଭାଗ ନେଇପାରିଲା ନାହିଁ। ଏହି କମିସନ ଗଠନ ମାଧ୍ୟମରେ ସରକାର କେଉଁଠି ସମସ୍ୟା ରହୁଛି ଓ କୂଟନୀତିରେ କଣ ଅଭାବ ରହୁଛି ତାହା ଜାଣିବାକୁ ଚେଷ୍ଟା କରିବେ। ଏଥିପାଇଁ ଏକ ତଦନ୍ତ କମିଟି ଗଠନ କରାଯିବ ଯାହାକି ମୂଳ ସମସ୍ୟା ଜାଣିବାକୁ ଚେଷ୍ଟା କରିବ, ଏ ନେଇ କ୍ରିକେଟ୍ ବୋର୍ଡ ଓ ଅନ୍ୟ ସଂପୃକ୍ତ ପକ୍ଷମାନଙ୍କୁ ପଚରାଉଚୁରା କରିବ ଓ ସରକାରଙ୍କ ନିଜର ତଦନ୍ତ ରିପୋର୍ଟ ପ୍ରଦାନ କରିବ। ଏହାପୂର୍ବରୁ ମହମ୍ମଦ ମିଥୁନଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟ୍ କଲ୍ୟାଣ ସଂଘର ଏକ ପ୍ରତିନିଧିମଣ୍ଡଳ ତାଙ୍କୁ ଭେଟିଥିଲେ ଓ ଏହି ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଥିଲେ। ଏହି ବୈଠକ ଅବସରରେ ଉଚିତ ତଦନ୍ତ ଓ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ପ୍ରତିଦିନ ଆପଣଙ୍କୁ ତାଜା ଖବର ଦେବା ପାଇଁ
ନିଷ୍କର୍ଷ ମିଡିଆ ଅଙ୍ଗୀକାରବଦ୍ଧ
ତେଣୁ ଆପଣ ନିଷ୍କର୍ଷ ସାପ୍ତାହିକଖବରକାଗଜ, ନିଷ୍କର୍ଷ ପୋର୍ଟାଲ, ୟୁଟ୍ୟୁବ ଚାନେଲ ସହ ୨୪ଘଣ୍ଟିଆ ଚାନେଲ ଏନଟିଭି ଦେଖନ୍ତୁ ସର୍ଚ୍ଚ କରନ୍ତୁ
nishkarsha.com

## ଏଲ୍ଏଲ୍‌ସିସି କପ୍
# ପ୍ରଥମ ରାଉଣ୍ଡରୁ ଟାଉନ୍ କ୍ଲବ ଆଉଟ୍



**ମୁମ୍ବାଇ(ଏଜେନ୍ସି) :** ସ୍ଥାନୀୟ ଆଇଆରସିରେ ଚାଲିଥିବା ୫ମ ଏଲଏଲସିସି ୧୪ ବର୍ଷରୁ କମ ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି ଟାଉନ କ୍ଲବ। ଆଜି ଦଳ ପାରାମାଉଣ୍ଟ ସ୍ପୋର୍ଟିକୁ ଭେଟିଥିବା ବେଳେ ୩୮ ରନରେ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୮ ଓ୍ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ପ୍ରୀତମ ପି ରାଉତ ୫୫ ରନ ଓ ସୁସଙ୍କେତ ରାଉତରାୟ ୫୫ ବଲରେ ୬୨ ରନର ଇନିଂସ ଖେଳିଥିଲେ। ସେହିପରି ଟାଉନ କ୍ଲବର ଅଜିତ ପ୍ରଧାନ, ସୁକାନ୍ତ କୁମାର ବେହେରା ଓ ଆଦର୍ଶ ବିଶ୍ୱାଳଙ୍କୁ ୨ଟି ଲେଖାଏ ଓ୍ୱିକେଟ ମିଳିଥିଲା। ନିଶାନ୍ତ ବାବୁ ଗୋଟିଏ ଓ ଦଳକୁ ରନ ଆଉଟ ରୂପରେ ଆଉ ଗୋଟିଏ ସଫଳତା ମିଳିଥିଲା। ୨୧୫ ରନର ଟାର୍ଗେଟ ପାଇଥିବା ଟାଉନ ପ୍ରଥମ ଓ୍ୱିକେଟ ପାଇଁ ୫୧ ରନ ଯୋଡ଼ିଥିଲା। ଅଧିନାୟକ ଆଦର୍ଶ ବିଶ୍ୱାଳ ମଧ ୬୨ ବଲରେ ଅପରାଜିତ ୭୨ ରନର ଇନିଂସ ଖେଳିଥିଲେ। କିନ୍ତୁ ଅନ୍ୟ ବ୍ୟାଟରଙ୍କ ଧିମା ବ୍ୟାଟିଂ ଯୋଗୁ ଟାଉନ କ୍ଲବ ନିର୍ଦ୍ଧାରିତ ୩୫ ଓଭରରେ ୫ ଓ୍ୱିକେଟ ହରାଇ କେବଳ ୧୭୬ ରନ କରିପାରି ଥିଲା। ଦଳ ପକ୍ଷରୁ ପ୍ରତୀକ ରାୟ ୩୭ ବଲରେ ୧୬, ସାଇସ୍ୱରୂପ ୩୨ ବଲରେ ୨୩, ଆୟୁଷ୍ମାନ ମହାନ୍ତି ୪୦ ବଲରେ ୨୦ ଓ ନିଶାନ୍ତ ବାବୁ ୧୩ ବଲରେ ଖାତା ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ଟାଉନ କ୍ଲବର ବ୍ୟାଟର ଧିମା ବ୍ୟାଟିଂ କରିବାରୁ ପାରାମାଉଣ୍ଟ ୩୮ ରନରେ ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ ପାଇଁ ଶାଜେବ ଆଲାମ ୭ ଓଭରରେ ୫ଟି ମେଡନ ସହ ୧୬ ରନ କରି ୨ଟି ଓ୍ୱିକେଟ ଦଖଲ କରିଛନ୍ତି। ଏହି ଘାତକ ବୋଲିଂ ଏଲଏଲସିସିର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ କୁମାର ତ୍ରିପାଠୀ, ସମ୍ବିତ କୁମାର ମିଶ୍ର ଓ ଶାଶ୍ୱତ ଶୁଭମଙ୍କୁ ଗୋଟିଏ ଲେଖାଏ ଓ୍ୱିକେଟ ମିଳିଛି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com & nishkarsha.site
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ